

ଜେମିମାଙ୍କୁ ୧୨ ଲକ୍ଷ ଜରିମାନା

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-213 ◆THURSDAY ◆29 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୩ ◆ଗୁରୁବାର ◆୨୯ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ

## ମହାରାଷ୍ଟ୍ରରେ ତିନି ଦିନିଆ ଶୋକ, ଅନ୍ତିମ ସଂସ୍କାର ଆଜି



■ ମୁମ୍ବାଇ, ୨୮।୧ (ଏଜେନ୍ସି): ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପିର ଅଧ୍ୟକ୍ଷ ଅଜିତ ପାୱାର ଆଉ ନାହାନ୍ତି। ଆଜି ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପାୱାରଙ୍କ ସମେତ ୫ଜଣଙ୍କର ମୃତ୍ୟୁ ହୋଇଛି। ମହାରାଷ୍ଟ୍ର ରାଜନୀତିରେ ଅଜିତ ଦାଦା ରୂପେ ପରିଚିତ ୬୬ ବର୍ଷୀୟ ପାୱାରଙ୍କ ମୃତ୍ୟୁକୁ ନେଇ ସମଗ୍ର ରାଜ୍ୟ ସ୍ତବ୍ଧ ହୋଇଯାଇଛି। ବିମାନ ଦୁର୍ଘଟଣାର ପ୍ରକୃତ କାରଣ ସଂପର୍କରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଖରାପ ପାଗ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଆସନ୍ତାକାଲି ତାଙ୍କର ଅନ୍ତିମ ସଂସ୍କାର କରାଯିବାକୁ ଥିବା ବେଳେ ମହାରାଷ୍ଟ୍ରରେ ତିନି ଦିନିଆ ସରକାରୀ ଶୋକ ଘୋଷଣା କରାଯାଇଛି।

ଅଜିତ ପାୱାର ଯାଉଥିବା ବିମାନଟି ବାରାମତି ବିମାନଘାଟୀରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାରମତିରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ଅଜିତ ପାୱାର ଆଜି ସକାଳେ ଏହି ବିମାନ (ଚାର୍ଟର୍ଡ ଫ୍ଲାଇଟ୍)ରେ ଯାଇଥିଲେ। ସକାଳ ୮ଟା ୪୦ ମିନିଟରେ ବିମାନ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୁହୁଡ଼ି ଯୋଗୁଁ ବିମାନଟି ପ୍ରଥମ ଉଦ୍ୟମ କରି ବିଫଳ ହୋଇଥିଲା। ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନ ରନୱେ ନିକଟରେ ଖସି ପଡ଼ିବା ସହିତ ପ୍ରଚଣ୍ଡ ବିସ୍ଫୋରଣ ସହିତ ନିଆଁ ଲାଗି ଯାଇଥିଲା। ଖବର ପାଇ ଦମକଳ ଗାଡ଼ି ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହିତ ନିଆଁ ଲିଭାଇଥିଲା। କିନ୍ତୁ ସେତେବେଳକୁ ଆଉ କିଛି ନଥିଲା। ବିମାନଟି ଖଣ୍ଡ ଖଣ୍ଡ ହେବା ସହିତ ପାଉଁଶରେ ପରିଣତ ▶ପୃଷ୍ଠା-୭

### ଏହା ଏକ ଦୁର୍ଘଟଣା, କୌଣସି ଷଡ଼ଯନ୍ତ୍ର ନାହିଁ: ଶରଦ ପାୱାର

### ସୁପ୍ରିମକୋର୍ଟଙ୍କ ପର୍ଯ୍ୟବେକ୍ଷଣରେ ତଦନ୍ତ ଦାବି କଲେ ମମତା

ଯାଞ୍ଚ ଦାବି କଲେ କଂଗ୍ରେସ ଅଧ୍ୟକ୍ଷ, ଏସ୍‌ପି ମୁଖ୍ୟ, ଶିବସେନା

■ ବାରାମତୀ, ୨୮।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପରେ ଏହାର କାରଣକୁ ନେଇ ରାଜନୈତିକ ମହଲରେ ତର୍ଜମା ଆରମ୍ଭ ହେବା ସହ ତଦନ୍ତ ଲାଗି ଦାବି ଜୋର୍ ଧରିଛି। କୁହୁଡ଼ି ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସରକାର କହୁଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଆଶଙ୍କା କରିଛନ୍ତି। ଦିଦି କହିଛନ୍ତି ଯେ କେହି ସୁରକ୍ଷିତ ନୁହଁନ୍ତି। ▶ପୃଷ୍ଠା-୭

### ମୂଲ୍ୟରେ ଲାଗିଛି ନିଆଁ

■ ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ସୁନା ଏବଂ ରୁପା ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ଏହି ଦୁଇ ଧାତୁର ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଛି। କ୍ରମାଗତ ତୃତୀୟ ଦିନରେ ସୁନା ଏବଂ ରୁପା ମୂଲ୍ୟ ସର୍ବକାଳୀନ ରେକର୍ଡସ୍ତରରେ ପହଞ୍ଚି ଯାଇଛି। ▶ପୃଷ୍ଠା-୭

ସୁନା ଦିନକେ ୫,୭୩୪ ଟଙ୍କା, ରୁପା ୧୩,୭୦୩ ଟଙ୍କା ବଢ଼ିଲା




SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN ELECTRONICS DESIGN
■ Electrical and Electronics Engineering
■ Electronics and Communication Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in



KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA: Tier 1 Re-accredited by NBA | ABET (US) Accreditation | IET Accredited Programme, The Institute of Engineering and Technology | Special Consultative Status by the UN-ECOSOC | Partnership with UN Volunteers

KIITEE 2026
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)
Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes
[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion/Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc. (Fintech & Business Analytics)
- B.Sc. (Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA-Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights
750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ବିମାନ ଦୁର୍ଘଟଣା ପାଇଁ ଦାୟୀ କିଏ?

ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ନେଇ ବିଭିନ୍ନ ଆକଳନ କରାଯାଉଛି । ତେବେ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଯେ, କୁହୁଡ଼ି ଓ ଦୃଶ୍ୟମାନତା ହ୍ରାସ କାରଣରୁ ଏହି ଅଘଟଣ ଘଟିଛି । ପାୱାରଙ୍କୁ ନେଇ ଯାଉଥିବା ବିମାନଟି ତଳକୁ ଖସିବା ସମୟରେ ବା ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ବାରାମତି ବିମାନବନ୍ଦରରେ ଘନ କୁହୁଡ଼ି ଓ ଦୃଶ୍ୟମାନ ଦୂରତା ବହୁତ କମ୍ ଥିଲା । ଓ ପୋଷାକ ଦ୍ୱାରା ଚିହ୍ନଟ କରାଯାଇଛି । ପାୱାର ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ, ଜଣେ ପରିଚାରକ ଓ ଦୁଇ ପାଇଲଟଙ୍କ ସହ ଯାତ୍ରା କରୁଥିଲେ । ବେସାମରିକ





## ଘଣ୍ଟା, ପୋଷାକ ଦ୍ୱାରା ମୃତଦେହ ଚିହ୍ନଟ

ଭିଆରଏସ୍ ଭେନଚର୍ସ ଦ୍ୱାରା ପରିଚାଳିତ ବମ୍ବାର୍ଡିୟର ଲୟାରଜେଟ୍-୪୫ ବିମାନବନ୍ଦର ପରିଧି ବା ପରିସର ଭିତରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ବିମାନରେ ବସିଥିବା ସବୁ ୫ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରଚଣ୍ଡ ଧକ୍କା ଓ ନିଆଁ କାରଣରୁ ସମ୍ପୂର୍ଣ୍ଣ ଜେଟ୍‌ଟି ନଷ୍ଟ ହୋଇଯାଇଥିଲା । ଅବତରଣ କରିବା ପୂର୍ବରୁ ବିମାନ ଆକାଶରେ ଘୁରି ବୁଲିଥିଲା । ବିମାନ ମୁମ୍ବଇର ଛତ୍ରପତି ଶିବାଜୀ ଇଣ୍ଟରନ୍ୟାସନାଲ ବିମାନବନ୍ଦରରୁ ସକାଳ ୮.୧୦ରୁ ବାହାରିଥିଲା ଓ ୮.୪୫ରେ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା । ମୁମ୍ବଇରୁ ବାରାମତୀର ଦୁରତା ୨୫୦ କିମି ଥିଲା ଓ ମାତ୍ର ଏକ ଘଣ୍ଟା ମଧ୍ୟରେ ବିମାନ ଯାତ୍ରା ଥିଲା ।

ଧ୍ୱଂସାବଶେଷରୁ ମୃତଦେହଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଥିଲା । ଘଣ୍ଟା ଓ ପୋଷାକ ଦ୍ୱାରା ପାୱାରଙ୍କ ମୃତଦେହକୁ ଚିହ୍ନଟ କରାଯାଇଥିଲା । ଅନ୍ୟମାନଙ୍କ ମୃତ ଦେହ ମଧ୍ୟ ସେମାନେ ପିନ୍ଧିଥିବା ଘଣ୍ଟା

ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏହି ବିମାନ ଦୁର୍ଘଟଣା ତଦନ୍ତ ଆରମ୍ଭ କରିଛି । ବିମାନର ଡାଟା ରେକର୍ଡର ଓ କକ୍‌ପିଟ୍ ଭଏସ ରେକର୍ଡର ବିମାନ ଉଡ଼ାଣର ଶେଷ ମୁହୂର୍ତ୍ତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇପାରିବ । ଏହି ଦୁର୍ଘଟଣା ଓ ଅସମୟରେ ପାୱାରଙ୍କ ମୃତ୍ୟୁ ଭାରତୀୟ ରାଜନୀତିକୁ ଚକିତ କରିବା ସହ ଦୋହଲାଇ ଦେଇଛି । ୬୬ ବର୍ଷୀୟ ପାୱାର ମହରାଷ୍ଟ୍ରର ସବୁଠାରୁ ପ୍ରତିଭା ତଥା କ୍ଷମତା ସମ୍ପର୍ଣ୍ଣ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ଉପ-ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଷଷ୍ଠ କାର୍ଯ୍ୟକାଳ ସମ୍ପାଦନ କରୁଥିଲେ ।

ଉପ-ମୁଖ୍ୟମନ୍ତ୍ରୀ ବାରାମତିରେ ଏକ ନିର୍ବାଚନ ସଭାରେ ସମ୍ବୋଧିତ କରିବାକୁ ଯାଇଥିଲେ । ସେ ଏଥିପାଇଁ ୮.୧୦ରେ ମୁମ୍ବଇ ଛାଡ଼ିଥିଲେ ଓ ୮.୪୫ରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେ ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାକୁ କାର୍ଯ୍ୟକ୍ରମ ପୂର୍ବରୁ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା । ବିମାନ ତଦନ୍ତ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ତଦନ୍ତ ସଂସ୍ଥାର ଏକ ଦଳ ବାରାମାତି ଯାଇଛି । ଆଉ ଏକ ଦଳ ଦିଲ୍ଲୀରେ ବିମାନ ଅପରେଟର, ଭିଆରଏସ୍ ଜେଞ୍ଚର୍ସର କାର୍ଯ୍ୟାଳୟରେ ପହଞ୍ଚିଛି ।

## ଦୁର୍ଘଟଣା ପୂର୍ବରୁ କ'ଣ ଘଟିଥିଲା

ମୁମ୍ବଇ, ୨୮ ।୧(ଏଜେନ୍ସି): ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଏଚ୍‌ସି ବିଦୀପ ଜାଧବ, ପାଇଲଟ କ୍ୟାପଟେନ ସୁମିତ କପୁର, କ୍ୟାପ୍ଟେନେସ ସମ୍ଭାବୀ ପାଠକ ଓ ବିମାନ ପରିଚାଳିକା ପିଙ୍କି ମାଳି ମଧ୍ୟ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ହେବାର ଆଶଙ୍କା ଥିବା ସତ୍ତ୍ୱେ ମୁଖ୍ୟ ପାଇଲଟ ସୁମିତ କପୁର ମେଡେ କଲ୍ କରି ନଥିଲେ । କିନ୍ତୁ ତାଙ୍କ ସହ ଥିବା ମହିଳା କ୍ୟାପଟେନ



■ ମହିଳା କ୍ୟାପଟେନଙ୍କ ଶେଷ ଶବ୍ଦ ଥିଲା ଓଃ ସିଟ୍.. ଓଃ ସିଟ୍

■ ପାଇଲଟ ମେଡେ କଲ୍ କରି ନଥିଲେ

ସମ୍ଭାବୀ ପାଠକ କହିଥିଲେ ଯେ, 'ଓଃ ସିଟ୍... ଓଃ ସିଟ୍' । ବିମାନଟିର ପ୍ରଥମ ଅବତରଣ ପ୍ରୟାସ ବିଫଳ ହୋଇଥିଲା । ସକାଳର କୁହୁଡ଼ି ଓ ଦୃଶ୍ୟମାନତା ଦୂରତା କମ୍ ଯୋଗୁଁ ବିମାନ ରନୱେ-୧୧ରେ ଅବତରଣ କରିବାକୁ ଦ୍ୱିତୀୟଥର ପାଇଁ ପ୍ରୟାସ କରିଥିଲା । କିନ୍ତୁ ପାଇଲଟ ରନୱେ ଦେଖିପାରି ନଥିଲେ । ଏକାଧିକ ବାର ଅବତରଣ କରିବାକୁ ବିମାନ ପ୍ରୟାସ କରିଥିଲା । କିନ୍ତୁ ଦ୍ୱତୀୟଥର ଅବତରଣ କରିବା ବେଳେ ବିମାନ ଭୂଇଁ ମାଡ଼ ହୋଇଥିଲା । ଏହାପରେ ବିମାନରେ ୪ରୁ ୫ଟି ବିସ୍ଫୋରଣ ହୋଇଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କରିଛନ୍ତି । ଭୟଙ୍କର ଭାବେ ନିଆଁ ଜଳିବା କାରଣରୁ ସ୍ଥାନୀୟ ଲୋକ ସାହାଯ୍ୟ କରିପାରି ନଥିଲେ ।

## ବିଳାସପୂର୍ଣ୍ଣ ଲିଅରଜେଟ୍-୪୫

ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି): ଅଜିତ ପାୱାରଙ୍କ ବିମାନ ଭିଆରଏସ୍ ଭେନଚର୍ସ ଦ୍ୱାରା ପରିଚାଳିତ ଏକ ଲିଅରଜେଟ୍-୪୫ ବିମାନ ଥିଲା । ଏହା ଏକ ପ୍ରିମିୟମ ବିଜନେସ ଜେଟ୍ ଥିଲା । ଏହା ଘଣ୍ଟାପ୍ରତି ୮୬୦ରୁ ୮୭୦ କିମି ବେଗରେ ଯାତ୍ରା କରିବାକୁ ସକ୍ଷମ ଥିଲା । ଏହା ଥରକେ ୩, ୭୦୦ କିମି ଯାତ୍ରା କରିଥାଏ ଓ ଏଥିରେ ୬ରୁ ୮ ଜଣ ଯାତ୍ରୀ ବସିବାର ସୁବିଧା ଥିଲା । ଏହାର ସିଟ୍‌ଗୁଡ଼ିକ ବେଶ୍ ଆରାମ ଦାୟକ । ଛୋଟ ବିମାନବନ୍ଦରୁ ମଧ୍ୟ ଏହା ଉଡ଼ାଣ ଭରିପାରୁଥିଲା । ଛୋଟ ରନ୍‌ୱେରୁ ମଧ୍ୟ ଏହା ଟକ୍‌ଅଫ୍ କରିପାରୁଥିଲା । ଛୋଟ ସହରରେ ଯାତ୍ରା



କରିବା ପାଇଁ ଏହା ଭଲ ଥିଲା । ଏଥିରେ ଦୁଇଟି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଇଞ୍ଜିନ ଥିଲା । ଖୁବ୍‌ଶୀଘ୍ର ଟେକଅଫ୍ କରିବା ସହ ଏଥିରେ ଉଚ୍ଚକୋଟୀର ସନ୍ତୁଳନ ରକ୍ଷା ହୋଇ ପାରୁଥିଲା । ଏହା ମୁଖ୍ୟତଃ ବିଜନେସ ତଥା ଭିଆପି ଯାତ୍ରା, ମେଡ଼ିକାଲ ଇମର୍ଜେନ୍ସି ପାଇଁ ବ୍ୟବହୃତ ହୋଇଥାଏ ।

ପୂର୍ବରୁ ୨୦୨୩ରେ ଏକ ଲିଅରଜେଟ୍-୪୫ ବିମାନ ମୁମ୍ବାଇ ବିମାନବନ୍ଦରର ରନୱେ ସମାଲ ଢଙ୍ଗରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ୨୦୨୩ ସେପ୍ଟେମ୍ବର ୧୪ରେ ପ୍ରବଳ ବର୍ଷା ଓ କମ୍ ଦୃଶ୍ୟମାନତା ଦୂରତା କାରଣରୁ ଭିଆରଏସ୍ ଭେନଚର୍ସର ଏକ ଚାର୍ଟର୍ଡ ଲିଅରଜେଟ୍-୪୫ ବିମାନ ମୁମ୍ବଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସେତେବେଳେ ଏହି ବିମାନ ବିଶାଖାପାଟଣାରୁ ଉଡ଼ାଣ ଆରମ୍ଭ କରିଥିଲା ଓ ଏଥିରେ ପାଇଲଟ ଓ ସହ- ପାଇଲଟ ସମେତ ୬ଜଣ ବ୍ୟକ୍ତି ଯାତ୍ରା କରୁଥିଲେ । ବିମାନଟି ଟ୍ୟାକ୍ସିୱେରୁ ଖସି ଦୁଇଖଣ୍ଡ ହୋଇଥିଲା ଓ ଏଥିରେ ନିଆଁ ଲାଗିଯାଇଥିଲା । ଦୁର୍ଘଟଣାରେ ସମସ୍ତେ ଆହତ ହୋଇଥିଲେ । ସହ- ପାଇଲଟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ ।

### ବିମାନ ଦୁର୍ଘଟଣାରେ ଦେଶ ହରାଇଥିବା ମହାନ ବ୍ୟକ୍ତି

- ହୋମୀ ଜାହଙ୍ଗୀର ଭାବା- ୧୯୬୬
- ସଞ୍ଜୟ ଗାନ୍ଧୀ- ୧୯୮୦
- ମାଧବ ରାଓ ସିନ୍ଧିଆ- ୨୦୦୧
- ଜିଏମ୍‌ସି ବାଲାଯୋଗୀ- ୨୦୦୨
- ସାଇପ୍ରିୟନ ସାଙ୍ଗମା- ୨୦୦୪
- ଓପି ଜିନ୍ଦଲ ଓ ସୁରେନ୍ଦ୍ର ସିଂହ-୨୦୦୫
- ୱାଇଏସ୍‌ଆର ରେଡ୍ଡୀ- ୨୦୦୯
- ଦୋର୍ଜୀ ଖଣ୍ଡୁ- ୨୦୧୧
- ଜେନେରାଲ ବିପିନ ରାୱତ- ୨୦୨୧
- ବିଜୟ ରୂପାନି- ୨୦୨୫
- ଅଜିତ ପାୱାର- ୨୦୨୬

## ଅଜିତଙ୍କ ପରେ ଅନିଶ୍ଚିତତାରେ ଏନ୍‌ସିପିର ଭବିଷ୍ୟତ

ମୁମ୍ବଇ, ୨୮ ।୧(ଏଜେନ୍ସି): ଅଜିତ ପାୱାରଙ୍କ ଅଚାନକ ମୃତ୍ୟୁ ମହାରାଷ୍ଟ୍ର ରାଜନୀତିରେ ହଠାତ୍ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଜଣେ ଜନନେତା, କ୍ଷମତାର କେନ୍ଦ୍ର ଓ ଜଣେ ରଣନୀତିଜ୍ଞଙ୍କ ଅନୁପସ୍ଥିତି ଶାସକ ମହାଯୁତିକୁ ଅସ୍ଥିର କରିବ । ଏଥିସହ ବିଭାଜିତ ହୋଇଥିବା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଭବିଷ୍ୟତକୁ ଆଶଙ୍କାରେ ପକାଇବାର ଆଶଙ୍କା ସୃଷ୍ଟି କରିଛି । ଅଜିତଙ୍କ ଅନୁପସ୍ଥିତି ଏନ୍‌ସିପି ଶିବିରରେ ନେତୃତ୍ୱ ଓ ଉତ୍ତରାଧିକରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ପିଢ଼ି ପାଇଁ ଅଜିତଙ୍କ ମହାରାଷ୍ଟ୍ର ରାଜନୈତିକ ପରିସ୍ଥିତି କଳ୍ପନା କରିବା କଷ୍ଟକର ମନେ ହେଉଛି । ଲଗାତର ଭାବେ ମହାରାଷ୍ଟ୍ରର ସବୁଠାରୁ ଦୀର୍ଘ ସମୟଧରି ଉପ- ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଅଜିତ କ୍ଷମତା ବିକଳ୍ପ ଶକ୍ତି କେନ୍ଦ୍ର ମଧ୍ୟରୁ ଅନ୍ୟତମ ଥିଲେ । ଅସମୟରେ ତାଙ୍କ ମୃତ୍ୟୁ ମହରାଷ୍ଟ୍ର ରାଜନୀତି, ଖାସ କରି ଏନ୍‌ସିପିର ଦୁଇଗୋଷ୍ଠୀକୁ ଅନିଶ୍ଚିତତାକୁ ଠେଲି ଦେଇଛି । ନିଜର ଅସାଧାରଣ ନମନୀୟତ ପାଇଁ ଅଜିତ ବିଭିନ୍ନ ପ୍ରକାର ସ୍ଥିତିରେ ନିଜକୁ ଖାପ୍ ଖୁଆଇବା ସହ ନିଜର ଉପସ୍ଥିତି ଜାହିର କରିପାରୁଥିଲେ । ତାଙ୍କ ଦେହାନ୍ତ ଏବେ ମହାଯୁତି ସରକାର ଉପରେ ନକାରାତ୍ମକ ପ୍ରଭାବ ପକାଇବ । ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତି ସରକାରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଓ ଅଜିତଙ୍କ ଏନ୍‌ସିପି ମେଣ୍ଟ ସାମିଲ ଥିଲା । ସରକାରରେ ଏବେ ଏନ୍‌ସିପିର ୪୧ ଜଣ ବିଧାୟକ ସାମିଲ ଅଛନ୍ତି । ଏନ୍‌ସିପି ରାଜ୍ୟ ସରକାରରେ ଏକ ନିର୍ଣ୍ଣାୟକ ତଥ ଦୃଢ଼ ଭୂମିକା ଗ୍ରହଣ କରିଛି । ୨୦୨୩ରେ ଅଜିତ ଦାଦା ଶରତ ପାୱାରଙ୍କ ଏନ୍‌ସିପିରୁ ଅଲଗା ହୋଇଥିଲେ ଓ ମୂଳ ଦଳକୁ ଭାଙ୍ଗିଦେଇଥିଲେ । ସେତେବେଳେ ସେ ବିଜେପି- ସେନା ମହାଯୁତି ମେଣ୍ଟରେ ଯୋଗ ଦେଇଥିଲେ । କିନ୍ତୁ ଏହା ପୂର୍ବରୁ ୨୦୧୯ରେ ଅଜିତ ବିଜେପିରେ ସାମିଲ ହୋଇଥିଲେ ଏବଂ ସକାଳେ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । କିନ୍ତୁ ଶରତ ପାୱାର ଡାକିବା ପରେ ସେ ଏନ୍‌ସିପିକୁ ଫେରିଥିଲେ । ତେବେ ୪ ବର୍ଷ ପରେ ସେ ପୁଣି ଦଳକୁ ବିଭାଜିତ କରିଥିଲେ ।

ଅଜିତଙ୍କ ମୃତ୍ୟୁ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନ୍‌ସିପିରୁ ଏବେ କିଏ ଉପ- ମୁଖ୍ୟମନ୍ତ୍ରୀ ହେବେ? ଏନ୍‌ସିପିର ଦୁଇଟି ଗୋଷ୍ଠୀ ପୁଣି ମିଶିବେ ଏକାଠି ହେବେ କି? ଅଜିତଙ୍କ ଏନ୍‌ସିପି କାହା ସହିତ ନ ମିଶି ଏକା ରହିବ କି? ଅଜିତଙ୍କ ଅନୁପସ୍ଥିତିରେ ଶରତ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏନ୍‌ସିପିର ଭାର ସମ୍ଭାଳିବେ କି? ଏଭଳି କେତୋଟି ପ୍ରଶ୍ନ ଉତ୍ତର ଏବେ ମିଳନାହିଁ । ଅଜିତଙ୍କ ଦୁଇ ପୁଅ ପାର୍ଥ ଓ ଜୟ ପାୱାର ମଧ୍ୟ ଅଛନ୍ତି । ପାର୍ଥ କିଛି ସମୟ ପାଇଁ ରାଜନୀତିରେ ପାଦ ଦେଇଥିଲେ ଓ ମହାରାଷ୍ଟ୍ରର ମାଭାଲ ନିର୍ବାଚନ ମଣ୍ଡଳୀରୁ ଲୋକସଭା ନିର୍ବାଚନ ଲଢ଼ ବଡ଼ ବ୍ୟବଧାନରେ ପରାସ୍ତ ହୋଇଥିଲେ । ତେବେ ଜୟ ରାଜନୀତିରୁ ନିଜକୁ ଦୂରେଇ ରଖିଛନ୍ତି ଓ ସେ ସର୍ବଜନୀନ ହେବାକୁ ପସନ୍ଦ କରି ନଥାନ୍ତି । ଅଜିତଙ୍କ ପତ୍ନୀ ୬୨ ବର୍ଷୀୟ ସୁନେତ୍ରା ପାୱାର ରାଜ୍ୟସଭା ସାଂସଦ ଅଛନ୍ତି । ସେ ବାରାମତୀ ଟେକ୍ସଟାଇଲ୍ସ କମ୍ପାନୀର ଅଧ୍ୟକ୍ଷ ଭାରତୀୟ ପରିବେଶ ଫୋରମର ଅଧ୍ୟକ୍ଷ ଅଛନ୍ତି ।

## ନୂଆ ୟୁଜିସି ନିୟମ: ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟ ପ୍ରସ୍ତୁତ



ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି): ନୂଆ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମ ବିରୋଧରେ ସାରା ଦେଶରେ ପ୍ରତିବାଦ ଦେଖିବାକୁ ମିଳିଛି । ସାଧାରଣ ବର୍ଗର ଛାତ୍ର ଓ ଉଚ୍ଚଜାତିରେ ଲୋକମାନେ ଏକାଠି ହୋଇ ପ୍ରତିବାଦ ଜାରି ରଖିଛନ୍ତି । ବୁଧବାର ସୁପ୍ରିମକୋର୍ଟ ନୂଆ ନିମୟ ବିରୋଧରେ ଦାଏର କରାଯାଇଥିବା ଆବେଦନଗୁଡିର ଶୁଣାଣି କରିବା ପାଇଁ ହୋଇଥିବା ଦାବିଗୁଡ଼ିକୁ ଗ୍ରହଣ କରିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଓକିଲମାନଙ୍କ ଯୁକ୍ତି ଶୁଣିଥିଲେ । ସିଜେଆଇ କହିଥିଲେ ଯେ, କ'ଣ ଘଟୁଛି ଆମେ ସେ ବିଷୟରେ ଭଲଭାବେ ଅବଗତ । ତ୍ରୁଟିଗୁଡ଼ିକ ସମାଧାନ କରିବା ନିଶ୍ଚିତ କରନ୍ତୁ । ଆମେ ସେ ସବୁକୁ ତାଲିକା ଭୁକ୍ତ କରିବୁ । ଉତ୍ତର ପ୍ରଦେଶ ଓ ବିହାରରେ ପ୍ରତିବାଦ ବ୍ୟାପକ ହୋଇଥିଲା । ଉତ୍ତର ପ୍ରଦେଶର ପିଲଭିତ୍‌ରେ, ଉଚ୍ଚ ଜାତିର ପୁରୁଷମାନେ ଲଣ୍ଡା ହୋଇଥିଲେ । ସେହିପରି ବିହାରରେ ପ୍ରଧାନମନ୍ତ୍ରୀ ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପୋଷ୍ଟରରେ ବିକ୍ଷୋଭକାରୀମାନେ କଳା ବୋଳିଥିଲେ ।

## ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ୨୦ ମାସ ଜେଲ୍

ସିଓଲ, ୨୮ ।୧(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ ସୁକ ୟୋଲଙ୍କ ପତ୍ନୀ ତଥା ପ୍ରଥମ ମହିଳା କିମ୍ କିୟୋନଙ୍କୁ ଦୁର୍ନୀତି ମାମଲାରେ ୨୦ ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ୩ଟି ମାମଲାରେ ଏକା ସାଙ୍ଗରେ ବିଚାର ଚାଲିଥିଲା । ସିଓଲର ଏକ ଜିଲ୍ଲା କୋର୍ଟ ତାଙ୍କୁ ବିବାଦୀୟ ଧାର୍ମିକ



ସଂଗଠନ ୟୁନିଫିକେଶନ ଚର୍ଚ୍ଚଠାରୁ ଦାମୀ ଉପହାର ନେବା ମାମଲାଯେର ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିରେ ଏକ ଚାନେଲ ହ୍ୟାଣ୍ଡବ୍ୟାଣ୍ଡ ଓ ଏକ ଗ୍ରାଫ୍- ବ୍ରାଣ୍ଡେଣ୍ଡ ହୀରା ହାର ଅନ୍ତର୍ଭୁକ୍ତ । କୋର୍ଟ ରାୟ ଦେଇ ଉଲ୍ଲେଖ କରିଛନ୍ତି ଯେ, କିମ୍ ତାଙ୍କ ବ୍ୟକ୍ତିଗତ ଲାଭ ପାଇଁ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ ଓ ସେ ଏକ ଦାମୀ ତଥା ବିଳାଷପୂର୍ଣ୍ଣ ଉପହାର ଗ୍ରହଣ କରିବାକୁ ବେଶ୍ ଇଚ୍ଛୁକ ଥିଲେ । ଅବଶ୍ୟ ପ୍ରମାଣ ଅଭାବରୁ ତାଙ୍କୁ ଷ୍ଟକ ମାର୍କେଟ ହେରଫେର ଏବଂ ଏକ ମୁକ୍ତ ଜନମତ ସର୍ଭେ ପରିଚଳାନ ଅଭିଯୋଗରୁ ମୁକ୍ତ କରାଯାଇଛି । କିମଙ୍କ ସ୍ୱାମୀ ତଥା ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ଏବେ ଜେଲ୍‌ରେ ଅଛନ୍ତି । ଉଲ୍ଲେଖଥାଉ କି, ୟୁନିଫିକେଶନ ଚର୍ଚ୍ଚ ପୂର୍ବରୁ ବିବାଦରେ ଜଡ଼ିତ ଥିଲା ଏବଂ ପୂର୍ବତନ ରାଷ୍ଟ୍ରପତି ସିଞ୍ଜୋ ଆବେଙ୍କ ହତ୍ୟାକାଣ୍ଡରେ ମଧ୍ୟ ଏହି ଚର୍ଚ୍ଚର ନାମ ଜଡ଼ିତ ଥିଲା । ଦକ୍ଷିଣ କୋରିଆ ଇତିହାସରେ ପ୍ରଥମଥର ପାଇଁ ଜଣେ ପୂର୍ବତନ ରାଷ୍ଟ୍ରପତି ଓ ତାଙ୍କ ପତ୍ନୀ ଏକାଠି ଜେଲ୍‌ରେ ରହିଛନ୍ତି ।

# ସଂସଦର ବଜେଟ ଅଧିବେଶନ ଆରମ୍ଭ

## ବିଶ୍ୱରେ ସେତୁର ଭୂମିକା ନିର୍ବାହ କରୁଛି ଭାରତ: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ସଂସଦର ବଜେଟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଏବଂ ରାଜ୍ୟସଭାର ଯୁଗ୍ମ ବୈଠକକୁ ସମ୍ବୋଧନ କରିଛନ୍ତି । ସେ ସରକାରଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି । ବିଶ୍ୱରେ ଲାଗି ରହିଥିବା ଅସ୍ଥିରତାକୁ ନେଇ ଭାରତ ସେତୁର ଭୂମିକା ନିର୍ବାହ କରୁଥିବା କହିଛନ୍ତି । ରାଷ୍ଟ୍ରପତି ଭିବି- ଜି ରାମ ଜି ବିଲ୍ ପ୍ରସଙ୍ଗ ଉଠାଇବାରୁ ବିରୋଧୀ ହଙ୍ଗାମା କରିଛନ୍ତି । ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ।

୪୫ ମିନିଟର ସମ୍ବୋଧନରେ ରାଷ୍ଟ୍ରପତି କହିଛନ୍ତି ଯେ ଦେଶର ଆର୍ଥିକ ପ୍ରଗତି ଏବଂ ସାମାଜିକ ନ୍ୟାୟ ପାଇଁ ସରକାର ପ୍ରତିବଦ୍ଧ । ଦୁର୍ନୀତିର ମୁକାବିଲା କରିବାରେ ସରକାର ସଫଳ ହୋଇଛନ୍ତି । ୧୦ ବର୍ଷରେ ୪ କୋଟି ଗରିବଙ୍କୁ ଘର ମିଳିଛି । ଚାଉଳ ଉତ୍ପାଦନରେ ଭାରତ ସମସ୍ତଙ୍କୁ ପଛରେ ପକାଇ ଦେଇଛି । ଆଜି ବିଶ୍ୱ କଠିନ ସମୟ ଦେଇ ଗତି କରୁଛି । ଦୀର୍ଘ ଦିନରୁ ଜାରି ସମୀକରଣ ବଦଳି ଯାଇଛି । କଠିନ ପରିସ୍ଥିତିରେ ଭାରତ ଦ୍ରୁତଗତିରେ ବିକାଶ କରୁଛି । ଏହା ପଛରେ ଦୂରଦୃଷ୍ଟି ସମ୍ପନ୍ନ ବିଦେଶୀ ନୀତି ରହିଛି । ଦେଶଗୁଡ଼ିକ ଭାରତ ଉପରେ ବିଶ୍ୱାସ କରୁଛନ୍ତି । ଭାରତ ମାନବୀୟ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଉଛି । ଗ୍ଲୋବାଲ ସାଉଥର ସ୍ୱରକୁ ଭାରତ ଜୋରଦାର କରିଛି । ପୁରୁଣା ସମ୍ବନ୍ଧକୁ ମଜବୁତ କରି ନୂଆ ସମ୍ପର୍କ ଗଢ଼ା ଯାଇଛଇ । ବିଶ୍ୱ ରାଜନୀତିର କେନ୍ଦ୍ରରେ ମାନବିକତା ରହିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି ।

### ଜି ରାମ ଜିକୁ ନେଇ ବିରୋଧୀଙ୍କ ହଙ୍ଗାମା

ଅନ୍ୟପଟେ ରାଷ୍ଟ୍ରପତି ନିଜ ସମ୍ବୋଧନରେ ଭିବି- ଜି ରାମ ଜି ଆଇନ କଥା ଉଠାଇବାରୁ ବିରୋଧୀ ହଙ୍ଗାମା କରିଥିଲେ । ସେମାନେ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ । ମାତ୍ର ଏନ୍‌ଡିଏ ସାଂସଦ ସମର୍ଥନରେ ସ୍ଲୋଗାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ଅମିତ ଶାହା ଟେବୁଲ ବାଡ଼େଇ ଥିଲେ । ସୂଚନାଯୋଗ୍ୟ ଯେ ଏହି ବଜେଟ ଅଧିବେଶନ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ଏହା ଫେବୃଆରୀ ୧୩ ଏବଂ ପରେ ମାର୍ଚ୍ଚ ୯ ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଜାରି ରହିବ । ଏହି ସମୟରେ ୩୦ଟି ବୈଠକ ଅନୁଷ୍ଠିତ ହେବ । ୧ ତାରିଖ ରବିବାର ବଜେଟ ଉପସ୍ଥାପନ କରାଯିବ ।

## ଯୁକ୍ରେନରେ ରୁଷିଆ ଆକ୍ରମଣ, ୧୨ ମୃତ

କିଭ୍, ୨୮ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୁରଣ କରିବାକୁ ଯାଉଥିଲେ ମଧ୍ୟ ଏହା ଥମିବାର ନାଁ ନେଉନାହିଁ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଆଲୋଚନା ଚାଲିଥିବା ବେଳେ ରୁଷିଆ ପୁଣି ଥରେ ୟୁକ୍ରେନ ଉପରେ ଆକ୍ରମଣ କରିଛି । ମଙ୍ଗଳବାର ରାତିରେ ହୋଇଥିବା ଏହି ଆକ୍ରମଣରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି । ରୁଷିଆ ଆକାଶ ମାର୍ଗରୁ ଏକ ଯାତ୍ରୀବାହୀ ଟ୍ରେନ୍ ଓ ଶକ୍ତି ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକରୀମାନେ ସୂଚନା ଦେଇଛନ୍ତି । ଉତ୍ତର-ପୂର୍ବ ଖାରକିଭ୍ ଅଞ୍ଚଳରେ ପ୍ରାୟ ୨୦୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌ର ବଗିକୁ ଏକ ଡ୍ରୋନ ଧକ୍କା ଦେଇଥିଲା । ଫଳରେ ଅତିକମ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ୟୁକ୍ରେନ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେନକୋ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏହି ଆକ୍ରମଣକୁ ସେ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ସେହିପରି ଦକ୍ଷିଣ ଓଡେସା ସହରରେ ୫୦ରୁ ଅଧିକ ରୁଷିଆ ଡ୍ରୋନ୍ ମାଡ଼ରେ ୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ । ରପ୍ତାନୀ ପାଇଁ ୟୁକ୍ରେନ କୃଷ୍ଣ ସାଗର ଉପରେ ନିର୍ଭର କରୁଥିବା ବେଳେ ରୁଷୀୟ ସେନା ଏହା ଉପରେ ନିୟମିତ ଆକ୍ରମଣ ଜାରି ରଖିଛି । ଏହି ଆକ୍ରମଣ ଶାନ୍ତି ପ୍ରୟାସକୁ ଦୁର୍ବଳ କରିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି କହିଛନ୍ତି । ଏହି ଆକ୍ରମଣରେ ଲକ୍ଷଲକ୍ଷ ଲୋକଙ୍କୁ ବିଦ୍ୟୁତ ସରବରାହରୁ ବଞ୍ଚିତ ହେବାକୁ ପଡ଼ିଛି ବୋଲି କୁହାଯାଇଛି ।



## ମାଘ ମେଳା ଛାଡ଼ିଲେ ଅବିମୁକ୍ତେଶ୍ୱରାନନ୍ଦ

ପ୍ରୟାଗରାଜ, ୨୮ ।୧(ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଓ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ମତପାର୍ଥକ୍ୟ ଏବେ ନୂଆ ମୋଡ଼ ନେଇଛି । ଅବିମୁକ୍ତେଶ୍ୱରାନନ୍ଦ ବୁଧବାର ପ୍ରୟାଗରାଜରେ ଚାଲିଥିବା ମାଘ ମେଳା ଛାଡ଼ି ଚାଲିଯାଇଛନ୍ତି । ବିନା ସ୍ନାନ କରି ଦୁଃଖରେ ଫେରିଯାଉଛି ବୋଲି ସେ କହିଛନ୍ତି । ପ୍ରୟାଗରାଜ ସର୍ବଦା ବିଶ୍ୱାସ ଓ ଶାନ୍ତିର ଭୂମି ରହିଆସିଛି । ମୋ ଦୁଃଖର ଭରଣା କରିବାକୁ କେଉଁ ନେତା ଓ କିମ୍ବା ଦଳ ଆସିବେ ତାହା ଜାଣିନାହିଁ ବୋଲି ସେ କହିଛନ୍ତି । ଭକ୍ତମାନଙ୍କ ସହ ଏଠାକୁ ଆସିଥିଲା, କିନ୍ତୁ ଏଠାରେ ଯାହା ଘଟିଗଲା ତାହା କେବେ ଆଶା କରିନଥିଲି । ଯେଉଁମାନେ ସନାତନ ପ୍ରତୀକକୁ ଅପମାନିତ କରିଛନ୍ତି, ସେମାନଙ୍କୁ ସେମାନଙ୍କୁ ସ୍ଥାନ ଦେଖାଇବାକୁ ପଡ଼ିବ । ସେ କହିଛନ୍ତି ଯେ, ଗତକାଲି ମାଘ ମେଳା ପ୍ରଶାସନ ପକ୍ଷରୁ ଏକ ଚିଠି ଓ ପ୍ରସ୍ତାବ ଦିଆଯାଇଥିଲା । ପାଲିଙ୍କି ସହିତ ମୋତେ ସମ୍ମାନର ସହିତ ସଂଗମକୁ ନିଆଯାଇ ସ୍ନାନ କରାଇବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ମୋ ଉପରେ ଫୁଲ ବର୍ଷା କରାଯିବ । କିନ୍ତୁ ମୁଁ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲି । ଯେତେବେଳେ ହୃଦୟରେ ଦୁଃଖ ଓ କ୍ରୋଧ ଥାଏ, ସେତେବେଳେ ପବିତ୍ର ଜଳ ମଧ୍ୟ ଶାନ୍ତି ଦେଇ ନଥାଏ । ଉଲ୍ଲେଖଥାଉ କି, ଏବେ ଏହି ମାମଲା ଆହ୍ଲାବାଦ୍ ହାଇକୋର୍ଟରେ ପହଞ୍ଚିଛି । ଓକିଲ ଗୌରବ ଦ୍ୱିବେଦୀ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ମୁଖ୍ୟ ବିଚାରପତିଙ୍କୁ ଏକ ପିଟିସନ ପଠାଇଛନ୍ତି । ମାଘ ମେଳା ଫେବୃଆରୀ ୧୫ ପର୍ଯ୍ୟନ୍ତ ଚାଲିବ । ଆହୁରି ଦୁଇଟି ସ୍ନାନ ବାକି ଅଛି । ଫେବୃଆରୀ ୧ରେ ମାଘି ପୂର୍ଣ୍ଣିମା ଓ ଫେବୃଆରୀ ୧୫ରେ ମହାଶିବରାତ୍ରିରେ ସ୍ନାନ ହେବ । ବିବାଦ ଯୋଗୁଁ ଶଙ୍କରାଚାର୍ଯ୍ୟ ୧୮ ଦିନ ପୂର୍ବରୁ ମାଘ ମେଳା ଛାଡ଼ି ଦେଇଛନ୍ତି । ମୌନୀ ଅମାବାଶ୍ୟାରେ ଶଙ୍କରାଚାର୍ଯ୍ୟଙ୍କର ପ୍ରଶାସନ ସହିତ ବିବାଦ ହୋଇଥିଲା । ସେ ବସନ୍ତ ପଞ୍ଚମୀରେ ମଧ୍ୟ ସ୍ନାନ କରି ନଥିଲେ । ଏବେ ବାକିଥିବା ଦୁଇଟି ସ୍ନାନରେ ମଧ୍ୟ ସେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜଣାପଡ଼ିଛି ।

## ୧୦ ମିନିଟର ଆତଙ୍କ : ଜୟପୁରରେ ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ



ଜୟପୁର, ୨୮ ।୧(ଏଜେନ୍ସି): ଦିଲ୍ଲୀରୁ ଜୟପୁର ପହଞ୍ଚିଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧୯ ଅବତରଣ ବିଫଳ ହେବା ପରେ ଆତଙ୍କ ଖେଳିଯାଇଥିଲା । ବୁଧବାର ଜୟପୁର ବିମାନବନ୍ଦର ରନୱେକୁ ଛୁଇଁ ବିମାନ ପୁଣି ଉଡ଼ିଥିଲା । ମିଳିଥିବା ସୂଚନା ଅନୁଯାୟୀ, ରାଜସ୍ଥାନ କଂଗ୍ରେସ ପ୍ରଭାରୀ ସୁଖଜିନ୍ଦର ସିଂହ ରାନ୍ଧୱା ଏହି ବିମାନରେ ଯାତ୍ରା କରୁଥିଲେ । ରାନ୍ଧୱା ପଞ୍ଜାପର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଥିଲେ ଓ ସେ ଏବେ ଗୁରଦାସପୁରର କଂଗ୍ରେସ ସାଂସଦ ଅଛନ୍ତି । ବିମାନଟି ଫେରିଯିବା ପରେ ୧୦ ମିନିଟ୍ ପରେ ଦ୍ୱିତୀୟ ପ୍ରୟାସରେ ସୁରକ୍ଷିତ ଭାବେ ଅବତରଣ କରିଥିଲା ।

### ବିମାନରେ ଥିଲେ କଂଗ୍ରେସର ପ୍ରଦେଶ ପ୍ରଭାରୀ ସୁଖଜିନ୍ଦର ରାନ୍ଧୱା

ଫଳରେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବିମାନଟି ବର୍ତ୍ତିଯାଇଥିଲା । ବିମାନଟି ବୁଧବାର ଅପରାହ୍ନ ୧.୦୫ରେ ଅବତରଣ କରିବାରଥିଲା । ରନୱେ ଛୁଇଁବା ମାତ୍ରେ ହିଁ ବିମାନଟି ପୁଣି ଉପରକୁ ଉଠିଥିଲା । ଅବତରଣ କରିବା ବେଳେ ବିମାନ ଆପ୍ରୋଚ ଠିକ୍ ନଥିଲା ଅର୍ଥାତ ଅସ୍ଥିର ଥିଲା । ଫଳରେ ପାଇଲଟ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନକୁ ଆକାଶର ଘୂର୍ଣ୍ଣନ କରିବାକୁ ନିଷ୍ପତ୍ତି ନେଇଥିଲେ । ଶେଷରେ ୧୦ ମିନିଟ ପରେ ବିମାନ ଅବତରଣ କରିଥିଲା । ଏହି ଏହି ୧୦ ମିନିଟ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲା ଓ ଯାତ୍ରୀମାନେ ଚିତ୍କାର କରିବା ଆରମ୍ଭ କରିଦେଇଥିଲେ । ବିମାନରେ ୧୩୫ ଜଣ ଯାତ୍ରୀ ଥିଲେ ।

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-213 •THURSDAY •29 JANUARY 2026 •PAGE-12 •₹ 7.00

•ବର୍ଷ-୪୩ •ସଂଖ୍ୟା-୨୧୩ •ଗୁରୁବାର •୨୯ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

**ରାଜ୍ୟସଭା ରାଜନୀତି ଗୋଳିଆ**

# ନବୀନଙ୍କ ହାତରେ ୪ର୍ଥ ଆସନ ଚାବି

■ ଭୁବନେଶ୍ୱର,୨୮ ।୧(ସମିସ): ଆସନ୍ତା ଏପ୍ରିଲରେ ଖାଲି ହେଉଥିବା ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ଏବେ ଠାରୁ ଜୋର ଧରିଲାଣି ରାଜନୀତି। ଦୁଇଟି ଆସନ ବିଜେପି ସପକ୍ଷରେ ଓ ଗୋଟିଏ ଆସନ ବିଜେଡିକୁ ଯିବା ପ୍ରାୟତଃ ନିଶ୍ଚିତ ଥିବାବେଳେ ଏବେ ସମସ୍ତଙ୍କ ଆଖି ୪ର୍ଥ ଆସନ ଉପରେ ରହିଛି। ଯଦିଓ ନିର୍ବାଚନ ପାଇଁ ଏଯାବତ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ; ତଥାପି ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କର ବୟାନବାଜି ପ୍ରତିଦିନ ନୂଆ ନୂଆ ସମୀକରଣ ସୃଷ୍ଟି କରୁଛି। ଏପରିସ୍ଥଳେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ବିଜେଡି-

- ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲେ ସମର୍ଥନ ଦେବ କଂଗ୍ରେସ
- ଫେବୃଆରୀରେ ନବୀନଙ୍କୁ ଭେଟିବାକୁ ଭକ୍ତ ମାଗିଲେ ସମୟ
- ୪ର୍ଥ ଆସନ ପାଇଁ ବିଜେପି ଲୋଡ଼ିପାରେ ବିଜେଡିର ସମର୍ଥନ
- ରାଜସ୍ୱ ମନ୍ତ୍ରୀ କହିଲେ ସମୟ ଆସିଲେ ସବୁ କଥା ସ୍ପଷ୍ଟ ହେବ

କଂଗ୍ରେସ ମିଳିତ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟର ଜଣେ ବିଶିଷ୍ଟ ତଥା ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଯଦି ପ୍ରାର୍ଥୀ କରାଯାଏ, ତାହେଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ଭକ୍ତ ଉଲ୍ଲେଖ କରି ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବାକୁ ସେ ସମୟ ମାଗିଥିବା କହିଛନ୍ତି। ଭକ୍ତଙ୍କ ଉଦ୍ୟମ ଯଦି ସଫଳ ହୁଏ, ତାହେଲେ ରାଜ୍ୟ ରାଜନୀତିରେ ଏକ ରୋଚକ ଚିତ୍ର ଦେଖିବାକୁ ମିଳିବ। ଅପରପକ୍ଷେ ଚତୁର୍ଥ ଆସନରେ ପ୍ରାର୍ଥୀ ଦେବା ପାଇଁ ବିଜେପି ମଧ୍ୟ ନବୀନଙ୍କୁ ସମର୍ଥନ ମାଗିବାକୁ ବିଚାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦଳର ଜାତୀୟ ନେତୃତ୍ୱ ଏ ସଂକ୍ରାନ୍ତରେ ବିଜେଡି ସୁପ୍ରିମୋଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଦଳର ଜଣେ ବଡ଼ ନେତା ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । ମୋଟାମୋଟି ଭାବେ ଚତୁର୍ଥ ଆସନର ଚାବି ନବୀନଙ୍କ ହାତରେ ଥିବାବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଓ ଆଲୋଚନା ଦାନା ବାନ୍ଧିଛି ।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆମେ ବିରୋଧୀ ଦଳ। ବିଜେଡି ମଧ୍ୟ ବିରୋଧୀ ଦଳ। ଦୁଇ ଦଳ ମିଶିଲେ ଜଣେ ପ୍ରାର୍ଥୀ ଜିତି ପାରିବେ। ତଥାପି ଆମ ପ୍ରାର୍ଥୀକୁ ବିଜେଡି ଓ ବିଜେଡିର ପ୍ରାର୍ଥର୍ୀକୁ ଆମେ ସମର୍ଥନ କରିବାର କୌଣସି ଯୌକ୍ତିକତା ନାହିଁ । ବିଜେପିକୁ ଆମେ ବିରୋଧ କରୁଛୁ। ଦେଶରେ ବିଜେପି ସବୁ କ୍ଷେତ୍ରରେ ବିଫଳ ହୋଇଛି। ରାଜ୍ୟରେ ବି ଏହା ବିଫଳ ହୋଇଛି, ଲୋକେ ହଇରାଣ ହେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ଜଣେ ନିଷ୍କଳଙ୍କ ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲେ କଂଗ୍ରେସ ସମର୍ଥନ ଦେବ। ସିଏ ଲେଖକ ହୋଇପାରନ୍ତି, କବି ହୋଇପାରନ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସହିତ ଜଡ଼ିତ ହୋଇଥିବା କୌଣସି ବ୍ୟକ୍ତି ବିଶେଷ ହୋଇପାରନ୍ତି ବା ଦୀର୍ଘ ଦିନ ଧରି ନିଜ ଜୀବନକୁ ଲୋକଙ୍କ ସେବାରେ ଅର୍ପିତ କରିଥିବା ବ୍ୟକ୍ତି ହୋଇପାରନ୍ତି । ଓଡ଼ିଶାର ମାନ ସମ୍ମାନ, ସୁରକ୍ଷା ଓ ଗର୍ବଗୌରବକୁ ଦେଖି ଯଦି କୌଣସି ପ୍ରକାର ନିଷ୍ପତ୍ତି ହୁଏ, ତା'ହେଲେ ଆମେ ଚିନ୍ତା କରିବା ଉଚିତ। ଏ ବିଷୟରେ ଆଲୋଚନା କରିବା ପାଇଁ ଫେବୃଆରୀ ପ୍ରଥମ ସପ୍ତାହରେ ମୁଁ ନବୀନଙ୍କୁ ସମୟ ମାଗିଛି ବୋଲି ସେ କହିଛନ୍ତି ।

ଅପରପକ୍ଷେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଯିଏ ନିର୍ବାଚନ ଲଢ଼େ, ସିଏ ସମସ୍ତଙ୍କୁ ଭୋଟ ମାଗେ। ରାଜ୍ୟସଭା ନିର୍ବାଚନରେ ଯିଏ ଯିଏ ଆମକୁ ସହଯୋଗ କରିବ, ଆମେ ତାଙ୍କୁ ସମର୍ଥନ ମାଗିବୁ। ବିଜେଡିକୁ ସମର୍ଥନ ମାଗିବେ କି ନାହିଁ, ସେ ନେଇ ସମୟ ଆସିଲେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ରାଜନୀତିରେ ପ୍ରତିଟି ମୁହୂର୍ତ୍ତ ଅନିଶ୍ଚିତ। କେତେବେଳେ କଣ ହେବ କିଛି କହିହେବନି। ରାଜ୍ୟରେ ପ୍ରତିଟି ରାଜନୈତିକ ଗତିବିଧି ଉପରେ ନଜର ରଖାଯାଇଛି। ୨୦୨୬ରେ ବହୁତ କିଛି ଘଟିବାକୁ ଯାଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ମ୍ୟାଜିକ ନମ୍ବର ନାହିଁ। ଏପରିସ୍ଥଳେ ବିଜେପି-ବିଜେପି, ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀତ୍ୱକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଅଙ୍କକଷାରେ ବ୍ୟସ୍ତ ଅଛନ୍ତି । ସେହିପରି କେତେକ ବିଶେଷଜ୍ଞ ଆସନ୍ତା ନିର୍ବାଚନରେ ପ୍ରବଳ କ୍ରସଭୋଟିଂ/ ଘୋଡ଼ାବେପାରକୁ ନେଇ ଏବେଠାରୁ ଆଶଙ୍କା ପ୍ରକାଶ କରିଛନ୍ତି ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନୋ-ଫ୍ଲାଇଙ୍ଗ ଜୋନ୍ ଘୋଷଣା

■ ବାରିପଦା,୨୮ ।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡିଶା ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି। ୨ଫେବୃଆରୀରୁ ୭ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଯୋଗଦାନ ରହିଛି । ଏହି କାର୍ଯ୍ୟକ୍ରମ ସ୍ଥଳୀ ଗୁଡିକରେ ନୋ-ଫ୍ଲାଇଙ୍ଗ ଜୋନ ଭାବେ ଘୋଷଣା କରାଯିବା ସହ ନିୟମକୁ ଅବମାନନା କରାଗଲେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋଇନ୍ଦା ବିଭାଗର ନିର୍ଦ୍ଦେଶକ ଭୁବନେଶ୍ୱର ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡିଶା ଗସ୍ତରେ ଆସି ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର, ପୁରୀ ଓ ମୟୂରଭଞ୍ଜ ଜିଲ୍ଲାକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଏପରିକି ରାଷ୍ଟ୍ରପତିଙ୍କ ସହ ଆସୁଥିବା ଭିଭିଆଇପିମାନେ ମଧ୍ୟ ଗସ୍ତ ସମୟରେ ଉପସ୍ଥିତ ରହିବା ସହ ରାତ୍ରିଯାପନ କରିବାର ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ପର୍ଯ୍ୟାୟ କ୍ରମେ ନୀରିକ୍ଷଣ କରାଯାଉଛି । ସମସ୍ତ ପରିଦର୍ଶନ ସ୍ଥାନ, କାର୍ଯ୍ୟସ୍ଥଳୀ, ରାତ୍ରକାଳୀନ ସଭା ଓ ରାତ୍ରିଯାପନ ସ୍ଥାନଗୁଡିକରେ ନୋ-ଫ୍ଲାଇଙ୍ଗ ଜୋନ ଭାବେ ଘୋଷଣା କରାଯାଇଛି । ଏପରିକି ଆଖପାଖ ସ୍ଥାନ ଗୁଡିକରେ ମଧ୍ୟ ଏହାକୁ ବାରଣ କରାଯାଇଛି । ଏହି ସ୍ଥାନ ଗୁଡିକରେ ଗଣମାଧ୍ୟମ କର୍ମଚାରୀ, ଆୟୋଜକ କିମ୍ବା ଇଭେଣ୍ଟ ମ୍ୟାନେଜମେଣ୍ଟ ଦଳ ଦ୍ୱାରା ଡ୍ରୋନ ଉଡାଣକୁ କଡାକଡି ନିଷିଦ୍ଧ କରାଯାଇଛି। ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମ କର୍ମଚାରୀମାନେ ଏଥିପ୍ରତି ସଜାଗ ରହି କାର୍ଯ୍ୟକରିବାକୁ କୁହାଯାଇଛି।

**ଚାଷୀ ସଙ୍ଗଠନର 'ବନ୍ଦ' ଡକରା**

# ବଜାର ଶୂନଶାନ, ଗାଡ଼ି ଚଳାଚଳ ବନ୍ଦ



■ ଭୁବନେଶ୍ୱର,୨୮ ।୧(ସମିସ): ଚାଷୀଙ୍କ ପାଇଁ ଆଜି ଅଧାଦିନ ବନ୍ଦ ରହିଛି ଓଡ଼ିଶା। ବନ୍ଦ ଡ଼କରା ଯୋଗୁଁ ବିଭିନ୍ନ ସ୍ଥାନରେ ଅଧା ଦିନ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି ଓ ଦୋକାନ ବଜାର ବି ବନ୍ଦ ରହିଛି । ନବ ନିର୍ମାଣ ସଂଗଠନର ଡ଼କରାରେ ବୁଧବାର ସକାଳୁ ରାଜ୍ୟର ଅଧିକାଂଶ ପ୍ରମୁଖ ସ୍ଥାନରେ ସଂଗଠନର କର୍ମକର୍ତ୍ତାମାନେ ଦୋକାନ ବଜାର ବନ୍ଦ କରାଇବା ସହ ରାଜରାସ୍ତାରେ ଟାୟାର ଜାଳି ପିକେଟିଂ କରି ବନ୍ଦ ପାଳନ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ସକାଳୁ ସକାଳୁ ଏମିତି ଦେଖିବାକୁ ମିଳିଥିବା ବେଳେ ବନ୍ଦ ସମ୍ପୂର୍ଣ୍ଣ ପ୍ରଭାବୀ ରହିଛି ବୋଲି ସଂଗଠନ ଦାବି କରିଛି । ସାଧାରଣତଃ ବନ୍ଦ ଡ଼ାକରାକୁ ବିଭିନ୍ନ ସମୟରେ ସାଧାରଣ ଲୋକ ବିରୋଧ କରୁଥିବାବେଳେ ଆଜିର ବନ୍ଦ ଡ଼ାକରା ଲୋକଙ୍କ ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ନ କରିବା ରାଜ୍ୟ ସରକାରଙ୍କ ବିରୋଧରେ ତୃଣମୂଳସ୍ତରରେ ସ୍ପଷ୍ଟ ଅସନ୍ତୋଷର ପ୍ରତିଫଳନ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି ।

ଟୋକନ୍ ପ୍ରଦାନରେ ଚାଷୀଙ୍କୁ ହରକତ କରାଯିବା, ମଣ୍ଡିରେ ବେଆଇନ କଟନିଛଟନି ଓ ଚାଷୀଙ୍କ ବଦଳରେ ବେପାରୀଙ୍କଠାରୁ ଧାନ କିଣିବା, ପ୍ରଦୂଷଣ ନାମରେ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଜୋରିମାନା, ସ୍ମାର୍ଟ ମିଟର ନାଁରେ ଗ୍ରାହକ ଶୋଷଣ ଆଦି ବିରୋଧରେ ଆଜି ବନ୍ଦ ଡ଼ାକରା ଦେଇଥିଲା ନବ ନିର୍ମାଣ ସଂଗଠନ। ଏହି ବନ୍ଦ ଡ଼କରାକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ ଘୋଷଣା କରିଥିଲେ ହେଁ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରି ନ ଥିଲେ, ତଥାପି ବନ୍ଦର ପ୍ରଭାବ ଉପାନ୍ତରୁ ଉପକୂଳ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ମୟୂରଭଞ୍ଜର ବେତନଟୀ, ଜଗତସିଂହପୁରର ବାଲିକୁଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ମାଲକାନାଗିରି ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ଜୋରାଦାର ଅନୁଭୂତ ହୋଇଛି। ସରକାର ଯଦି ଏଭଳି ଘଟଣାରେ ହସ୍ତକ୍ଷେପ ନ କରନ୍ତି ତେବେ ଆଗାମୀ ଦିନରେ ପ୍ରତିବାଦକୁ ତୀବ୍ର କରାଯିବ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ସଂଗଠନର ଯୁବଛାତ୍ର ସଂଗଠନ ବିଶାଳ ମଟର ସାଇକଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ଭୁବନେଶ୍ୱରରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ମନ୍ୱର ଅଲ୍ଲୀଙ୍କ ସମେତ ନବନିର୍ମାଣର କର୍ମକର୍ତ୍ତାମାନଙ୍କୁ ପୁଲିସ୍ ଗିରଫ କରି ପରେ ଛାଡ଼ି ଦେଇଛି।

ଗଣମାଧ୍ୟମ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଚାଷୀ ଓ ଚାଷ ସମସ୍ୟାର ସମାଧାନ ପାଇଁ ନେତା ଓ ଅମଲାମାନେ ଆଗ୍ରହୀ ନୁହନ୍ତି। ଏଥିପାଇଁ ମିଲରମାନେ କ୍ୱିଣ୍ଟାଲ ପିଛା ୭/୯ କେଜି କାଟି ନେଉଛନ୍ତି। ଯୋଗାଣ ଅଧିକାରୀ, ଉପଜିଲ୍ଲାପାଳ, ନୋଡାଲ ଅଫିସର କେହି କିଛି ବି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। କେବଳ ଭାଷଣରେ ମଣ୍ଡି ଠିକ୍ ଚାଲୁଛି । ଚାଷୀମାନଙ୍କୁ ସରକାର ତାଚ୍ଛଲ୍ୟ କରୁଛନ୍ତି, ନୌଟଙ୍କି କରୁଥିବା ଆକ୍ଷେପ କରୁଛନ୍ତି । ଅନ୍ୟପକ୍ଷରେ ସାଧାରଣ ବ୍ୟକ୍ତି ଠାରୁ ପ୍ରଦୂଷଣ ନାଁରେ ଗାଡ଼ି ପାଇଁ ଆଦାୟ କରାଯାଉଛି। ସ୍ମାର୍ଟ ମିଟର ନାଁରେ ସରକାର ଜୁଲୁମ ଚଳାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଚାଷୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରୁଛନ୍ତି ବୋଲି ଅକ୍ଷୟ ଅଭିଯୋଗ କରିଛନ୍ତି। ସଂଗଠନର ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ ସରକାରରେ ମନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ନାହିଁ। ସମବାୟ ମନ୍ତ୍ରୀ ଦେଢ କିଲୋ କାଟ କହିଲା ବେଳେ ଯୋଗାଣ ମନ୍ତ୍ରୀ କାଟ୍ ନିଲ୍ କହୁଛନ୍ତି। ସେହିପରି କୃଷି ମନ୍ତ୍ରୀ କେଭି ସିଂଦେଓ ଏବେ ବି ନିଜକୁ ରାଜା ଓ ଚାଷୀଙ୍କୁ ନିଜର ପ୍ରଜା ମଣୁଛନ୍ତି ବୋଲି ସେ କହିଥିଲେ। ସେହିପରି ବନ୍ଦ ଡ଼କରାକୁ ନୈତିକ ସମର୍ଥନ ଜଣାଇଥିବା ରାଜନୈତିକ ଦଳ ସୂଚନା ଅଧିକାର କର୍ମୀ, ସାମାଜିକ ସଂଗଠନକୁ ସଙ୍ଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ, ସ୍ୱାମୀଙ୍କୁ ହତ୍ୟା ଧମକ

**୧୦ରୁ ଊର୍ଦ୍ଧ୍ୱ ଅଡିଓ କ୍ଲିପ ଭାଇରାଲ; ବିଜେପି ନେତା ରାଘବ ମଲ୍ଲିକଙ୍କ ନାଁରେ ମାମଲା**

■ ନୟାଗଡ଼,୨୮ ।୧(ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିବା ଏବଂ ଲୁଚାଇ ରଖି ଦୁଷ୍କର୍ମ କରିବା ଏପରିକି ମହିଳାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେବା ଓ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ ପରେ ପୁଲିସ ବିଜେପି ନେତା ରାଘବ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରିଛି।



**ମୁଁ ଜାଣିନି, ବୁଝିକି କହୁଛି: ରାଘବ**

ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ବିଜେପି ନେତା ତଥା ଗତ ବିଧାନସଭା ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ହୋଇଥିବା ରାଘବ ମଲ୍ଲିକ ମହିଳାଙ୍କୁ ପ୍ରଲୋଭିତ କରିଛନ୍ତି। ତାଙ୍କୁ ହୋମଗାର୍ଡ ଚାକିରି କରାଇଦେବାକୁ କହି ବାରମ୍ବାର ଫୋନରେ କଥା ହୁଅନ୍ତି । ଏପରିକି ତାଙ୍କୁ ବାରମ୍ବାର ହ୍ୱାଟ୍ସଆପ୍ ଜରିଆରେ ମେସେଜ କରନ୍ତି। ଗତ ଡିସେମ୍ବର ୧୫ ତାରିଖରେ ରାଘବ ମହିଳାଙ୍କୁ ଅପହରଣ କରି ନେଇଥିଲେ। କୌଣସି ସ୍ଥାନରେ କିଛିଦିନ ରଖିବା ପରେ ଘରେ ଛାଡ଼ି ଦେଇଥିଲେ। ଗତ ୩୧ ତାରିଖ ମହିଳା ଓ ତାଙ୍କ ପୁଅ ନିକଟସ୍ଥ ଉଲିସାହି ଛକକୁ ଯାଇଥିବା ବେଳେ ରାଘବ ଉଭୟଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଛୋଟଝିଅ ଘରେ ରହିଥିବା ବେଳେ ସ୍ତ୍ରୀ ଓ ପୁଅର କୌଣସି ସନ୍ଧାନ ମିଳୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ, ବିଜେପି ନେତା ରାଘବ ମଲ୍ଲିକ ମହିଳାଙ୍କ ସ୍ୱାମୀଙ୍କୁ ଫୋନ୍ ଯୋଗେ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅନେକ ଅଡିଓ କ୍ଲିପ୍ ଏବେ ଭାଇରାଲ ହେବାରେ ଲାଗିଛି। ଏହାସହ ରାଘବ ମହିଳାଙ୍କୁ ହ୍ୱାଟ୍ସଆପ୍‌ରେ ପଠାଇଥିବା ଅନେକ ମେସେଜ ମଧ୍ୟ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ପ୍ରେମଭରା ଏହି ମେସେଜକୁଗୁଡ଼ିକ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ବିଜେପି ନେତା ରାଘବଙ୍କ ସହ ଯୋଗାଯୋଗ କରିବାରେ କହିଲେ, ମୁଁ ଘଟଣା ବାବଦରେ କିଛି ଜାଣିନାହିଁ, ବୁଝିକି କହୁଛି ବୋଲି କହି ଫୋନ୍ କାଟି ଦେଇଛନ୍ତି। ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ମତାମତ ନେବାରେ କହିଲେ, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପ୍ରକୃତ କଥା ସାମ୍ନାକୁ ଆସିବ ବୋଲି ସେ ସୂଚନା ଦେଇଛନ୍ତି।

**ଧାନକିଣା ଗୋଲକଧନ୍ଦା**

# ଟୋକନ୍ ପରେ ଟାର୍ଗେଟ ଟେନ୍‌ସନ୍

**ମଣ୍ଡିରେ ପଡ଼ିଛି ଶହଶହ କ୍ୱିଣ୍ଟାଲ ଧାନ: ପାକ୍ସ ସମ୍ପାଦକ ଓ ମିଲରଙ୍କ ସଲାସୁତୁରା**

■ ବଲାଙ୍ଗିର,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣାକୁ ନେଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ମଣ୍ଡିମାନଙ୍କରେ ଚାଷୀଙ୍କ ଧାନ ଗଦା ହୋଇଛି, ଅନ୍ୟପଟେ କିଛି ମଣ୍ଡି ଟାର୍ଗେଟ ନ ଥିବାରୁ ଧାନକିଣା ବନ୍ଦ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ କିନ୍ତୁ ବିଭାଗ ସୂଚନା ଭିନ୍ନ କଥା କହୁଛି। ଜିଲ୍ଲାକୁ ମିଳିଥିବା ଟାର୍ଗେଟର ପ୍ରାୟ ୮୦ ପ୍ରତିଶତ ଧାନକିଣା ସରିଥିବା ଜଣାପଡ଼ିଛି। ଯଦି ସତରେ ମଣ୍ଡିରେ ଅସଲି ଚାଷୀଙ୍କ ଧାନକିଣା ଯାଇଛି ତେବେ ମଣ୍ଡିରେ ଗଦା ହୋଇଥିବା ଧାନ କାହାର? ଯଦି ଅସଲି ଚାଷୀଙ୍କ ଧାନ କିଣା ଯାଇପାରିନାହିଁ ତେବେ ଟାର୍ଗେଟ କାହା ଧାନରେ ପୂରଣ ହୋଇଛି ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ। ଶୁଣିବାକୁ ମିଳିଛି ବଲାଙ୍ଗିର ଜିଲ୍ଲାର କିଛି ମିଲ୍‌ରେ ନୟାଗଡ଼ ଅଞ୍ଚଳର ଧାନ ପ୍ରବେଶ କରିଛି। ଯାହାକି ଧାନକିଣା ଟାର୍ଗେଟକୁ ପୂରଣ କରୁଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଠିକ ଭାବେ ଧାନକିଣା ଯାଉନଥିବାରୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ବିଳମ୍ବରେ ଧାନକିଣା, ପରେ ଟୋକନ ଟେନ୍‌ସନ୍ ଭିତରେ ଏବେ ଟାର୍ଗେଟକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଶହ ଶହ ବସ୍ତା ଧାନ ଗଦା ହୋଇରହିଛି । ଅନ୍ୟପଟେ କିଛି ମଣ୍ଡିର ଟାର୍ଗେଟ ପୂରଣ ହୋଇଥିବା କହି ଧାନକିଣା ବନ୍ଦ ରହିଥିବା ଦେଖିବାକୁ ମଳିଛି। ବଲାଙ୍ଗିର ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ କହିବା ଅନୁସାରେ ବର୍ତ୍ତମାନ ସୁଦ୍ଧା ୪୨ ଲକ୍ଷ ୧୦ ହଜାର କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ବିଭାଗ ହାତରେ ରହିଛି। ସେଥିରୁ ପ୍ରାୟ ୩୪ ଲକ୍ଷ କ୍ୱିଣ୍ଟାଲ ଧାନକିଣା ସରିଯାଇଥିବା ସେ ନିଜେ କହିଛନ୍ତି। ଅର୍ଥାତ ପ୍ରାୟ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିମାଣର ଧାନକିଣା ସରିଛି। ଯଦି ଏହା ସତ ତେବେ ମଣ୍ଡିରେ ଧାନ ଗଚ୍ଛିତ ରହିଲା କେମିତି। ଯଦି ହାତରେ ଆହୁରି ଟାର୍ଗେଟ ରହିଛି ତେବେ ତାକୁ ବନ୍ଦ ଥିବା ମଣ୍ଡିକୁ ଦେଇ ଧାନକିଣା ସ୍ୱାଭାବିକ କରୁନାହାନ୍ତି କାହିଁକି? ଏହିଭଳି ପ୍ରଶ୍ନବାଚୀରେ ଏବେ ବଲାଙ୍ଗିର ଜିଲ୍ଲା ଧାନକିଣା ବ୍ୟବସ୍ଥା ରହିଥିବା ବେଳେ ଜିଲ୍ଲାରେ ମିଲର ଓ ମଣ୍ଡି ଅଧିକାରୀ ମିଶି ବଡ଼ ଧରଣର କାରସାଦି କରିଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରାୟତଃ ସବୁ ମଣ୍ଡିରେ ଶହଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି, ଅଥଚ କାହା ଧାନରେ ଗୋଦାମ ପୂରଣ ହୋଇଛି ତାହା ତଦନ୍ତ ସାପେକ୍ଷ। ଏହା ସହିତ ବଲାଙ୍ଗିର ଜିଲ୍ଲାକୁ ନୟାଗଡ଼ ଅଞ୍ଚଳର ଧାନ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏହା ମଧ୍ୟ କେତେ ଦୂର ସତ ତାହା ପ୍ରଶାସନ ଅନୁସନ୍ଧାନ କରି ଅସାଧୁ ମିଲରଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବଲାଙ୍ଗିର ଜିଲ୍ଲାରେ ଏତେ ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଅଭିଯୋଗ କରୁଥିବାବେଳେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସ୍କ୍ୱାର୍ଡ ପକ୍ଷରୁ ନା କେଉଁଠି ଚଢ଼ଉ କରାଯାଇଥିଲା ନା କାହାର ଗୋଦାମ ଯାଞ୍ଚ କରାଯାଇଥିଲା। ପୂର୍ବ ବର୍ଷ ମାନଙ୍କରେ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଧାନ ଗଚ୍ଛିତ ରଖିବା, ଧାନ ଚାଲାଣ କରିବା ସମୟରେ ଚଢ଼ଉ କରି ଧାନ ଗାଡ଼ି ଜବତ ହୋଇଥାଏ କିନ୍ତୁ ଚଳିତ ବର୍ଷ ଏହିଭଳି କିଛି ବି ଦୃଶ୍ୟ ବର୍ତ୍ତମାନ ସୁଦ୍ଧା ଦେଖିବାକୁ ମିଳିନାହିଁ। ଯାହାକି ଧାନ କିଣାରେ ଚାଲିଥିବା ଗୋଲକଧନ୍ଦାକୁ ପ୍ରଶାସନର ନୀରବ ସମର୍ଥନ ବୋଲି ନବ ନିର୍ମାଣ କୃଷକ ସଙ୍ଗଠ ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ କହିଛଁନ୍ତି। ଏଥିପ୍ରତି ଜିଲ୍ଲାପାଳ ନିଜେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।



# ଦୁଇ ମାଟି ବୋଝେଇ ଟ୍ରାକ୍ଟର ଜବତ

**ପାଣିକୋଇଲି,୨୮।୧(ସମିସ):** ଯାଜପୁର ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ଚୋରି ଉପରେ ଚଢ଼ଉ ଜାରି ରହିଛି । ବାଲି ଚୋରି ପରେ ଏବେ ମାଟି ଚୋରି ଆରମ୍ଭ ହୋଇଛି । ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଠାରୁ ମାଟି ଚୋରା ଚାଲାଣର ଖବର ପାଇ ଖଣି ବିଭାଗ ଚଢ଼ଉ କରିଥିଲା । ବେଆଇନ ଭାବେ ଦୁଇ ଟ୍ରାକ୍ଟରରେ ମାଟି ଚାଲାଣ ହେଉଥିବା ଦେଖି ଖଣିବିଭାଗ ଅଧିକାରୀ ବିଶ୍ୱଜିତ ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ମାଟି ବୋଝେଇ ଟ୍ରାକ୍ଟର ଦୁଇଟି କୌଣସି କାଗଜାଦି ନଥିବାରୁ ଉକ୍ତ ଦୁଇ ଟ୍ରାକ୍ଟରକୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି । ପୁଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରହିଛି ।

# ଟ୍ରକ୍ ଧକ୍କାରେ ପାଟ୍ରୋଲିଂ ଗାଡ଼ି ସହ ବସ୍ କ୍ଷତିଗ୍ରସ୍ତ

**ପାଣିକୋଇଲି,୨୮।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ୍ ନିକଟରେ ଏକ ଆଇରନ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ ପାଟ୍ରୋଲିଂ ଗାଡ଼ିକୁ ବାଡ଼େଇ ଏକ ବସ୍ ପଛରେ ପିଟି ଦେବାରୁ ତିନୋଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ସୋମବାର ବିଳମ୍ବିତ ରାତ୍ରୀରେ ପୁରୁଣା ଟୋଲଗେଟ ନିକଟରେ ରାଜପଥ ପାଟ୍ରୋଲିଂ ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ପ୍ରଥମେ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଇ ଆଗରେ ଅଟକିଥିବା ଗଜାନନ ନାମକ ଘରୋଇ ବସ୍ ପଛରେ ପିଟିଦେଇଥିଲା । ସୌଭାଗ୍ୟ ବଶତଃ ରାଜପଥ ପାଟ୍ରୋଲିଂ ଗାଡ଼ିରେ କେହି ନଥିବା ବେଳେ ବସ୍‌ର ତିନି ଜଣ ଯାତ୍ରୀ ଆହତ ହୋଇଥିଲେ । ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିବା ବେଳେ ଟ୍ରକକୁ ପୁଲିସ ଜବତ କରିଛି । ଏନେଇ ପାଟ୍ରୋଲିଂ ଅଧିକାରୀ ଗଣେଶ୍ୱର କଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଶତାୟୁ ସୁନ୍ଦରୀ ଦେଇଙ୍କ ପରଲୋକ



**ସିଂହପୁର୨୭ ।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସ୍ୱର୍ଗତ ବିମ୍ବାଧର ଦାସଙ୍କ ପତ୍ନୀ ସୁନ୍ଦରୀ ଦେଇ (୧୦୧) ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣା ତଥା ସ୍ନେହି ମହିଳା ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ରବୀନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ଦାସ, ବିଷ୍ଣୁଚରଣ ଦାସ ଓ ପରିବାର ଲୋକେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରଯାଇଥିଲା । ପୁତ୍ର ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତା ମହିଳାଙ୍କ ଦେହାନ୍ତରେ ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, କୁଷ୍ଣଚନ୍ଦ୍ର ଜେନା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ମଳୟ କୁମାର ଆଟୋଇ, କଳାକର ପାତ୍ର, ତ୍ରିଲୋଚନ ଆଟୋଇ, ବିପିନ ବିହାରୀ ଜେନା, ସମିତିସଭ୍ୟା ଭାଗ୍ୟବତୀ ଧଳ, ରାମଚନ୍ଦ୍ର ମହାକୁଡ଼, ଅମର ଜେନା, ରମେଶ ଦାସ, ଅମିୟ କୁମାର ଆଟୋଇ, ଅନନ୍ତ ସାହୁ, ତାପସ କୁମାର ଜେନା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

# ପୃଥକ ଦୁର୍ଘଟଣାରେ ଦୁଇ ମୃତ

**ବାଲିଚନ୍ଦ୍ରପୁର,୨୮।୧(ସମିସ):** ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ମୁତାବକ ୫୩ ନମ୍ବର ଜାତୀୟ ରାଜପଥର ଓଳାଶୁଣୀ ଛକ ନିକଟସ୍ଥ ଓଭରବ୍ରିଜରେ ରାଜସ୍ଥାନ ଅଞ୍ଚଳର ରାମଦୟାଲ ମିନା (୨୧) ନାମକ ଜଣେ ଯୁବକ ରଙ୍ଗ ମାରୁଥିବା ବେଳେ ଏକ ହାଇୱା ଗାଡ଼ି (ଡବ୍ଲ୍ୟୁବି ୨୯ଇ ୨୬୬୭) ତାଙ୍କୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ରାମ ଦୟାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ମୁକୁନ୍ଦ ଚରଣ ମୋଦି ଅନ୍ୟ ସହଯୋଗୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତ ରାମଦୟାଲଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ପଠାଇଥିଲେ । ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର ହୋଇଯାଇଥିଲା । ଏନେଇ ଜାତୀୟ ରାଜପଥ ସମ୍ପ୍ରସାରଣ ଠିକା ସଂସ୍ଥା ପକ୍ଷରୁ ଉମେଶ ଜେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ପରେ ରାଜସ୍ଥାନରୁ ଆସିଥିବା ପରିବାର ଲୋକଙ୍କୁ ମୃତ ରାମଦୟାଲଙ୍କ ଶବକୁ ହସ୍ତାନ୍ତର କରାଯାଇଥିବା ନେଇ ଏଏସଆଇ ଶ୍ରୀ ମୋଦି ସୂଚନା ଦେଇଛନ୍ତି । ସେହିପରି ଏହି ରାଜପଥର ବନ୍ଦରେଶ୍ୱର ନିକଟରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରଶାନ୍ତ ଜତି (୪୪)ଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ପ୍ରଶାନ୍ତ ଯାଜପୁର ଅଞ୍ଚଳର ଏକ କାର୍ଯ୍ୟାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ । ଆଜି ସେ ପଟ୍ଟାମୁଣ୍ଡାଇ ଫେରୁଥିବା ବେଳେ କୌଣସି କାମରେ ବନ୍ଦରେଶ୍ୱର ଠାରେ ଗାଡିରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଏଥିରେ ପ୍ରଶାନ୍ତଙ୍କର ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଅଞ୍ଚଳର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ତାଙ୍କ ପରିବାର ଲୋକେ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି ।

# କଂଗ୍ରେସ ନେତାଙ୍କ ପରଲୋକ

**ବିଞ୍ଝାରପୁର,୨୮।୧(ସମିସ):** ବିଞ୍ଝାରପୁର ବ୍ଲକର ବର୍ଷୀୟାନ କଂଗ୍ରେସ ନେତା ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ଏକାଦଶାହ ଅବସରରେ ଅରେଇସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କଏଣା ରଘୁନାଥପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ପ୍ରଦେଶ କଂଗ୍ରେସର ପୂର୍ବତନ ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, କନକଲତା ମଲ୍ଲିକ, ପ୍ରବୋଧ ଦାସ, ବ୍ଲକ ବିଜେପି ସଂଯୋଜକ ନିରଞ୍ଜନ ବେଉରିଆ, ଜିଲ୍ଲା ବିଜେପି ଉପସଭାପତି ପ୍ରତିଭା ସାହୁ, ଶ୍ରୀକାନ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# କରଦା ହରିହାଟ ମହୋତ୍ସବ ଉଦ୍‌ଘାଟିତ



**ପାଣିକୋଇଲି,୨୮।୧(ସମିସ):**

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳା ଗତ ମାଘସପ୍ତମୀରେ ଶୁଭାରମ୍ଭ ହୋଇଥିବା ବେଳେ ମଙ୍ଗଳବାର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ ଉକ୍ତ ମହୋତ୍ସବକୁ ମୁଖ୍ୟଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟି ପକ୍ଷରୁ ବିଶ୍ୱନାଥ ପଣ୍ଡା ସମ୍ପାଦକୀୟ ବିବିରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ, ମେଳା କମିଟିର ସମ୍ପାଦକ ଗଣେଶ ସାହୁ, କରଦା ସରପଞ୍ଚ ଅନିମା ମଳିକ ଓ ସମିତିସଭ୍ୟା ପଙ୍କଜିନୀ ସାହୁ, କରଦା ପଞ୍ଚାୟତ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ମଠାଧିଶ କୃଷ୍ଣଚନ୍ଦ୍ର ଦାସ, ମେଳା କମିଟିର ସଭାପତି ଚିନ୍ତାମଣୀ ବେହେରା, ବିଜେପି ମଣ୍ଡଳ ସଭାପତି ଭାସ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମହୋତ୍ସବ କମିଟି ପକ୍ଷରୁ ଦୁର୍ଗାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପାଣିକୋଇଲି ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମର ସମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ମହୋତ୍ସବରେ ଯାଜପୁର ଜିଲ୍ଲା ଓରମାସ ଓ ନାବାର୍ଡ ତରଫରୁ ବିଭିନ୍ନ ହସ୍ତତନ୍ତ ଓ କାଇଁଚରେ ତିଆରି ସାମଗ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପକ୍ଷରୁ ବିଭିନ୍ନ ବାଣିଜ୍ୟିକ ଷ୍ଟଲ ମନ ପ୍ରଦର୍ଶନ କରାଯାଇଥିଲା । ସଭା ପରେ ସ୍ଥାନୀୟ କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ମା' କଳା ପରିଷଦ ଓ କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଚଳଚ୍ଚିତ୍ର ଅଭିନେତ୍ରୀ ପୁନମଙ୍କ ଉପସ୍ଥିତି ଦର୍ଶକଙ୍କୁ ବିଭୋର କରିଥିଲା । ସେହିପରି ମେଳାରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ପିଲାମାନେ ଦୋଳିର ମଜା ଉଠାଇଥିଲେ । ଯୁବକ ଯୁବତୀ ମାନେ ଆଇ ଲଭ ହରିହାଟର ସେଲ୍‌ଫି ପଏଣ୍ଟ ଠାରେ ଛିଡ଼ା ହୋଇ ନିଜ ନିଜର ଫଟୋ ଉଠାଇଥିଲେ । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ପାନୀୟଜଳ ପ୍ରକଳ୍ପ ଓ କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

**ମଙ୍ଗଳପୁର,୨୮।୧(ସମିସ):** ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ତ ବିମ୍ବାଧରପୁର ଗାଁରେ ପାନୀୟଜଳର ସମସ୍ୟା ଦୂର କରିବା ପାଇଁ ଆଜି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହିପରି ବିମ୍ବାଧରପୁର ଯେନାସାହି ଠାରେ ମା' ତାରିଣୀ କମ୍ୟୁନିଟି ସେଣ୍ଟର ଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବିମ୍ବାଧରପୁର ଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ଯୋଗଦେଇଥିଲେ । ଏଥିସହ ଜନସାଧାରଣ ମାନଙ୍କର ମୌଳିକ ସମସ୍ୟା ହେଉ କିମ୍ବା କୌଣସି ବିକାଶ ମୂଳକ କାର୍ଯ୍ୟ ହେଉ ସେଥିପାଇଁ ଯାହା ଆବଶ୍ୟକ ତାହା କରିବା ପାଇଁ ମୁଁ ପ୍ରତିଶ୍ରୁତି ବଦ୍ଧ ବୋଲି ଶ୍ରୀମତୀ ମଲ୍ଲିକ ମତବ୍ୟକ୍ତ କରିଥିଲେ । ଆଜିର ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋସ୍ନାରାଣୀ ଦାସ, ଯୁବ ବିଜେଡି ଉପସଭାପତି ବିରଜା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ପଞ୍ଚାୟତ ସଭାପତି ପରୀକ୍ଷିତ ଯେନା, ଶାନ୍ତନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।



# ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା କର୍ମଶାଳା

**ଧର୍ମଶାଳା,୨୮।୧(ସମିସ):** ଧର୍ମଶାଳା ବ୍ଲକ ଅଧୀନସ୍ଥ ଐତିହାସିକ ଧର୍ମଶାଳା ହାଟ ପଡ଼ିଆ ଠାରେ ସାଧାରଣ ତନ୍ତ୍ର ଦିବସ ଅବସରରେ ବୁଦ୍ଧ- ଆମ୍ବେଦକର ବିଚାର ସଂଗଠନର ଏକ ଦିନିକିଆ ସମ୍ବିଧାନ ସୁରକ୍ଷା କର୍ମଶାଳା ଆର୍ତ୍ତତ୍ରାଣ ମଲ୍ଲିକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସଂଗଠକ ହରିହର ମଲ୍ଲିକ, ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଦେବବ୍ରତ ରାଉତ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶଙ୍କର ପ୍ରତାପ ଦାସ, କାହ୍ନୁଚରଣ ମଲ୍ଲିକ, ଆମ୍ବେଦକର ଫାଉଣ୍ଡେସନର ପ୍ରତିଷ୍ଠାତା ସୁରେନ୍ଦ୍ର ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ସମାଜ ସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗ ଦେଇ ସମ୍ବିଧାନର ସୁରକ୍ଷା ପାଇଁ ଜନ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସଂଗଠକ ବେଣୁଧର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବସନ୍ତ ଜେନା ଅତିଥି ପରିଚୟ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ବେଣୁଧର ଜେନା, କେଶବ ମଲ୍ଲିକ, ପ୍ରଫୁଲ୍ଲ ଜେନା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଦୁଷ୍ମନ୍ତ ଜେନା, ମୋହନ ଦାସ ନିଜ ର ମତାମତ ଦେଇଥିଲେ । ଆୟୋଜନରେ ବିପିନ ମଲ୍ଲିକ, ପଙ୍କଜ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଗୋପାଳ ମଲ୍ଲିକ, ବାବନ ମଲ୍ଲିକ, ମନୋଜ ମଲ୍ଲିକ, ଚନ୍ଦନ ମଲ୍ଲିକ, ଗୋବିନ୍ଦ ମଲ୍ଲିକ ସହଯୋଗ କରିଥିଲେ ଓ ଶେଷରେ ଗୌରାଙ୍ଗ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ପ୍ରତିଭା ଚୟନ ଓ ଅଜାଣ ବନ ଶିଶୁ ମହୋତ୍ସବ



**ବରୀ,୨୮।୧(ସମିସ):** ପିଲାମାନଙ୍କ ମଧ୍ୟରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛି । ସେ ସବୁକୁ ଚିହ୍ନି ତା'ର ବିକାଶ କରିବା କ୍ଷେତ୍ରରେ ପିତାମାତା ଓ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅଜାଣବନ ଶିଶୁ ମହୋତ୍ସବର ଜିଲ୍ଲାସ୍ତରୀୟ ପ୍ରତିଭା ଚୟନ ଉତ୍ସବରେ ଉଦ୍‌ଘାଟକ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗଦେଇ ପ୍ରକାଶ କରିଛନ୍ତି । ବରୀ ବ୍ଲକ୍ ଅନ୍ତର୍ଗତ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ମେଦୁଆକୂଳ ପରିସରରେ ଅନୁଷ୍ଠିତ ଶିଶୁ ମହୋତ୍ସବର ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠାନର ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରା ହେଡେନ୍‌ର ନିର୍ଦ୍ଦେଶକ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ବରୀ ମଣ୍ଡଳ ଶିକ୍ଷା ଅଧିକାରିଣୀ ପ୍ରତିଶ୍ରୁତି ସିଂହ, ଅନ୍ୟତମ ଅତିଥି ଭାବେ ଡ. ଭାଗ୍ୟଧର ସାହୁ, କର୍ଣ୍ଣଚନ୍ଦ୍ର ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁମାନଙ୍କ ପ୍ରତିଭା ବିକାଶ କ୍ଷେତ୍ରରେ ଗୁରୁଙ୍କର ଯେତିକି ଦାୟିତ୍ୱ ରହିଛି ଠିକ୍ ସେତିକି ଦାୟିତ୍ୱ ପିତାମାତାଙ୍କର ରହିଛି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ପ୍ରିୟରଞ୍ଜନ ବେହେରା ସମ୍ପାଦକୀୟ ବିବରଣ ପାଠ କରିଥିବା ବେଳେ କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା । ବରୀ ବ୍ଲକ୍‌ସ୍ତରରେ ବିଭିନ୍ନ ବୃତ୍ତି ପରୀକ୍ଷା, ନବୋଦୟ ପାଇଥିବା ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ରମା ଦାସ ପ୍ରତିଭା ସମ୍ମାନ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଗଣିତ ବିଶାରଦ ଗୋକୁଳାନନ୍ଦ ଦାସ ସ୍ମୃତି ସମ୍ମାନ ଓ ଶିକ୍ଷକ ନେତା ଲୋକନାଥ ଦାସ ସ୍ମୃତି ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।

# ଡିଏଭି ପବ୍ଲିକ ସ୍କୁଲରେ ସାଧାରଣତନ୍ତ୍ର ଦିବସ

**ଯାଜପୁର ଟାଉନ,୨୮।୧(ସମିସ):** ଯାଜପୁର ବ୍ଲକ ନିକଟସ୍ଥ ଡିଏଭି ପବ୍ଲିକ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ମୁଖ୍ୟଅତିଥି ଭାବରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦର୍ପଦଳନ ଲେଙ୍କା ଓ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟା ଶୁଭ୍ରା ମଲ୍ଲିକା ମହାପାତ୍ର ଯୋଗଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା । ପ୍ରଧାନଶିକ୍ଷକ ଦେବବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାବିତ୍ ଧରଣୀଧର ନାୟକଙ୍କ ପରଲୋକ



**ସିଂହପୁର,୨୮।୧(ସମିସ):** ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ଆଦର୍ଶ ଶିକ୍ଷକ ଧରଣୀ ଧର ନାୟକ (୯୦)ଙ୍କ ଆଜି ପରଲୋକ ହୋଇଯାଇଛି । ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ବରୀ ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟ କରିଥିଲେ । ନିଜ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସେ ନିଜ ଗ୍ରାମ ସୁନ୍ଦରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଶିକ୍ଷକତା କରିଥିଲେ । ସେ ମଧୁସୂଦନପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ । ସେ ଅନୁକୂଳଚନ୍ଦ୍ରଙ୍କ ଆଦର୍ଶରେ ଜୀବନଯାପନ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ସୁଚିତ୍ରା ମଲ୍ଲିକ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଆଡଭୋକେଟ ଅଜାମ୍ବର ମଲ୍ଲିକ, ଶିକ୍ଷାବିତ୍ ସମିତିସଭ୍ୟ ନଗେନ୍ଦ୍ର ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବିଦ୍ୟାଳୟ ପରିସରରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା । ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ଜ୍ୟେଷ୍ଠପୁତ୍ର ଶ୍ରୀକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ପ୍ରଭାବ






**ଯାଜପୁର,୨୮।୧(ସମିସ):**

ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସାରାରାଜ୍ୟରେ ରାଜରାସ୍ତାକୁ ଓହ୍ଲାଇଛି ନବ ନିର୍ମାଣ କୃଷକ ସଙ୍ଗଠନ । କଂଗ୍ରେସ ମଧ୍ୟ ଏହି ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ କରିଛି । ସେହି କ୍ରମରେ ଯାଜପୁର ଜିଲ୍ଲାରେ ନବ ନିର୍ମାଣ ସଙ୍ଗଠନ ସମେତ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ନେତୃତ୍ୱରେ ଆଜି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି । ଚାଷୀ ସମସ୍ୟା, ଧାନ ମଣ୍ଡିରେ କଟଣୀ ଛଟଣୀ ସମସ୍ୟାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି । ଏଥି ସହ ରାଜ୍ୟ ସରକାର ପ୍ରଦୂଷଣ ନାଁରେ ଫାଇନ ଆଦାୟ କରିବା ଓ ଟାଟା ପାୱାରର ମନ ମୁଖି କାର୍ଯ୍ୟ ବିରୋଧରେ ମଧ୍ୟ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି । ଏହି ପ୍ରତିବାଦରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ସଭାପତି ସଂଗ୍ରାମ ସାହାଣୀ, ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ର, ନାରୀନେତ୍ରୀ କନକ ରାଉତ,ସାଧାରଣ ସମ୍ପାଦକ ଅର୍ଜିତ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ମାନେ ଉପସ୍ଥିତ ରହି ଏହି ବନ୍ଦ ଡାକରାକୁ ସଫଳ କରିଥିଲେ ।

**ପାଣିକୋଇଲି:** ନବନିର୍ମାଣ କୃଷକ ସଂଗଠନ ପ୍ରତିବାଦ କରି ଆଜି ଓଡ଼ିଶା ବନ୍ଦର ଡାକରା ଦେଇଥିଲା । ଏହି ବନ୍ଦକୁ କଂଗ୍ରେସ, ସିପିଆଇ, ସିପିଏମ ସମର୍ଥନ କରିଥିଲା । ଆଜି ପାଣିକୋଇଲି ଠାରେ କୋରେଇ ବ୍ଲକ କଂଗେସ ପକ୍ଷରୁ ସଭାପତି ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା । ସିପିଆଇ ନେତା ଆଲୋକ ମହାନ୍ତି, ସିପିଏମ୍ ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା । ପାଣିକୋଇଲି ଓଭରବ୍ରିଜ ତଳେ ସମସ୍ତ ଗାଡ଼ିକୁ ଅଟକାଯାଇଥିଲା । ଜାତୀୟ ରାଜପଥ ୧୬ରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ବେଳେ ୨୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଥିଲା । ତିନି ଦଳର ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପରେ ପାଣିକୋଇଲି ଥାନାଧିକାରୀ ସମେତ ପୁଲିସ ବାହିନୀ ପହଞ୍ଚି ଅନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଉଠାଇଥିଲେ । ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ରାକେଶ କୁମାର ସାହୁ, ନିରଞ୍ଜନ ନାୟକ, ସୁରେଶ ସାହୁ, ପ୍ରଫୁଲ୍ଲ ପାଢ଼ୀ, ଉମାକାନ୍ତ ମଳିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**ବ୍ୟାସନଗର:** ନବ ନିର୍ମାଣ କୃଷକ ସଂଗଠନ ଡାକରାରେ ଓଡ଼ିଶା ବନ୍ଦକୁ ସମର୍ଥନ କରିଛି ସିଆଇଟିୟୁ ଓ ସିପିଆଇଏମ୍ ଜିଲ୍ଲା କମିଟି । ଫଳରେ ଆଜି ଯାଜପୁର ରୋଡ୍ ରେଳଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକ ଠାରେ ପହଞ୍ଚିବା ପରେ ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସିଆଇଟିୟୁ ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ତ୍ରିଲୋଚନ ରାଉତ, ମନ୍ମଥ ରାୟ, ଜୟରାମ ମୁର୍ମୁ, ଜଗା ମୁଣ୍ଡା, ଗୋବିନ୍ଦ ନାୟକ ଗୁରୁବାରି ଲାଗୁରୀ, ଗୌରୀ ନାଏକ, କୁନି ପୂର୍ତ୍ତୀ, ସୁରିଆ ହେମ୍ବ୍ରମ, ରସାଇ ବାଡ୍ରା, ସନ୍ତୋଷ ବରାଳ,ରାଜୁ ମୁଣ୍ଡା, ଲିଟା ଲାଗୁରୀ ଓ ନନ୍ଦିନୀ ମୁଣ୍ଡା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# ଭାରତୀବିହାର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁକିନ୍ଦା,୨୮।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ଭାରତୀବିହାର ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଯୁକ୍ତ ୨ବିଭାଗର ଅଧ୍ୟକ୍ଷ ନନ୍ଦକିଶୋର ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବାଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶିକା ପ୍ରୀତିପ୍ରତିଭା ଭୋଳ ଓ ସ୍ୱତନ୍ତ୍ର ଅତିଥି ଭାବେ କୋରେଇ ବିଧାୟକ ଆକାଶଦାସ ନାୟକ ଓ ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଯୁକ୍ତ ୩ ବିଭାଗର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ରଞ୍ଜନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଏଲିନା ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ ।




## ମେଡିକାଲ କଲେଜ ସମ୍ମୁଖ ରାସ୍ତାରେ ବାଲିଗଦା

# ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ

**ଯାଜପୁର,୨୮।୧(ସମିସ):** ନିକଟରେ ରାସ୍ତାରେ ଗଦା ହୋଇଥିବା ବାଲି ଯୋଗୁଁ ଘଟିଥିବା ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ଏହାକୁ ରୋକିବାକୁ ନିୟମ ଆଣିଛନ୍ତି। ରାସ୍ତାରେ ପଡିଥିବା ବାଲିକୁ ଉଠାଇବା ପାଇଁ ବିଭିନ୍ନ ବିଭାଗକୁ ତାଗିଦ କରାଯାଇଛି। ଯାହା ଫଳରେ ଆଗକୁ କୌଣସି ସ୍ଥାନରେ ସମାନ ଧରଣର ଦୁର୍ଘଟଣା ଘଟି ଅନ୍ୟ କାହାରି ଜୀବନ ନଯାଉ। କିନ୍ତୁ ରାଜ୍ୟ ସରକାରଙ୍କ ନିୟମ ଓ ଘୋଷଣା କେବଳ ଘୋଷଣାରେ ରହିଥିବା ପରି ମନେ ହେଉଛି। କାରଣ ଯାଜପୁର ମେଡିକାଲ ସମ୍ମୁଖ ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ବାଲି ଗଦା ହୋଇଛି। ଏହି ରାସ୍ତା ଦେଇ ଛୁଟି ଦିନ ଏବଂ ରାତ୍ରୀ ସମୟରେ ମାଫିଆମାନେ ଚୋରା ବାଲି ଚାଲାଣ କରୁଛନ୍ତି। ଗାଡିରୁ ବାଲି ଉଡ଼ି ରାସ୍ତାରେ ଜମା ହେଉଛି। ଫଳରେ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଯାଇଛି।



ଏପରିକି ରାସ୍ତାର ବୁଲାଣି ଅଞ୍ଚଳରେ ଅଧିକ ମାତ୍ରାର ବାଲି ପଡିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ ଗାଡି, ମଟରସାଇକଲ ଜିଲ୍ଲାପାଳ ଅଫିସ, ମେଡିକାଲ କଲେଜ ଯାଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀ ସମୀକ୍ଷା ବୈଠକରେ ଯୋଗ ଦେବା ପାଇଁ ଜିଲ୍ଲାପାଳ ଅଫିସ ଯାଉଛନ୍ତି। କିନ୍ତୁ କାହାରି ଏଭଳି ଏକ ସମସ୍ୟା ପ୍ରତି ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟର ବିଷୟ ବୋଲି ଚର୍ଚ୍ଚା ହେଉଛି।

ଏ ସଂପର୍କରେ କେତେକ ସହରବାସୀ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ପୋଷ୍ଟ କରି ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ତୁରନ୍ତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ଏହାର ସମାଧାନ ପାଇଁ ତୁରନ୍ତ ରାସ୍ତାରୁ ବାଲି ସଫା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ନେତାଜୀ କପ୍: ଚଣ୍ଡିଖୋଲ ଚାମ୍ପିଅନ

**କବାଟବନ୍ଧ,୨୮।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତ ବାରକଣା ନେତାଜୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଥିବା ୨୮ ତମ ନେତାଜୀ କପ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ପତିତ ପାବନ ସ୍ୱାଇଁ ଏବଂ ପିନାକ ରଞ୍ଜନ ଦାଶ ଯୋଗ ଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ଫାଇନାଲ ମ୍ୟାଚ ଜୟ ଶ୍ରୀରାମ କ୍ଲବ ଚଣ୍ଡିଖୋଲ ଏବଂ ଅର୍ଜୁନ ଏଣ୍ଡ ଅର୍ଜୁନ ଇଲେଭେନ ମଙ୍ଗରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଜୟ ଶ୍ରୀରାମ କ୍ଲବ ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଚଣ୍ଡିଖୋଲ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୨୭୪ ରନ କରିଥିଲା। ଦ୍ୱିତୀୟ ଇନିଂସରେ ପ୍ରତିଦ୍ୱନ୍ଦି ଟିମ ମଙ୍ଗରାଜପୁର ୧୯.୪ ଓଭରରେ ରେ ସମସ୍ତ ୱିକେଟ ହରାଇ ମାତ୍ର ୨୩୩ ରନ କରି ପରାଜୟ ବରଣ କରିଥିଲେ। ବିଜୟୀ କ୍ଲବ ଚଣ୍ଡିଖୋଲର ଡୁଡୁଲ ତ୍ରିପାଠୀ ମାତ୍ର ୯ ଗୋଟି ବଲ ଖେଳି ୩୨ ରନର ଏକ ଧୂଆଁଧାର ଇନିଂସ ଖେଳିବା ସହିତ ୪ ଓଭର ବୋଲିଂ କରି ମାତ୍ର ୩୫ ରନ ବ୍ୟୟ କରି ୪ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସେହିପରି ମଙ୍ଗରାଜପୁର ଟିମ ର ମିକୁ ସ୍ୱାଇଁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଫୁଲ ବାରିକ, ବାବନ ସାହୁ, ଅକ୍ଷୟ ମହାରଣା, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ତାଳଜଙ୍ଗ ସରପଞ୍ଚ ବିପିନ ସେଠୀ, ଶିକ୍ଷକ ଅଭିମନ୍ୟୁ ମଲ୍ଲିକ,ରାଇଛନ୍ଦା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଗୋବିନ୍ଦ ରାଉତ,ସମାଜସେବୀ ପଙ୍କଜ ଚରଣ ମଲ୍ଲ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ନେତାଜୀ କ୍ଲବ ପକ୍ଷରୁ ମାନସ କୁମାର ବାରିକ, ପବିତ୍ର ସାହୁ, ଅକ୍ଷୟ ବାରିକ, ସନାତନ ମଲ୍ଲିକ, ବାସୁଦେବ ସାହୁ, ଜୟଦେବ ମହାରଣା, ଜଗବନ୍ଧୁ ମଲ୍ଲିକ, ଚନ୍ଦନ ସାହୁ, ରାକେଶ ରାଉତଙ୍କ ସହିତ ଅନ୍ୟ ମାନେ ସହଯୋଗ କରିଥିଲେ।

## ପାଲଟପୁରରେ ପୁଣି ଜଣେ କିଡ୍‌ନୀ ରୋଗୀ ଚିହ୍ନଟ

**ଦଶରଥପୁର,୨୮।୧(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କିଡ୍‌ନୀ ରୋଗରେ ୧୨୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ୨୦ରୁ ଅଧିକ ଜଣ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ପଞ୍ଚାୟତବାସି ଏହିଭଳି ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଥିବା ବେଳେ ପୁଣି ଜଣେ ଯୁବକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବାର ସୂଚନା ମିଳିଛି। ସୂଚନା ଅନୁସାରେ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଚୈତନ୍ୟ ମଲିକଙ୍କ ପୁଅ ଯୁବରାଜ ମଲିକ (୩୮) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। କିଛି ଦିନ ତଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇ ବିଭିନ୍ନ ପରୀକ୍ଷା ପରେ ଯୁବରାଜ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଅନ୍ୟ ପକ୍ଷରେ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇ ଏହି ପଞ୍ଚାୟତର ଚିକିତ୍ସାଧୀନ ଅବସ୍ଥାରେ ରହିଥିବା କନକଲତା ତ୍ରିପାଠୀ, ମଞ୍ଜୁଲତା ବେହେରା, ଶାନ୍ତିଲତା ବେହେରା, ଦିଲ୍ଲୀପ ମଲିକ, ଲବଙ୍ଗଲତା ମଲିକ, ବଟକୃଷ୍ଣ ମଲିକ, ଭଗବତୀ ବେହେରା, କେସିମଣି ପତ୍ରୀ, ମମତା ସାହୁ, ଗୀତାଞ୍ଜଳି ବେହେରା, କିଡନୀ ରୋଗରେ ସ୍ୱର୍ଣ୍ଣଲତା ମଲିକ, ହେମନ୍ତ ରାୟ, ଯୁବରାଜ ମଲ୍ଲିକ, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ୨୦ରୁ ଅଧିକ ରୋଗୀ ଚିକିତ୍ସାଧୀନ ଅଛନ୍ତି।

## ଚିତାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦଶରଥପୁର,୨୮।୧(ସମିସ):** ଦଶରଥପୁର ଶିକ୍ଷା ମଣ୍ଡଳ ଚିତାଳ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ନଗେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ସମିତିସଭ୍ୟ ବିଶ୍ୱଜିତ ରାୟ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ଶମ୍ଭୁନାଥ ରାଉତରାୟ, ପରିଚାଳନା ସମିତି ସଭାପତି ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ। ଶେଷ ପର୍ଯ୍ୟାୟରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିସକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଅବିଭାବକ ଏହି ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମନ୍ଦିର ହୁଣ୍ଡି ଚୋର ଗିରଫ

**ବ୍ୟାସନଗର,୨୮।୧(ସମିସ):** ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ବୁଧବାର ଏକ ମନ୍ଦିର ଦାନ ହୁଣ୍ଡି ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଚୋରଦା କେଟିଲ ଛକରେ ଥିବା ଜଗତଜନନୀ ମା' ତାରିଣୀଙ୍କ ମନ୍ଦିରରୁ ଗତ ୨୩ ତାରିଖରେ ଦୁର୍ବୃତ୍ତ ମନ୍ଦିର ଦାନ ହୁଣ୍ଡି ଭାଙ୍ଗି ନେଇଯାଇଥିଲା। ଏନେଇ ଉକ୍ତ ଦିନ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବରିଷ୍ଠ ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି ଯାଜପୁର ରୋଡ୍ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ ଏବଂ ବିଭିନ୍ନ ଆଧାରରେ ପୁଲିସ ମାମଲାର ତଦନ୍ତ କରି ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ସୋବରା ଗ୍ରାମର ମହେନ୍ଦ୍ର କରଙ୍କ ପୁଅ ସତ୍ୟନାରାୟଣ କର(୨୧)କୁ ଅଟକ ରଖି ପଚରାଉଚରା କରିବାରୁ ସେ ଏହି ଚୋରିରେ ସମ୍ପୃକ୍ତ ଥିବା ମାନିଯିବା ପରେ ପୁଲିସ ତା' ନିକଟରୁ ଲୁହାର ଭଙ୍ଗା ଦାନ ହୁଣ୍ଡି ଏବଂ ୨୮,୯୦୦ ଟଙ୍କା ଜବତ କରିଥିଲା। ବୁଧବାର ପୁଲିସ ଅଭିଯୁକ୍ତ ସତ୍ୟ ନାରାୟଣ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

### ନ୍ୟାୟାଳୟର ସ୍ଥିତାବସ୍ଥା ସତ୍ତ୍ୱେ ମାନସିକ ଚାପ ପ୍ରୟୋଗ

## ଦହଗଞ୍ଜ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର

**ଯାଜପୁର,୨୮।୧(ସମିସ):** ଜମି ଜମା ବିବାଦ ଘଟଣାରେ ନ୍ୟାୟାଳୟର ସ୍ଥିତାବସ୍ଥା ଜାରି ସତ୍ତ୍ୱେ ଉଦ୍ଦେଶ୍ୟମୂଳକ ଭାବେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଜିଲ୍ଲାପାଳଙ୍କ ନିକଟରେ ମାମଲା ରୁଜୁ କରାଯାଇ ମାନସିକ ଚାପ ପ୍ରୟୋଗ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ପ୍ରତିବାଦରେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି ସିଭିଲ ସୋସାଇଟି। ସଂଗଠନର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳି ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଉକ୍ତ ଘଟଣାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ କଡ଼ାଇ ଗାଁର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅଭିରାମ ଦାସଙ୍କ ପୈତୃକ ସମ୍ପତ୍ତିକୁ କବ୍‌ଜା କରି ନାନା ହଇରାଣ ହରକତ କରିବା ଘଟଣାରେ ଚଣ୍ଡିଖୋଲ ସିଭିଲ କୋର୍ଟ ଷ୍ଟାଟସ କୋ ଜାରିକରିଥିଲେ। ଉକ୍ତ ନିର୍ଦ୍ଦେଶକୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ମାନି ନେଇଥିବା ବେଳେ ଉକ୍ତ ଗ୍ରାମର ଅଲେଖ ଚନ୍ଦ୍ର ଦାସଙ୍କ ପୁତ୍ର ଚିତ୍ତରଞ୍ଜନ ଦାସ ଷ୍ଟାଟସ କୋ ଜାରି ହେବା ପରେ ମଧ୍ୟ ନିକଟରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏକ ପିଟିସନ ଦାୟର କରିଥିଲେ ଏବଂ ଉଦ୍ଦେଶ୍ୟ ମୂଳକ ଭାବେ ଅପିଲ କେସ ନମ୍ବର ୮/୨୦୨୬ରେ ଏକ ମାମଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରି ମାନସିକ ଚାପ ଦେଇ ବିଭିନ୍ନ ଉପାୟରେ ଉକ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପୈତୃକ ସମ୍ପତ୍ତି ଖାତା ୪୮୧ ପ୍ଲଟ ୧୪୨ର ଘରବାରିକୁ ବଳପୂର୍ବକ ଅକ୍ତିଆର କରିବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ଘଟଣାରେ ସିଭିଲ ସୋସାଇଟି ଯାଜପୁର ପକ୍ଷରୁ ବିଶ୍ୱନାଥ ପାତ୍ର, ପ୍ରଫୁଲ୍ଲ ନାୟକ, ଯଶୋବନ୍ତ ଜେନା, ବିଜୟ କୁମାର ଦାସ, ଆଇନଜୀବୀ ଲୋକନାଥ ଜେନା ପ୍ରମୁଖ ଦାବି ଯାଜପୁର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

## ଉତ୍କଳମଣି ଶିଶୁମେଳା ମହୋତ୍ସବ ଉଦ୍‌ଯାପିତ

**ଧର୍ମଶାଳା,୨୮।୧(ସମିସ):** ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଉତ୍କଳମଣି ଶିଶୁ ମେଳା ସମିତିର ୩୨ତମ ଶିଶୁ ମହୋତ୍ସବ ତଥା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମେଳା ସମିତି ଅଧ୍ୟକ୍ଷ ଅଭିମନ୍ୟୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଗୟାଧର ପଣ୍ଡା, ମୁଖ୍ୟବକ୍ତା ଭାବେ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆଡିସନାଲ ଏସ୍‌ପି ଶିତିକଣ୍ଠ କାନୁନଗୋ, ଗୁରୁକୁଳ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଅଭୟ କୁମାର ଜେନା, ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର, ଅଧ୍ୟାପକ ବିଜୟ କେତନ ସାମଲ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥି ପ୍ରମୁଖ ଯୋଗଦେଇ ଶିଶୁ ମହୋତ୍ସବ ପ୍ରତିଭାର ବିକାଶ ନିମନ୍ତେ ଏ ପ୍ରକାର ଅଭିନବ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ଯାଜପୁର, କଟକ, ଢେଙ୍କାନାଳ ଓ ଭଦ୍ରକ ଜିଲାରୁ ୩୧୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବରିଷ୍ଠ ସମ୍ବାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଧ୍ୟାପିକା ଡ. ସସ୍ମିତା ରାଉତରାୟ, ସିଆର୍‌ସିସି ନିବେଦିତା ପରିଡା, ଅଧ୍ୟାପକ ହେମନ୍ତ କୁମାର ରାଉତଙ୍କ ସମତେ ୯ ଜଣଙ୍କୁ ସମର୍ଦ୍ଧିତ କରାଯାଇଥିଲା। ଗୁରୁକୁଳ ପବ୍ଲିକ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର କର, ଶିଶୁମେଳା ସମ୍ପାଦକ ହେମନ୍ତ କୁମାର ରାଉତ, ସୁବ୍ରତ କୁମାର ଜେନାସାମନ୍ତ, ପଙ୍କଜ ସାମଲ, ଅମୀୟ କୁମାର ବେହୁରା, ଜ୍ୟୋତ୍ସ୍ନାମୟୀ ସାହୁ, ଗଣେଶ୍ୱର ପଣ୍ଡା, ସାମ୍ବାଦିକ ବିନୋଦ ସାହୁ, ଝୁନାରାଣୀ ଜେନାଙ୍କ ସମେତ ଗୁରୁକୁଳ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ସୁଦର୍ଶନ ପ୍ରଧାନ ଧନ୍ୟବାଦ ଦେଇଥିଲେ।



## ନେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଧର୍ମଶାଳା,୨୮।୧(ସମିସ):** ଧର୍ମଶାଳାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନ ପକ୍ଷରୁ ୨୩ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜାରକା ଫ୍ଲାଏ ଓଭରବ୍ରିଜ୍ ତଳେ ଏକ ଭ୍ରାମ୍ୟମାଣ ବସ୍‌ରେ ଅନୁଷ୍ଠିତ ହୋଇଛି। ନେସନ ଅନୁଷ୍ଠାନର ସଭାପତି ଅଖିଳ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ୬୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। କଟକ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ୍‌ବ୍ୟାଙ୍କର ଅଭିଜ୍ଞ ଡାକ୍ତରମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ତଥା ସମାଜସେବୀ ମାଧୁରୀ ଶତପଥୀ, ବିଜେପି ନେତା କାହ୍ନୁ ଚରଣ ଦାଶ, ପରିବେଶବିତ ଶ୍ରୀନିବାସ ଜେନା, କଲେଜ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର, ଧର୍ମଶାଳା ପ୍ରେସ କ୍ଲବର ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ, ସୀତାକାନ୍ତ ସାମଲ, ସମ୍ପାଦକ ଅବିନେଶ୍ୱର ଶତପଥୀ, ରୋଟାରିଆନ୍ ପ୍ରଦୀପ୍ତ ବରାଳ, ବିନୋଦ ବିହାରୀ ପରିଡା, ପ୍ରମୋଦ ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଗିରିଧାରୀ ବେହେରା, ବିନୋଦ ବିହାରୀ ସାହୁ, ବିକ୍ରମ କେଶରୀ ମହାନ୍ତି, ସନ୍ତୋଷ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ଦାନଗଦ,୨୮।୧(ସମିସ):** ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ତ୍ରିଜଙ୍ଗା ବିସ୍ଥାପନ କଲୋନୀ ଅଞ୍ଚଳର ଇଡ୍‌କୋ ଗ୍ରାଉଣ୍ଡରେ ଏକ ବେବି ଲିଗ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଯେଉଁଥିରେ ସୁକିନ୍ଦା ଏବଂ ଦାନଗଦୀ ବ୍ଲକର ପାଞ୍ଚଟି ଗାଁର ପିଲାମାନେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେସନ୍‌ର କ୍ରୀଡ଼ା ବିକାଶ ପଦକ୍ଷେପ ଅଧୀନରେ ନିୟମିତ ଫୁଟବଲ୍ ତାଲିମ ନେଉଥିବା ପିଲାମାନଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ତିନୋଟି ଲିଗ୍ ମ୍ୟାଚ୍, ଦୁଇଟି ସେମିଫାଇନାଲ ମ୍ୟାଚ୍ ଏବଂ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲରେ କଲାଟିଂ ଦଳ ଚାମ୍ପିଅନ୍ ଭାବରେ ବିଜୟୀ ହୋଇଥିଲା ଏବଂ ବେଣାପାଟିଆ ଦଳ ରନର୍ସଅପ୍ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସଚିବ ସମ୍ବିତ କୁମାର ମହାନ୍ତି, ତ୍ରିଜଙ୍ଗା ସରପଞ୍ଚ କାଗେଜୀ ପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ।

### ରବି ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଏନ୍‌ସିସି ଦଶରଥପୁର ଚାମ୍ପିଅନ

**ଦଶରଥପୁର,୨୮।୧(ସମିସ):** ବରିଷ୍ଠ ରାଜନେତା ରବି ନାୟକ ସ୍ମୃତି କମିଟି ପକ୍ଷରୁ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁରଠାରେ ରବି ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ମୃତିକମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକଙ୍କ ସଂଚାଳନରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧାମନଗର ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ପୂର୍ବତନ ସରପଞ୍ଚ ଜୟନ୍ତ ନାୟକ, ଲକ୍ଷ୍ମଣ ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ଦଶରଥପୁରର ଏନ୍‌ସିସି କ୍ରିକେଟ କ୍ଲବ ଏବଂ ଇଞ୍ଜନପୁର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଇଞ୍ଜନପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ୧୮.୨ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୨ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥଲା। ଜବାବରେ ଏନ୍‌ସିସି ଦଶରଥପୁର ତାର ୨ ୱିକେଟ ବିନିମୟରେ ୧୫.୫ ଓଭରରେ ୧୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏନ୍‌ସିସି ଦଶରଥପୁର ପକ୍ଷରୁ ସରତାଜ୍ ମଞ୍ଜୁର ୭୨ ସଂଗ୍ରହ କରିଥିବା ବେଳେ ଦିବ୍ୟସୁନ୍ଦର ୪ ଓଭର ବୋଲିଂ କରି ୧୭ ରନ ବିନିମୟରେ ମୂଲ୍ୟବାନ ୪ଟି ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତପନ ଜେନା ଓ ପ୍ରମୋଦ ନାୟକ ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପଦ୍ମନାଭ ପଣ୍ଡା ଓ ସୁରେଶ ମଲ୍ଲିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଭାଗ ନେଇଥିଲେ।



## ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ



**ଯାଜପୁର,୨୮।୧(ସମିସ):** ଯାଜପୁର ସହର ସନ୍ତେଶ୍ୱରପୁର ଗ୍ରାମର ଘରୋଇ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନଗୁରୁଜୀ ମହେଶ୍ୱର ସାହୁ(୫୬)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ୪ ଦିନ ହେବ ଅସୁସ୍ଥ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ସହରରେ ଶୋକର ଛାୟା ଖେଳି ଯାଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ବୈଦ୍ୟରାଜପୁରସ୍ଥିତ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ମହେଶ୍ୱରଙ୍କ ମୃତଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ଟାଟା ଷ୍ଟିଲ୍‌ର 'ଅରୁଣିମା' କାର୍ଯ୍ୟକ୍ରମ

## ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିଲା 'ଜ୍ୟୋତି ଫେଲୋସିପ୍'


**ଦାନଗଦି,୨୮।୧(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍)ର ଏକ ପ୍ରମୁଖ କାର୍ଯ୍ୟକ୍ରମ "ଅରୁଣିମା'ର ୯ମ ସଂସ୍କରଣ ସୁକିନ୍ଦା କଲେଜ ପରିସରରେ ଶୁଭାରମ୍ଭ ହୋଇଯାଇଛି। ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି, ମହିଳା ଏବଂ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଏକ ଅଭିନବ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଦାନଗଦି ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ୩୦୦ରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ "ଜ୍ୟୋତି ଫେଲୋସିପ୍' ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗର କ୍ଲଷ୍ଟର ହେଡ୍ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି, ଗତ ନଅ ବର୍ଷ ମଧ୍ୟରେ "ଅରୁଣିମା' ଏପରି ଅନେକ ଯୁବକ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇଛି। ଯେଉଁମାନେ ଜ୍ୟୋତି ଫେଲୋସିପର ସଦୁପଯୋଗ କରି ନିଜର ଉଚ୍ଚ ଆକାଂକ୍ଷା ପୂରଣ କରିବା ସହ ଶୈକ୍ଷିକସ୍ତରରେ ସଚେତନ ଓ ସାମାଜିକ ଭାବେ ଦାୟିତ୍ୱବାନ ହୋଇପାରିଛନ୍ତି।




"ଅରୁଣିମା' କାର୍ଯ୍ୟକ୍ରମର ଅଂଶସ୍ୱରୂପ ଜାନୁଆରୀ ୨୯ରେ ଏକ "ମହିଳା ସମ୍ମିଳନୀ' ଆୟୋଜିତ ହେବ। ଏହି ଅବସରରେ କେନ୍ଦୁଝର-ସୁକିନ୍ଦା ଅଞ୍ଚଳର "ଦିଶା' ଅଭିଯାନ ସହ ଜଡ଼ିତ ମହିଳାମାନେ ଏକତ୍ରିତ ହୋଇ ମହିଳା ନେତୃତ୍ୱ, ସଶକ୍ତୀକରଣ ଏବଂ ଜଳ ପରିଚାଳନା କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିବେ।

ତିନି ଦିନିଆ କାର୍ଯ୍ୟକ୍ରମର ଶେଷ ଦିବସରେ "କୃଷି ସମ୍ମିଳନୀ' ଅନୁଷ୍ଠିତ ହେବ। ଯେଉଁଠାରେ ସ୍ଥାନୀୟ ଚାଷୀମାନେ ବିଶେଷଜ୍ଞମାନଙ୍କ ସହ ସମନ୍ୱିତ୍ର କୃଷି ପ୍ରଣାଳୀ ଏବଂ ଜଳବାୟୁ ସହନଶୀଳ କୃଷି କୌଶଳ ଉପରେ ଆଲୋଚନା କରିବେ। ଏଥିରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ୍-ଇନ୍‌ଚାର୍ଜ ସୁଶାନ୍ତ ମିଶ୍ର, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ ମୁଖ୍ୟ ଦେବଦୂତ ମହାନ୍ତି, ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ପ୍ରଶାନ୍ତ ନନ୍ଦ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ ଏଥିକ୍ସ କାଉନସେଲର ଭି. ଶ୍ରୀଦେବୀ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ଟ୍ରାଇବାଲ ଆଇଡେଣ୍ଟିଟି ଆଣ୍ଡ ଅର୍ବାନ ସର୍ଭିସେସ ମୁଖ୍ୟ ଜିରେନ ଟପ୍‌ନୋ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ କଳିଙ୍ଗନଗରର କ୍ଲଷ୍ଟର ହେଡ୍ ଦେବାଞ୍ଜନ ମୁଖାର୍ଜୀ ପ୍ରମୁଖ ସାମିଲ ଥିଲେ।

# ସମ୍ପାଦକୀୟ



ଯଦି ତୁମ ପାଖରେ ଆତ୍ମବିଶ୍ୱାସ ଅଛି, ତେବେ ଜୀବନରେ ସଫଳତା ନିଶ୍ଚୟ ମିଳିବ।

- ମାର୍କ ଟ୍ୱେନ୍

ସକାଳ THE SAKALA

## ବହ୍ୱାଡ଼ମ୍ବରେ ଲଘୁକ୍ରିୟା

ପ୍ରାୟ ଦୁଇଦଶନ୍ଧିର କସରତ ପରେ ଭାରତ-ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୦୪ରେ ଭାରତ-ୟୁଇ ରଣନୈତିକ ସହଯୋଗିତା ସମ୍ପର୍କରେ ଘୋଷଣା ହୋଇ ୨୦୦୭ରେ ବିଧିବଦ୍ଧ ଆଲୋଚନା ଆରମ୍ଭ ହୋଇଥିଲେ ମଧ୍ୟ ସେହିଦିନଠାରୁ ପ୍ରାୟ ସ୍ଥାଣୁ ଥିବା ଏହି ରାଜିନାମା ସମ୍ପର୍କିତ କଥାବାର୍ତ୍ତା ଗତ ଅଗଷ୍ଟ ମାସରେ ଭାରତ ଉପରେ ଆମେରିକାର ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ହଠାତ୍ ତ୍ୱରାନ୍ୱିତ ହୋଇଥିଲା। ଏହାକୁ ଆହୁରି ବେଗ ଦେଲା ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଆମେରିକାକୁ (ଇୟୁ)ର ବିରୋଧ ଏବଂ ପ୍ରତିକ୍ରିୟା ସ୍ୱରୂପ (ଇୟୁ) ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଆମଦାନୀ ଶୁଳ୍କ ଘୋଷଣା ଘଟଣା। ଏହା ନିଃସନ୍ଦେହ ଯେ ଆମେରିକାର ଉଭୟ ଭାରତ ଓ (ଇୟୁ) ବିରୋଧୀ ଆଭିମୁଖ୍ୟ ଦୁଇ ପକ୍ଷଙ୍କୁ ନିକଟତର କରିଛି। ତେଣୁ ପ୍ରାୟତଃ ଆମେରିକାର ଶୁଳ୍କ ନୀତି ପୃଷ୍ଠଭୂମିରେ ସମ୍ପାଦିତ ଭାରତ-(ଇୟୁ) ମୁକ୍ତବାଣିଜ୍ୟ ରାଜିନାମାକୁ ନିରେଖି ଦେଖିଲେ ଭାରତ ତୁଳନାରେ (ଇୟୁ) ଅଧିକ ଲାଭବାନ ହେବା ସ୍ପଷ୍ଟ। ତେଣୁ ଏଥିରେ ଭାରତୀୟ ଭାବରେ ଅଧିକ ଉତ୍ସାହିତ ହେବାର ସେଭଳି କୌଣସି ସ୍ପଷ୍ଟ କାରଣ ଦେଖାଯାଉନାହିଁ।



ଏହି ଚୁକ୍ତିନାମା ଫଳରେ ଉଭୟ ପକ୍ଷର କଞ୍ଚାମାଲ୍ ଓ ମାନବ ସମ୍ବଳ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ୫୦% ଆମଦାନୀ ଶୁଳ୍କ ଲାଗୁ ପରେ ଆମେରିକା ବଜାରରେ ଭାରତର ରପ୍ତାନୀ ଶିଳ୍ପ ହରାଇଥିବା ଅଂଶ କେତେକାଂଶରେ ଏହି ରାଜିନାମା ଫଳରେ (ଇୟୁ) ବଜାରରୁ ଭରଣା କରିପାରିବ। ସେହିପରି ଆମେରିକା ସହିତ ତିକ୍ତତା ପରେ ଭାରତ ଓ (ଇୟୁ)ର ଘରୋଇ ଅର୍ଥନୀତି, ବୈଷୟିକ ଜ୍ଞାନକୌଶଳ, ପ୍ରତିରକ୍ଷା କ୍ଷେତ୍ରରେ ଥିବା ଦୂରତା ହ୍ରାସ ପାଇ ଉଭୟ ପକ୍ଷ ଲାଭବାନ ହେବେ। ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ଥର ପାଇଁ ଭାରତ ସହିତ (ଇୟୁ) ମଧ୍ୟରେ ଏକ ନୂଆ ଭୂ-ରାଜନୈତିକ ଓ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଛି।

ଏସବୁ ସତ୍ତ୍ୱେ ଆମେ କ୍ଷଣକ ପାଇଁ ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ଏହା କେବଳ କାଗଜପତ୍ରସ୍ତରୀୟ ଦ୍ୱିପାକ୍ଷିକ ସମ୍ମତିମାତ୍ର। ଏ ପର୍ଯ୍ୟନ୍ତ ଦୁଇପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇନାହିଁ ଏବଂ ରୂପାୟନର ସଫଳତା ଆହୁରି ଅନେକ କାରକ ଉପରେ ନିର୍ଭର କରୁଛି। ପ୍ରଥମତଃ, (ଇୟୁ)ର ୨୭ଟି ସଦସ୍ୟ ରାଷ୍ଟ୍ରଙ୍କ ସଂସଦରେ ଅନୁମୋଦନ ଲାଭ ନ କରିବା ପର୍ଯ୍ୟନ୍ତ ରାଜିନାମାର କୌଣସି ମୂଲ୍ୟ ହିଁ ନାହିଁ। ଯଦିବା ସମସ୍ତ ସଦସ୍ୟ ରାଷ୍ଟ୍ର ଏହାକୁ ଅନୁମୋଦନ କରିଦିଅନ୍ତି ତଥାପି ଭାରତର ରପ୍ତାନୀ ବାଣିଜ୍ୟ ସେତେ କିଛି ଅଧିକ ଲାଭବାନ ହେବ ନାହିଁ। ସମ୍ପ୍ରତି ମୁକ୍ତବାଣିଜ୍ୟ ରାଜିନାମା ବିନା ହିଁ ଏବେ (ଇୟୁ)କୁ ରପ୍ତାନୀ ହେଉଥିବା ଭାରତର ୮୦% ସାମଗ୍ରୀ ଉପରେ ୧% ଆମଦାନୀ ଶୁଳ୍କ ଲାଗୁ ହେଉଛି। ରାଜିନାମାର ପ୍ରସ୍ତାବ ଅନୁଯାୟୀ (ଇୟୁ) ଭାରତରୁ ରପ୍ତାନୀ ହେଉଥିବା ୯୯.୫ ସାମଗ୍ରୀକୁ ଶୁଳ୍କମୁକ୍ତ କରିବ। ଅପରପକ୍ଷରେ (ଇୟୁ)ରୁ ଆମଦାନୀ ହେଉଥିବା ୯୭.୫ ସାମଗ୍ରୀକୁ ଭାରତର ଶୁଳ୍କ ଶୂନ ପ୍ରତିଶତକୁ ହ୍ରାସ ପାଇବ। ଏବେ (ଇୟୁ)ରୁ ଆମଦାନୀ ସାମଗ୍ରୀ ଉପରେ ଭାରତର ହାରାହାରି ଆମଦାନୀ ଶୁଳ୍କ ୧୦-୧୨% ଥିବା ବେଳେ ଭାରତରୁ ରପ୍ତାନୀ ସାମଗ୍ରୀ ଉପରେ (ଇୟୁ)ର ଆମଦାନୀ ଶୁଳ୍କ ହାରାହାରି ୩-୪%। ତେଣୁ ମୁକ୍ତ ବାଣିଜ୍ୟ ରାଜିନାମାରେ (ଇୟୁ) ସହିତ ଭାରତର ବାଣିଜ୍ୟ ନିଅଣ୍ଟ ସଙ୍କଟ ସୃଷ୍ଟି ହେବା ନିଶ୍ଚିତ।

ଏହାଛଡ଼ା ଭାରତର ରପ୍ତାନୀ ବାଣିଜ୍ୟ ଆଗରେ ଆହୁରି ଅନେକ ପ୍ରତିବନ୍ଧକ ରହିଛି। ଗତ ୧ ତାରିଖରୁ (ଇୟୁ) ଲାଗୁ କରିଥିବା କାର୍ବନ ଟ୍ୟାକ୍ସ(ସିବିଏଏମ୍)ର ସର୍ବାଧିକ ଶିକାର ହେବ ଭାରତର ସିମେଣ୍ଟ, ଇସ୍ପାତ୍, ଆଲୁମିନିୟମ, ବିଶୋଧିତ ତୈଳ, କାଚ, କାଗଜ, ରସାୟନ, ସାର ଆଦି ଶିଳ୍ପଜାତ ସାମଗ୍ରୀ। ସିସିଏଏମ୍ ଯୋଗୁଁ (ଇୟୁ)କୁ ଭାରତର ଇସ୍ପାତ୍ ଓ ଲୌହ ରପ୍ତାନୀ ଗତବର୍ଷ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏହାଛଡ଼ା 'ୟୁରୋପିଆନ୍ ୟୁନିୟନ୍ ଡିଫରେଷ୍ଟେସନ୍ ରେଗୁଲେସନ୍(ଇୟୁଡିଆର)' ନୀତି ଅନୁଯାୟୀ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଯେଉଁ ଶିଳ୍ପ ପ୍ରତିଷ୍ଠା ହୋଇଥିବ ତାହାର ଉତ୍ପାଦର ୟୁରୋପୀୟ ବଜାରରେ ବିକ୍ରିବଟା ଉପରେ କଟକଣା ଜାରି କରାଯାଇଛି। ଏଣୁ (ଇୟୁ)କୁ ରପ୍ତାନୀ ହେବାକୁ ଥିବା ଭାରତର ୧.୩ ବିଲିୟନ ଡଲାର ମୂଲ୍ୟର କୃଷିଜାତ ଦ୍ରବ୍ୟର ରପ୍ତାନୀ ପ୍ରଭାବିତ ହେବ। ସେହିପରି ଆସନ୍ତା ୨୦୨୭ରୁ (ଇୟୁ)ରେ କାର୍ଯ୍ୟକାରୀ ହେବାକୁ ଯାଉଥିବା 'ଇୟୁ ଡିରେକ୍ଟିଭ୍ ଅନ୍ କର୍ପୋରେଟ୍ ସଷ୍ଟେନେବିଲିଟି ଡ୍ୟୁ ଡିଲିଜେନ୍ସ(ସିଏସ୍‌ଡିଡି)' ଅନୁଯାୟୀ (ଇୟୁ) ବଜାରରେ ପ୍ରବେଶ କରିବାକୁ ଥିବା ବିଦେଶୀ ସାମଗ୍ରୀଗୁଡ଼ିକ ପରିବେଶ, ମାନବାଧିକାର, ଦୁର୍ନୀତି ଆଦି କ୍ଷେତ୍ରରେ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ଆଣିବା ବାଧ୍ୟତାମୂଳକ, ଯାହା ଭାରତ ପକ୍ଷରେ ସମ୍ଭବ ନୁହେଁ। ଏତଦ୍‌ବ୍ୟତୀତ ଖୁବ୍‌ଶୀଘ୍ର ଭାରତ ସରକାର ଲାଗୁ କରିବାକୁ ଯାଉଥିବା 'ଇଣ୍ଡଷ୍ଟ୍ରିଆଲ୍ ଆକ୍ସିଲିରେଟର ଆକ୍ଟ' ଅନୁଯାୟୀ ଘରୋଇ ଉତ୍ପାଦନରେ ଅଞ୍ଚଳଭିତ୍ତିକ କଞ୍ଚାମାଲ୍ ଉପଯୋଗକୁ ନିଶ୍ଚିତ କରିବାକୁ ପଡ଼ିବ। ଅପରପକ୍ଷରେ ଭାରତ-(ଇୟୁ) ଏଫ୍‌ଟିଏରେ (ଇୟୁ) କଞ୍ଚାମାଲ୍‌କୁ ଶୂନ ପ୍ରତିଶତ ଶୁଳ୍କରେ ଭାରତରେ ପ୍ରବେଶ ଅନୁମତି ମିଳିବାକୁ ଥିବାରୁ ଆଇନଗତ ଜଟିଳତା ସୃଷ୍ଟି ହେବ। ଆଶ୍ଚର୍ଯ୍ୟର ବିଷୟ ଏହି ସବୁ ଆଇନଗତ ଜଟିଳତା ପ୍ରସଙ୍ଗ ରାଜିନାମାରେ ସ୍ଥାନ ପାଇ ନ ଥିବାରୁ ଭାରତୀୟ ରପ୍ତାନୀ ଶିଳ୍ପ କୌଣସି ଦିଗରୁ ଲାଭବାନ ହେବାର ସମ୍ଭାବନା ଦିଶୁନାହିଁ।

ତେଣୁ ସାମଗ୍ରିକ ଭାବରେ ଅନୁଶୀଳନ କଲେ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ୍' ଭାବରେ ଘୋଷିତ ଭାରତ-(ଇୟୁ) ମୁକ୍ତ ବାଣିଜ୍ୟ ରାଜିନାମା କେବଳ ଏକ ବହ୍ୱାଡ଼ମ୍ବରରେ ଲଘୁକ୍ରିୟାରେ ପରିଣତ ହେବା ସାର ହୋଇଛି। (ଇୟୁ)ର ଆମେରିକା ଉପରେ ଚାପ ସୃଷ୍ଟି ପାଇଁ ଏବଂ ଭାରତରେ କେନ୍ଦ୍ର ସରକାରଙ୍କ ରାଜନୈତିକ ପତିଆରା ହାସଲରେ ଏହା ଯେ ଶତପ୍ରତିଶତ ସହାୟକ ହୋଇପାରିଛି ଏଥିରେ ସନ୍ଦେହ ନାହିଁ; କିନ୍ତୁ ଏହା ଯେ ବାସ୍ତବତାଠାରୁ ବହୁଦୂରରେ ତାହା ସ୍ୱୀକାର କରିବାକୁ ପଡ଼ିବ।

## କୋଟିଆ: ବିକାଶ, ବିବାଦ ଓ ଆହ୍ୱାନ

**ଡ. ସୁବ୍ରତ ବିଶ୍ୱାଳ**

କୋରାପୁଟ ଜିଲ୍ଲାର ଗିରିପଥ, ଜଙ୍ଗଲ ଓ ଜନଜାତିଜୀବନ ମଧ୍ୟରେ ଅବସ୍ଥିତ 'କୋଟିଆ' ଆଜି କେବଳ ଏକ ଭୌଗୋଳିକ ନାମ ନୁହେଁ, ଏହା ଓଡ଼ିଶାର ଭୂମିକ୍ଷେତ୍ରୀୟ ଅଧିକାର, ରାଜ୍ୟ ମର୍ଯ୍ୟାଦା ଓ ସାଂବିଧାନିକ ଦାୟିତ୍ୱର ଏକ ସଂବେଦନଶୀଳ ପ୍ରତୀକ। ଦଶକ ଦଶକ ଧରି ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚାଲିଥିବା କୋଟିଆ ବିବାଦ ଆଜି ମଧ୍ୟ ଶେଷ ହେଉନଥିବା ସମସ୍ୟା, ଯାହାର ମୂଳ କାରଣ ହେଉଛି ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଦୀର୍ଘମିଆଦୀ ନୀତିଗତ ପଦକ୍ଷେପର ଅନୁପସ୍ଥିତି। ଏହି ବିବାଦର ପ୍ରଭାବ କେବଳ ଦୁଇଟି ରାଜ୍ୟର ସମ୍ପର୍କକୁ ନୁହେଁ, ସ୍ଥାନୀୟ ଲୋକଙ୍କ ଜୀବନ, ପରିଚୟ ଓ ଭବିଷ୍ୟତକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରୁଛି। ଆଇନ କାନୁନର ଅନିଶ୍ଚିତତା ଓ ପ୍ରଶାସନିକ ଦ୍ୱନ୍ଦ୍ୱ ମଧ୍ୟରେ ଏହି ଅଞ୍ଚଳର ଉନ୍ନତି ଅଟକି ଯାଇଛି। ତେଣୁ କୋଟିଆ ପ୍ରସଙ୍ଗର ସମାଧାନ କେବଳ ରାଜନୈତିକ ଦାବି ନୁହେଁ, ଏହା ଏକ ସାମ୍ବିଧାନିକ ଓ ନୈତିକ ଦାୟିତ୍ୱ ଭାବେ ଦେଖିବା ଆବଶ୍ୟକ।



୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରେ ରାଜ୍ୟ ସରକାର ମାଦ୍ରାସ ପ୍ରେସିଡେନ୍ସିକୁ ଆନ୍ଧ୍ର ପ୍ରଦେଶ ସହ ସୀମା ନିର୍ଦ୍ଧାରଣ ପାଇଁ ପତ୍ର ଲେଖିଲେ। ୧୯୪୨ରେ ସର୍ଭେ ଏବଂ ଭୂ ରେକର୍ଡ ବିଭାଗର ସହାୟକ ନିର୍ଦ୍ଦେଶକ ହେଚ୍. ଏସ୍. ଗିଲବି ସୀମା ଚିହ୍ନଟ ପାଇଁ ନିଯୁକ୍ତ ହେଲେ, ଯାହାର ରିପୋର୍ଟ ଅନୁଯାୟୀ ୨୧ଟି ଗ୍ରାମ ଆନ୍ଧ୍ର ପ୍ରଦେଶର ସୀମା ମଧ୍ୟରେ ଥିଲା। ବିବାଦ ୧୯୫୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ଆନ୍ଧ୍ରର କିଛି ଅଧୀନସ୍ଥ ଅଧିକାରୀ ଭତ୍ତା ଦାବି କରିବାକୁ ଗ୍ରାମବାସୀଙ୍କ ଉପରେ ଚାପ ଦେଉଥିଲେ। ୧୯୬୮ ସେପ୍ଟେମ୍ବରରେ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ୱାଇ ଭି. ଚୌହ୍ୱାନ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏକ ସମ୍ମିଳନୀରେ ଆଣି ସମାଧାନ ଚେଷ୍ଟା କଲେ। ଓଡ଼ିଶା ସରକାର ୧୯୬୮ ରେ ସୁପ୍ରିମକୋର୍ଟରେ ମାମଲା ଦାଖଲ କଲେ; ମୂଳ ମାମଲାରେ ୭୩ଟି ଗାଁ ଥିଲା, ଯାହା ୧୯୮୦ ରେ ୨୧ଟି କରାଗଲା।

ଏହି ଆଇନ ଲଢ଼ାଇ ମଧ୍ୟରେ ସବୁଠୁ ଅଧିକ ଅସୁବିଧା ଭୋଗୁଛନ୍ତି କୋଟିଆର ସାଧାରଣ ଜନଜାତି ଲୋକ। ଦୁଇ ରାଜ୍ୟର ଦାବି ମଧ୍ୟରେ ପେସି ଯାଇ ସେମାନେ ନିଜ ପରିଚୟ, ଅଧିକାର ଓ ସୁରକ୍ଷା ନେଇ ଅନିଶ୍ଚିତତାରେ ବଞ୍ଚୁଛନ୍ତି। ଆନ୍ଧ୍ର ପ୍ରଦେଶ ପକ୍ଷରୁ ସ୍କୁଲ, ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର, ରାସନ କାର୍ଡ ଓ ଭୋଟର ପରିଚୟପତ୍ର ଯୋଗାଇ ଲୋକଙ୍କୁ ପ୍ରଲୋଭିତ କରାଯାଉଥିବା ଅଭିଯୋଗ ନୂଆ ନୁହେଁ। ଏପରି ପଦକ୍ଷେପ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହ ସାମାଜିକ ବିଭାଜନକୁ ମଧ୍ୟ ବଢ଼ାଇଛି। ଏହାକୁ ଦେଖି ଓଡ଼ିଶା ପ୍ରଶାସନ ମଧ୍ୟ ସଚେତନ ହୋଇ କିଛି ପଦକ୍ଷେପ ନେଇଥିଲେ ମଧ୍ୟ ସେଗୁଡ଼ିକ ପର୍ଯ୍ୟାପ୍ତ ଓ ସ୍ଥାୟୀ ହୋଇପାରିନାହିଁ। ଫଳସ୍ୱରୂପ ଜନଜାତି ଲୋକମାନେ ଏଯାବତ୍ ମୌଳିକ ସୁବିଧା ଓ ସ୍ଥିର ପ୍ରଶାସନିକ ସମର୍ଥନର ଅଭାବ ଅନୁଭବ କରୁଛନ୍ତି।

କୋଟିଆ ବିବାଦର ସବୁଠୁ ବଡ଼ ବିଡ଼ମ୍ବନା ହେଉଛି, ଏହା ଦୁଇଟି ରାଜ୍ୟ ମଧ୍ୟରେ ରାଜନୈତିକ ଅହଂକାରର ଲଢ଼ାଇ ହୋଇଯାଇଛି। କିନ୍ତୁ ମଧ୍ୟରେ ରହିଥିବା ଲୋକଙ୍କ ଜୀବନ, ପରିଚୟ ଓ ଅଧିକାର ପଛରେ ପଡ଼ିଯାଇଛି। ରାଜନୈତିକ ଦାବି ଓ ଆଇନ ପ୍ରକ୍ରିୟାର ଆଢ଼ରେ ସ୍ଥାନୀୟ ଜନଜାତି ସମୁଦାୟର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଉପେକ୍ଷା କରାଯାଉଛି। ଓଡ଼ିଶାର ଏହି ଅଞ୍ଚଳରେ ଯଦି ଦୀର୍ଘ ସମୟ ଧରି ଉନ୍ନତି, ସୁଶାସନ ଓ ଆଧାରଭୂତ ସୁବିଧା ଦୃଢ଼ ଭାବେ ପହଞ୍ଚିଥା'ନ୍ତା, ତେବେ ବାହାର ରାଜ୍ୟର ପ୍ରଭାବ ପାଇଁ ସ୍ଥାନ ରହୁନଥା'ନ୍ତା। ଅପର୍ଯ୍ୟାପ୍ତ ସଂଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାର ଅଭାବ ଏହି ଅଞ୍ଚଳକୁ ଦୁର୍ବଳ କରିଛି। ଏହାର ପରିଣାମସ୍ୱରୂପ କୋଟିଆର ଲୋକମାନେ ଆଜି ମଧ୍ୟ ଅବହେଳିତ ଅନୁଭବ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ 'କୋଟିଆ ବିକାଶ' କେବଳ ସ୍ଲୋଗାନ ନୁହେଁ, ଏହା ଓଡ଼ିଶା ସରକାରଙ୍କ ପାଇଁ ଏକ ପରୀକ୍ଷା। କାଗଜରେ ଯୋଜନା ଓ ଘୋଷଣାରେ ସୀମିତ ରହିଲେ ଏହାର କୌଣସି ଅର୍ଥ ନଥାଏ। ସ୍କୁଲରେ ଓଡ଼ିଆ ଭାଷାର ଶିକ୍ଷା, ଆଦିବାସୀ ସଂସ୍କୃତିର ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ରୋଜଗାର ଓ ସଂଯୋଗ ବୃଦ୍ଧି - ଏସବୁ କାର୍ଯ୍ୟ କେବଳ ଫାଇଲରେ ନୁହେଁ, ମାଟିରେ ଦେଖାଯିବା ଦରକାର। ଗ୍ରାମସ୍ତରରେ ସ୍ଥାୟୀ ପ୍ରଶାସନିକ ଉପସ୍ଥିତି, ରାସ୍ତା ଓ ଯୋଗାଯୋଗ ସୁବିଧା ମଜବୁତ କରାଯିବା ଅତ୍ୟାବଶ୍ୟକ। ସେହିପରି ଯୁବପିଢ଼ିଙ୍କ ପାଇଁ କୌଶଳ ବିକାଶ ଓ ସ୍ଥାନୀୟ ରୋଜଗାର ସୃଷ୍ଟି କଲେ କୋଟିଆର ଲୋକମାନେ ରାଜ୍ୟ ସହ ଭାବନାତ୍ମକ ଓ ବ୍ୟବହାରିକ ଭାବେ ଜଡ଼ିତ ହୋଇ ରହିପାରିବେ।

ପ୍ରଥମେ, କୋଟିଆ ମାମଲାକୁ ରାଜନୈତିକ ସମସ୍ୟା ଭଳି ନୁହେଁ, ସାଂବିଧାନିକ ଓ ଜାତୀୟ ପ୍ରସଙ୍ଗ ଭାବେ ଦେଖିବା ଆବଶ୍ୟକ। ଏହାକୁ ଦଳୀୟ ରାଜନୀତିର ସୀମାରେ ବନ୍ଦୀ କଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଭାରତର ସଂବିଧାନ ଯେପରି ରାଜ୍ୟ ସୀମା, ନାଗରିକ ଅଧିକାର ଓ ପ୍ରଶାସନିକ ସ୍ପଷ୍ଟତାକୁ ଗୁରୁତ୍ୱ ଦେଇଛି, ସେହି ଆଲୋକରେ କୋଟିଆ ପ୍ରସଙ୍ଗକୁ ମୂଲ୍ୟାୟନ କରାଯିବା ଦରକାର। ସୁପ୍ରିମକୋର୍ଟରେ ମାମଲାର ଦ୍ରୁତ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ସକ୍ରିୟ ଭୂମିକା ଦରକାର। କେନ୍ଦ୍ର ଯଦି ମଧ୍ୟସ୍ଥି ଭାବେ ଦୁଇ ରାଜ୍ୟଙ୍କ ସହ ସମନ୍ୱୟ ସୃଷ୍ଟି କରେ, ତେବେ ଆଇନ ଅନିଶ୍ଚିତତା ଶୀଘ୍ର ଦୂର ହୋଇପାରିବ। ଏହା ସହିତ ସ୍ଥାନୀୟ ଲୋକଙ୍କ ଭରସା ପୁନରୁଦ୍ଧାର ମଧ୍ୟ ସମ୍ଭବ ହେବ।

ଦ୍ୱିତୀୟତଃ, କୋଟିଆ ଅଞ୍ଚଳରେ ସ୍ଥାୟୀ ପ୍ରଶାସନିକ ଉପସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ତ୍ୱରାନ୍ୱିତ କରାଯିବା ଦରକାର। କେବଳ ଅସ୍ଥାୟୀ ଦୌରା କିମ୍ବା ଯୋଜନା ଘୋଷଣା ପର୍ଯ୍ୟାପ୍ତ ନୁହେଁ, ଗ୍ରାମସ୍ତରରେ ନିୟମିତ ପ୍ରଶାସନିକ ନିରୀକ୍ଷଣ ଓ ସେବା ଦେବା ଅତ୍ୟାବଶ୍ୟକ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଓ ସଂଯୋଗ ସୁବିଧା ଦ୍ରୁତ ଓ ଗୁଣାତ୍ମକ ଭାବେ ପହଞ୍ଚିଲେ ଲୋକଙ୍କ ମନରେ ରାଜ୍ୟ ପ୍ରତି ଭରସା ବଢ଼ିବ। ଲୋକଙ୍କୁ ଓଡ଼ିଶା ସହିତ ଭାବନାତ୍ମକ ଓ ପ୍ରଶାସନିକ ଭାବେ ଯୋଡ଼ିବା ହେଉଛି ସର୍ବାଧିକ ପ୍ରଭାବଶାଳୀ ଉପାୟ। ସ୍ଥାନୀୟ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଯଦି ଉନ୍ନୟନ କାର୍ଯ୍ୟ ହୋଇଥାଏ, ତେବେ ଏହି ସମ୍ପର୍କ ଆହୁରି ମଜବୁତ ହେବ।

ତୃତୀୟତଃ, ଆନ୍ଧ୍ର ପ୍ରଦେଶ ସହିତ ସଂଘର୍ଷର ଭାଷା ପରିବର୍ତ୍ତେ ସଂବିଧାନୀୟ ସମ୍ବାଦ ଓ ମଧ୍ୟସ୍ଥତାର ପଥ ଖୋଜାଯିବା ଉଚିତ। ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଯଦି ସାମ୍ବିଧାନିକ ତଥ୍ୟ ଆଧାରିତ ହୁଏ, ତେବେ ସମସ୍ୟାର ସମାଧାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ଭବ। କେନ୍ଦ୍ର ସରକାର ଏଥିରେ ମଧ୍ୟସ୍ଥି ଭୂମିକା ନେଇ ଦୁଇ ପକ୍ଷଙ୍କୁ ଏକ ମଞ୍ଚକୁ ଆଣିପାରିବେ। ସଂଘର୍ଷ ବୃଦ୍ଧି କଲେ ସୀମାଞ୍ଚଳରେ ଅସ୍ଥିରତା ଓ ଲୋକଙ୍କ ଭୟ ବଢ଼ିବ, ଯାହା କୌଣସିପକ୍ଷ ପାଇଁ ମଧ୍ୟ ଲାଭଦାୟକ ନୁହେଁ। ସେହିପରି ଆଇନର ପଥ ଅନୁସରଣ କରି ଓଡ଼ିଶାର ଅଧିକାର ସୁରକ୍ଷିତ କରିବା ହିଁ ସର୍ବୋତ୍ତମ ଉପାୟ।

ଶେଷରେ, କୋଟିଆ କେବଳ ଏକ ସୀମା ବିବାଦ ନୁହେଁ, ଏହା ଓଡ଼ିଶାର ଆତ୍ମସମ୍ମାନ, ରାଜ୍ୟ ସଚେତନତା ଓ ଜନଜାତି ନ୍ୟାୟର ପ୍ରଶ୍ନ। ଏହି ଅଞ୍ଚଳର ଲୋକମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା ରାଜ୍ୟର ପ୍ରଥମ ଦାୟିତ୍ୱ। ଯଦି ଆମେ ଆଜି ଏହାକୁ ଗମ୍ଭୀରତାର ସହ ନେବୁ ନାହିଁ, ତେବେ ଆଗାମୀ ପିଢ଼ି ପାଖରେ କେବଳ ଦଲିଲ ଓ ଆଦେଶ ରହିବ, ମାଟି ଓ ମନୁଷ୍ୟ ନୁହେଁ। ସମୟୋଚିତ ନିଷ୍ପତ୍ତି ଓ ଦୃଢ଼ ପଦକ୍ଷେପ ମାଧ୍ୟମରେ ହିଁ ଏହି ସମସ୍ୟାର ଅନ୍ତ ହୋଇପାରିବ। କୋଟିଆକୁ ରକ୍ଷା କରିବା ମାନେ ଓଡ଼ିଶାକୁ ରକ୍ଷା କରିବା, ଏହି ସତ୍ୟକୁ ଏବେ ଉଭୟ ରାଜ୍ୟ ଓ ଦେଶ ବୁଝିବା ସମୟ ଆସିଛି।

(ସହାୟକ ପ୍ରାଧ୍ୟାପକ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ)
ବାଲେଶ୍ୱର, ମୋ: ୭୯୭୮୭୫୧୦୯୮

## ମାଇକ୍ରୋପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ

**ହିମାଂଶୁ ଶେଖର ଫତେସିଂହ**

ଆଜିକାର ଯୁଗରେ ପ୍ଲାଷ୍ଟିକର ବ୍ୟବହାର ବହୁମାତ୍ରାରେ ବୃଦ୍ଧି ପାଇଛି। ପ୍ରତ୍ୟେକ କ୍ଷେତ୍ରରେ ପ୍ଲାଷ୍ଟିକର ବ୍ୟବହାର ଦେଖିବାକୁ ମିଳୁଛି। ଆମର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଏପରିକି ନାନାଦି ଯନ୍ତ୍ର ମଧ୍ୟ ପ୍ଲାଷ୍ଟିକରେ ନିର୍ମିତ ହେଉଥିବାର ଦେଖିବାକୁ ମିଳୁଛି। ଉତ୍ପାଦଗୁଡ଼ିକର ପ୍ୟାକେଜ ପ୍ରସ୍ତୁତି, କୃଷିକ୍ଷେତ୍ର, ନିର୍ମାଣ ଶିଳ୍ପ, ମୋଟରଗାଡ଼ି ନିର୍ମାଣ, ଉପଭୋକ୍ତା ସାମଗ୍ରୀ, ସ୍ୱାସ୍ଥ୍ୟ ସେବା, ଖେଳନା ଆଦି ଯାବତୀୟ କ୍ଷେତ୍ରରେ ଏଗୁଡ଼ିକର ବ୍ୟବହାର ଦେଖିବାକୁ ମିଳୁଛି। ତେଣୁ ପ୍ଲାଷ୍ଟିକକୁ ବାଦ ଦେଇ ମୁହୂର୍ତ୍ତେ ହେଲେ ଚଳି ହେବନାହିଁ।



୧୯୫୦ ମସିହା ବେଳକୁ ପୃଥିବୀରେ ବାର୍ଷିକ ମାତ୍ର ୨ ନିୟୁତ ଟନ ବିଭିନ୍ନ ପ୍ଲାଷ୍ଟିକ ଉତ୍ପାଦିତ ହେଉଥିଲା। ୨୦୨୪ ମସିହାରେ ଏହି ପରିମାଣ ୪୬୦ ନିୟୁତ ଟନ୍‌ରେ ପହଞ୍ଚିଛି। ଅର୍ଥାତ ଗତ ୭୪ ବର୍ଷ ମଧ୍ୟରେ ପୃଥିବୀରେ ପ୍ଲାଷ୍ଟିକ ଉତ୍ପାଦନ ୨୩୦ ଗୁଣ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ପୃଥିବୀର ବିଭିନ୍ନ ଦେଶରେ ପ୍ରାୟ ୯୨୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦିତ ହୋଇଛି। ପ୍ରତି ବର୍ଷ ପ୍ଲାଷ୍ଟିକ ଉତ୍ପାଦନ ଯେଉଁ ହାରରେ ବୃଦ୍ଧି ପାଉଛି, ୨୦୫୦ମସିହା ବେଳକୁ ପୃଥିବୀରେ ବାର୍ଷିକ ୧୧୦୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦିତ ହେଉଥିବ। ପୃଥିବୀରେ ସର୍ବାଧିକ ପ୍ଲାଷ୍ଟିକ ଉତ୍ପାଦନକାରୀ ରାଷ୍ଟ୍ର ହେଉଛି ଚୀନ୍। ପୃଥିବୀରେ ଉତ୍ପାଦିତ ପ୍ଲାଷ୍ଟିକର ପ୍ରାୟ ୩୩ ପ୍ରତିଶତ ଏହି ଦେଶରେ ଉତ୍ପାଦିତ ହୋଇଥାଏ। ପୃଥିବୀରେ ପ୍ଲାଷ୍ଟିକ ଉତ୍ପାଦନ କରୁଥିବା ଶ୍ରେଷ୍ଠ ପାଞ୍ଚ ଗୋଟି ଦେଶ ହେଉଛି ଚୀନ୍, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ବ୍ରାଜିଲ ଓ ମେକ୍ସିକୋ। ଏହି ପାଞ୍ଚଟି ଦେଶରେ ପୃଥିବୀର ପ୍ରାୟ ୬୦ ପ୍ରତିଶତ ପ୍ଲାଷ୍ଟିକ ଉତ୍ପାଦିତ ହୋଇଥାଏ।

୧୯୯୦ ମସିହାରେ ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକ ବ୍ୟବାହାର ମାତ୍ର ୧ କି.ଗ୍ରା. ରହିଥିବା ବେଳେ ଏବେ ଏହା ରହିଛି ପ୍ରାୟ ୧୫ କି.ଗ୍ରା.। ପୃଥିବୀରେ ମୁଣ୍ଡପିଛା ବାର୍ଷିକ ପ୍ଲାଷ୍ଟିକ ବ୍ୟବାହାର ହେଉଛି ୩୫ କି.ଗ୍ରା.। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ସଂଘ, ଜାପାନ ଓ ଚୀନ୍‌ରେ ମୁଣ୍ଡପିଛା ପ୍ଲାଷ୍ଟିକ ବ୍ୟବହାର ହେଉଛି ଯଥାକ୍ରମେ ୧୦୮ କି.ଗ୍ରା. ୧୧୫ କି.ଗ୍ରା., ୮୨ କି.ଗ୍ରା. ଓ ୭୬ କି.ଗ୍ରା.। ପୃଥିବୀରେ ସାମଗ୍ରିକ ଭାବରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକର ପ୍ରାୟ ଅର୍ଦ୍ଧେକ ହେଉଛି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ। ଅର୍ଥାତ ଏଗୁଡ଼ିକୁ ଥରେ ମାତ୍ର ବ୍ୟବହାର କରି ଫିଙ୍ଗାଯିବା ଉଚିତ। ପୃଥିବୀରେ ପ୍ରତି ମିନିଟରେ ଏକ ନିୟୁତ ପ୍ଲାଷ୍ଟିକ ବୋତଲ ବିକ୍ରି କରାଯାଉଛି। ପ୍ରତି ବର୍ଷ ବିଶ୍ୱବ୍ୟାପୀ ୫ ଟ୍ରିଲିଅନ (୫ଲକ୍ଷ କୋଟି) ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରାଯାଉଛି।

ସୂର୍ଯ୍ୟାଲୋକ, ତାପ, ବାୟୁ ଓ ବୃଷ୍ଟିପାତ ପ୍ରବାବରେ ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକ କ୍ଷୟପ୍ରାପ୍ତ ହେବାରୁ ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକ୍ ସୃଷ୍ଟି ହୋଇ ଖାଦ୍ୟ, ଜଳ ଓ ବାୟୁ ଏବଂ ପରିଶେଷରେ ମାନବ ଶରୀର ମଧ୍ୟକୁ ପ୍ରବେଶ କରୁଛି। ସାଧାରଣତଃ ପ୍ଲାଷ୍ଟିକ କଣିକାର ଆକାର ୫ ମି.ମି. ମଧ୍ୟରେ ରହିଲେ ସେଗୁଡ଼ିକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ଗତ ୨୦୧୪ ମସିହାରେ ମହାସାଗର ମଧ୍ୟକୁ ୫୧ ଲକ୍ଷ କୋଟି ମାଇକ୍ରୋପ୍ଲାଷ୍ଟିକ୍ ପ୍ରବେଶ କରିଥିବାର ଜଣାଯାଏ। ଇଟାଲୀର କାଣ୍ଟାନିଆ ବିଶ୍ୱବିଦ୍ୟାଳୟରେ ଏକ ଅଧ୍ୟୟନରୁ ଜଣାଯାଏ ଯେ ୧ ଗ୍ରାମ ସେଓରେ ୧୮୯୫୦୦, ୧ ଗ୍ରାମ ଚିନାବାଦାମରେ ୧୮୯୫୦୦, ୧ ଗ୍ରାମ ଗାଜରରେ ୧୦୦୦୦୦ ଓ ୧ ଗ୍ରାମ ଲୁଣରେ ୧୭୨୦୦ ମାଇକ୍ରୋପ୍ଲାଷ୍ଟିକ କଣିକା ରହୁଛି। ଏପରିକି ପ୍ରତି ବୋତଲ ପିଇବା ପାଣିରେ ୪୦୦ ରୁ ୭୦୦ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ କଣିକା ରହିଥାଏ। ଯୁକ୍ତରାଷ୍ଟ୍ର ଆମେରିକାରେ ୯୪ ପ୍ରତିଶତ, ୟୁରୋପରେ ୭୨ ପ୍ରତିଶତ ଓ ନୂଆଦିଲ୍ଲୀରେ ୮୨ ପ୍ରତିଶତ ପାନୀୟ ଜଳରେ ମାଇକ୍ରୋପ୍ଲାଷ୍ଟିକ କଣିକା ରହୁଥିବାର ସ୍ପଷ୍ଟ ହୋଇଛି।

ପ୍ରତିଦିନ ମାନବ ଶରୀର ମଧ୍ୟକୁ ପ୍ରାୟ ୫ ରୁ ୧୦ ଗ୍ରାମ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ କଣିକା ପ୍ରବେଶ କରିଥାଏ। ସେହିପରି ପ୍ରତିବର୍ଷ ମାନବ ଶରୀର ମଧ୍ୟକୁ ପ୍ରାୟ ୫୦, ୦୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ପ୍ରବେଶ କରିଥାଏ। ମାନବ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ କଣିକା ପ୍ରବେଶ କରିବା ଫଳରେ ଯାବତୀୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏଗୁଡ଼ିକ ସାଧାରଣତଃ ମସ୍ତିଷ୍କ, ବୃକକ, ହୃତପିଣ୍ଡ, ଯକୃତ, ଅଗ୍ନାଶୟ ଆଦି ଅଙ୍ଗକୁ କ୍ଷତିଗ୍ରସ୍ତ କରିବା ସହିତ ଶରୀରରେ ମଧୁମେହ, ହୃଦରୋଗ ଓ କର୍କଟ ଆଦି ରୋଗ ସୃଷ୍ଟି କରିଥାଏ।

ପରିବେଶ, ଜୀବଜଗତ ଓ ମାନବ ସ୍ୱାସ୍ଥ୍ୟ ଉପରେ ପ୍ଲାଷ୍ଟିକର ବହୁବିଧ କୁପ୍ରଭାବ ରହୁଥିବାରୁ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶେଷତଃ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାରକୁ ବନ୍ଦ କରାଯିବା ଉଚିତ। ୩-ଆର ନିୟମ- ହ୍ରାସ କରିବା(ରେଡ୍ୟୁସ୍), ପୁନଃବ୍ୟବାହାର(ରିୟୁଜ୍) ଓ ପୁନଃଚକ୍ରଣ(ରିସାଇକଲ୍) ଅବଲମ୍ବନ ଫଳରେ ପ୍ଲାଷ୍ଟିକ ଆବର୍ଜନାର ପରିମାଣକୁ ନିୟନ୍ତ୍ରଣାଧୀନ ରଖାଯାଇପାରିବ।

ଖୋର୍ଦ୍ଧା, ମୋ: ୭୦୦୮୬୬୨୩୪୧

## ଉତ୍ତରିତ-ଉଚ୍ଛ୍ୱାସର କଥାକାର: ପଟ୍ଟନାୟକ ରାଜକିଶୋର

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଜଣେ ସାହିତ୍ୟଶିଳ୍ପୀ କେଉଁପ୍ରକାରର ଚରିତ୍ରମାନଙ୍କୁ କେନ୍ଦ୍ର କରି ଗଳ୍ପ ଉପନ୍ୟାସ ଲେଖିବା ବିଧେୟ? ଏପରି ଏକ ପ୍ରଶ୍ନ ନିଜେ ନିଜକୁ ପଚାରିବା ପାଇଁ ସୁଦ୍ଧା ଯାହାଙ୍କ ସମୟ ନଥିଲା ସେ ହେଉଛନ୍ତି ରାଜକିଶୋର ପଟ୍ଟନାୟକ। ନିଜ ଦୃଷ୍ଟି ପଥାରୂଢ଼ ହେଉଥିବା ପ୍ରତ୍ୟେକ ଚରିତ୍ର ମଧ୍ୟକୁ ନିମିଷକେ ସେ ପ୍ରବେଶ କରିଯାଆନ୍ତି। ପ୍ରକୃତ କଥା ହେଲା ଅସଂଖ୍ୟ ମଣିଷଙ୍କ ଅନ୍ତଃସତ୍ତା ଯେପରି ଏକ ଚୁମ୍ବକୀୟ ଆକର୍ଷଣରେ ତାଙ୍କର ନିକଟବର୍ତ୍ତୀ ହେଉଥିଲେ, ସେମାନଙ୍କ ମଧ୍ୟରୁ କାହାକୁ ସେ ଚୟନ କରିବେ ଗଳ୍ପ କି ଉପନ୍ୟାସ ରଚନା ନିମିତ୍ତ, ତାହା ସ୍ଥିର ଭାବରେ ବସି ଚିନ୍ତା କରିବାର ଅବସର ସୁଦ୍ଧା ସେ ପାଇପାରି ନାହାନ୍ତି। ତାଙ୍କ ଚୈତ୍ୟସତ୍ତାର ଚତୁର୍ଦ୍ଦିଗରେ କି ଅସମ୍ଭାଳ ସମାବେଶ ନାନା ବର୍ଗର ମଣିଷମାନଙ୍କର!

କାହିଁକି ଏପରି ହୁଏ? ଏ ସମାଜରେ କେତେ ଭଦ୍ରବ୍ୟକ୍ତି ରାସ୍ତା ଉପରେ କେତେ ସଂଖ୍ୟାରେ ଆତଜାତ ହେଉଥା'ନ୍ତି। କାହିଁ ସମସ୍ତଙ୍କ ଉଦ୍ଦେଶ୍ୟରେ ତ ଅଗଣିତ ଚରିତ୍ର ଆକୃଷ୍ଟ ହୁଅନ୍ତି ନାହିଁ! ରାଜକିଶୋର ପଟ୍ଟନାୟକଙ୍କ ହୃଦୟଟି କେଉଁ ଉପାଦାନରେ ନିର୍ମିତ? ସତେଯେମିତି ତାଙ୍କ ଅନ୍ତଃସ୍ଥଳରୁ ସମବେଦନାର ଏକ ସମ୍ପ୍ରସାରିତ ସ୍ରୋତ ପ୍ରବାହିତ ହୋଇ ସମସ୍ତଙ୍କୁ ପରିପ୍ଲାବିତ କରିଦେଉଥିଲା। ସମାନ ଭାବରେ ପୁଣି ଅସଂଖ୍ୟ ଚରିତ୍ରଙ୍କ ସ୍ନେହାକାଂକ୍ଷୀ, ଶାନ୍ତି ଓ ସାନ୍ତ୍ୱନା ଅଭିଳାଷୀ କ୍ଷତାକ୍ତ ମନ ସବୁ ଧାଇଁ ଆସୁଥିଲେ ତାଙ୍କ ଶ୍ରଦ୍ଧାର୍ଦ୍ର ସ୍ପର୍ଶ ଟିକିଏ ପାଇବା ପାଇଁ। ଏଭଳି ଅବସ୍ଥାରେ କେଉଁ ଲେଖକ ପାଇଁ ବିଚାର କରିବାର ବେଳ ମିଳିବ ଚରିତ୍ର ମନୋନୟନ ପାଇଁ?

ରାଜକିଶୋର କେଉଁ କେଉଁ ବୈଶିଷ୍ଟ୍ୟ ଭିତ୍ତିରେ ଚୟନ କରିଥା'ନ୍ତେ ତାଙ୍କ କଥାଜଗତର ଉପଯୁକ୍ତ ଚରିତ୍ରମାନଙ୍କୁ? ଏହି ସମୟରେ ଲେଖକର ତଟସ୍ଥତା ଆଉ କ'ଣ ସମ୍ଭବ? ହାତରେ ଥାଏ କଲମ। ପକେଟରେ ଥାଏ କାଗଜ। ନିର୍ବିଚାରରେ ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ହିଁ ବିଗଳିତ ଭାବ ନେଇ ଢଳି ପଡ଼ନ୍ତି। ଯାହାକୁ ହେଲେ ବି ନେଇଆସି ସଂଯୁକ୍ତ କରିଦିଅନ୍ତି ସେ ସ୍ୱକୀୟ ଆତ୍ମିକ ସତ୍ତା ସହ। ତା' ଉପରେ ବର୍ଷଣ କରିଦିଅନ୍ତି ଅନାବିଳ ଆବେଗ। ସେ ଘରେ ରହିଥା'ନ୍ତୁ ଅଥବା ବାହାରେ, ଯେଉଁଠି ମିଳିଲା ସମୟ ଟିକିଏ ଚାଖଣ୍ଡେ ଜାଗା, ସେଇଠି ହିଁ ଗୋଟିଏ ଗଳ୍ପ ଲେଖି ପକାନ୍ତି ତାଙ୍କ ଅତିପ୍ରିୟ ଯେକୌଣସି ମଣିଷର ଅନ୍ତର୍ବେଦନାକୁ। ଆଉ ଥରେ ସେଇ ଗଳ୍ପକୁ ମାର୍ଜିତ ରୂପ ଦେବାର ବେଳ କାହିଁ ତାଙ୍କର? ସମାଜରେ ଯେଉଁମାନେ ଉପେକ୍ଷିତ, ଅସହାୟ, ଅବହେଳିତ, ଦୁର୍ଦ୍ଦଶାଗ୍ରସ୍ତ, ଅତ୍ୟାଚାରିତ ସେମାନଙ୍କ ଅନ୍ତର୍ବ୍ୟଥା ଅଙ୍କନ କରି ଚାଲନ୍ତି ସେ। କେବଳ କ'ଣ ମଣିଷ? ପଶୁ, ପକ୍ଷୀ, ବୃକ୍ଷ, ଲତା ବି ଅଧୀର କରିପକାଉଥା'ନ୍ତି ତାଙ୍କୁ। ଏସବୁ ନ ହୋଇଥିଲେ ସେ କ'ଣ ୫୦୦ ଗଳ୍ପ ଲେଖି ପାରିଥା'ନ୍ତେ? ସୃଷ୍ଟି କରି ପାରିଥା'ନ୍ତେ ମାନବିକ ଅନୁଭୂତି ଆଧାରରେ ବିଭିନ୍ନ ପ୍ରକାର ଉପନ୍ୟାସ? କେଉଁ ଗଳ୍ପ ବା ଉପନ୍ୟାସର ଦୃଷ୍ଟାନ୍ତ ଉପସ୍ଥାପନ କରିବା ବଡ଼ କଠିନ। 'ସିନ୍ଦୂର ଗାର', 'ପ୍ରେମିକର ଡାଏରୀ, 'ଚଲାବାଟ', 'ଭସାମେଘ' ଭଳି ଉପନ୍ୟାସ ହେଉ ଅବା 'ତୁଠ ପଥର', 'କଳ୍ପନାର ଫୁଲ', 'ହୃଦୟର ବନ୍ଧନ', 'ହାଟ ସଉଦା' ପରି କେତେ ଗଳ୍ପ ସଂକଳନ ନାନାପ୍ରକାର ଚରିତ୍ରଙ୍କ ଅନ୍ତଃପ୍ରଦେଶକୁ ପ୍ରବେଶ କରିବା ପାଇଁ ପାଠକପାଠିକାଙ୍କ ପାଇଁ ପ୍ରସ୍ତୁତ କରି ଦେଇଛି ସୁପ୍ରଶସ୍ତ ପଥ।

ମଣିଷ ଦୁଃଖ ସହିପାରେ, କିନ୍ତୁ ସେ ଯେ ପରାଜିତ ହେବାକୁ ଏ ସଂସାରକୁ ଆସିଛି -ଏକଥା ଶିଳ୍ପୀ କେବେହେଲେ ସ୍ୱୀକାର କରନ୍ତି ନାହିଁ। ସବୁ ସତ୍ତ୍ୱେ ତା'କୁ ଏ ପୃଥିବୀରେ ବଞ୍ଚିବାକୁ ହେବ। ସଂଘର୍ଷମୟ ବାତାବରଣ ଭିତରେ 'ନିଜ ଅନ୍ତର୍ଶକ୍ତିର ପରିଚୟ ଦେବାକୁ ତା'ର ଜନ୍ମ -ଏଇ ସୂକ୍ଷ୍ମ ସତ୍ୟ ମର୍ମରିତ ହୋଇଯାଇଛି ତାଙ୍କ ଗଳ୍ପରେ। ଉପନ୍ୟାସରେ ହେଉ କି ଗଳ୍ପରେ ଲେଖକଙ୍କ ଜୀବନଦର୍ଶନ ଅନ୍ୱେଷଣଠାରୁ ଯାହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା ବର୍ଣ୍ଣିତ ଚରିତ୍ର ସହିତ ପ୍ରାଣର ଆବେଗ ନେଇ ଏକାତ୍ମତା ଅନୁଭବ କରିବା। ଆଉ ନିର୍ବିଚାର ଭାବରେ କିପରି ଆପଣାକୁ ସେମାନଙ୍କ ସହ ଯୋଡ଼ି ହୋଇଯିବାର ଅନ୍ତର୍ନିହିତ କଳା ଆହରଣ କରିବା। ଯେଉଁ ଦରଦୀ ହୃଦୟକୁ ସେ ଉନ୍ମୁକ୍ତ କରିଦେଇଛନ୍ତି ସାହିତ୍ୟରେ ତାହା ହିଁ ତାଙ୍କର ଶ୍ରେଷ୍ଠ କଳା। ଆତ୍ମାନୁଭବକୁ ଅଭିବ୍ୟକ୍ତି ଦେଇଛନ୍ତି ସେ 'ଜୀବନ ସନ୍ଧ୍ୟା' ନାମକ ଗ୍ରନ୍ଥ ରଚନା କରି। କୌଣସି ପ୍ରକାର କୃତ୍ରିମତା ନୁହେଁ, ସ୍ୱାଭାବିକ ପ୍ରକାଶପ୍ରବଣତାରେ ତାଙ୍କ ସାହିତ୍ୟ କିପରି ସୁଷମାନ୍ୱିତ ତାହା ହିଁ ଅନୁଭବ କରିପାରିଲେ ପାଠକର ଅନ୍ତର ମଧ୍ୟ ତଦନୁଯାୟୀ ହୋଇଉଠେ ସମ୍ପ୍ରସାରିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳ ଜଙ୍ଗଲରେ କ୍ୟାନସର୍ ସଞ୍ଜିବନୀ 'ଲାଇକେନ୍'



ବାରିପଦା,୨୮ ।୧(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବନ୍ୟପ୍ରାଣୀ, ସବୁଜ ବନାନୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସାରା ଦେଶରେ ପ୍ରସିଦ୍ଧ। ଏଥିରେ ଏବେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହେବାକୁ ଯାଉଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜୈବପ୍ରଯୁକ୍ତି ବିଦ୍ୟା ବିଭାଗର ଗବେଷଣାରୁ ଶିମିଳିପାଳ ଜଙ୍ଗଲ ଭିତରେ ଲୁଚିଥିବା ଔଷଧୀୟ ଧନ 'ଲାଇକେନ୍' ବିଷୟରେ ଏବେ ଅନେକ ତଥ୍ୟ ସାମ୍ନାକୁ ଆସିପାରିଛି। ଯାହା ଭବିଷ୍ୟତର ଔଷଧୀୟ ଗବେଷଣାର ଏକ ମୁଖ୍ୟ କେନ୍ଦ୍ର ଭାବେ ପରିଚୟ ସୃଷ୍ଟି କରିପାରିବ। ଶିମିଳିପାଳ ଜଙ୍ଗଲ ଭିତରେ ଥିବା ଔଷଧୀୟ ଧନ 'ଲାଇକେନ୍' ପ୍ରଜାତିଗୁଡ଼ିକରେ ଜୀବାଣୁନାଶକ ଗୁଣ ରହିଛି। ତେଣୁ ବିଭିନ୍ନ ସଂକ୍ରମଣ ରୋଗ ଚିକିତ୍ସାରେ ଏହାର ବ୍ୟବହାର ସମ୍ଭାବନା ରହିଛି। ସେହିପରି କିଛି ଲାଇକେନ୍‌ରେ କ୍ୟାନ୍ସର ବିରୋଧୀ ଗୁଣ ମିଳିଥିବା ଗବେଷଣାରୁ ଜଣାପଡିଛି। ଯାହା ଭବିଷ୍ୟତରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ନୂଆ ଦିଗ ଖୋଲିବ ବୋଲି ଆଶା କରାଯାଉଛି। ଏହି ଲାଇକେନ୍ ଗୁଡ଼ିକରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ଗୁଣ। ଆଣ୍ଟିଅକ୍ସିଡେଣ୍ଟ ଶରୀରର କୋଷକୁ କ୍ଷତିରୁ ରକ୍ଷା କରିଥାଏ। ଏହା ଦ୍ୱାରା ବୟସ୍କ ସମସ୍ୟା, ହୃଦ୍‌ରୋଗ, ଡାଏବେଟିସ୍ ଓ ଅନ୍ୟାନ୍ୟ ଦୀର୍ଘକାଳୀନ ରୋଗର ନିରାକରଣ ହୋଇପାରିବ। ବିଶେଷଜ୍ଞ କହିଛନ୍ତି, ଯଦି ଏହି ଲାଇକେନ୍‌ର ସଠିକ୍ ସଂରକ୍ଷଣ ଓ ବୈଜ୍ଞାନିକ ଉପଯୋଗ ସୁନିଶ୍ଚିତ କରାଯାଏ, ତେବେ ଶିମିଳିପାଳ ଭବିଷ୍ୟତରେ ଏକ ପ୍ରାକୃତିକ ଔଷଧ ଗବେଷଣାର ହବ୍ ଭାବେ ପରିଚିତ ହୋଇପାରିବ। ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ ଲାଇକେନ୍ ସମ୍ପର୍କିତ ବିସ୍ତୃତ ଭାବେ ଗବେଷଣା କରାଯାଉଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସହାୟତାରେ ଲାଇକେନ୍ ଉପରେ ଗବେଷଣା ଆରମ୍ଭ ହୋଇଛି। ଲକ୍ଷ୍ନୌ ସ୍ଥିତ ଜାତୀୟ ଉଦ୍ଭିଦବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ଏଥିରେ ସହାୟତା ଦେଉଛି। ଏହି ଅଧ୍ୟୟନରେ ଶିମିଳିପାଳ ଜାତୀୟ ଉଦ୍ୟାନରୁ ଅଦ୍ୟାବଧି ୧୪୮ ପ୍ରଜାତିର ଲାଇକେନ୍ ଚିହ୍ନଟ କରାଯାଇଛି। ଏହା ରାଜ୍ୟରେ ସର୍ବପ୍ରଥମ। 'ଫିସିଲିଆ ମେଲାନକ୍ରୋମା' ନାମକ ପ୍ରଜାତିର ଲାଇକେନ୍ ଆମ ଦେଶରେ ପ୍ରଥମ କରି ଶିମିଳିପାଳରୁ ମିଳିଥିଲା। 'କ୍ଲୋଡନିଆ ପ୍ରୋଟିକଲୋଜା' ନାମକ ଲାଇକେନ୍ ଓଡ଼ିଶାରେ ପ୍ରଥମଥର ମିଳିପାରିଛି। ସଂଗ୍ରହ କରାଯାଇଥିବା ସମସ୍ତ ଲାଇକେନ୍ ନମୁନାକୁ ଏମଏସସିବି ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ଲାଇକେନ୍ ସଂଗ୍ରହାଳୟରେ ସଂରକ୍ଷଣ କରାଯାଇଛି। ପରେ, ଏହି ଲାଇକେନ୍ ଗୁଡିକର ଜୈବ-କ୍ରିୟାଶୀଳ ରସାୟନିକ ତତ୍ତ୍ୱଗୁଡ଼ିକୁ ଚିହ୍ନଟ ଓ ତାହାର କ୍ରିୟାଶୀଳତା ବିଶ୍ଳେଷଣ କରାଯାଉଛି। ଶିମିଳିପାଳର ଲାଇକେନ୍ କେବଳ ଜଙ୍ଗଲର ସୌନ୍ଦର୍ଯ୍ୟ ବଢ଼ାଏ ତା ନୁହେଁ, ପରିବେଶ ସୁରକ୍ଷା ଓ ନୂଆ ଔଷଧ ଆବିଷ୍କାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ତେଣୁ ଏହାର ରକ୍ଷା କରିବା ଦାୟିତ୍ୱ ବଢିଯାଇଛି।

**କଣ ଏହି ଲାଇକେନ୍:**

ଲାଇକେନ୍ ହେଉଛି ଏକ ବିଶେଷ ପ୍ରକାର ଜୀବ। ଏହା କବକ ଏବଂ ଶୈବାଳ ମଧ୍ୟରେ ଏକ ସହଜୀବୀ ସମ୍ପର୍କରୁ ଜନ୍ମ ନେଇଥାଏ। ଏମାନେ ପଥର, ଗଛର ଛାଲ, ପାହାଡ଼ ଓ ମାଟି ଉପରେ ସ୍ୱାଭାବିକ ଭାବେ ବଂଶବିସ୍ତାର କରିଥାନ୍ତି। ଶିମିଳିପାଳର ଜଙ୍ଗଲରେ ଲାଇକେନ୍ ମାନେ କଠିନ ପରିସ୍ଥିତିରେ ବଢ଼ନ୍ତି। ଉଚ୍ଚ ତାପମାତ୍ରା, ଭାରି ବର୍ଷା, ଶୁଷ୍କ ସମୟରେ ସଂଘର୍ଷ କରନ୍ତି। ନିଜକୁ ବଞ୍ଚାଇବା ପାଇଁ ରକ୍ଷାଁକ ରାସାୟନିକ ଦ୍ରବ୍ୟ ତିଆରି କରନ୍ତି। ଯାହା ପରେ ମଣିଷ ପାଇଁ ଔଷଧ ଭାବେ ଉପଯୋଗୀ ହୁଏ। ଏହି ପଦାର୍ଥ ମାନଙ୍କୁ ଜୀବକ୍ରିୟାଶୀଳ ଦ୍ରବ୍ୟ କୁହାଯାଏ। ପରିବେଶୀୟ ପ୍ରଦୂଷଣ ପ୍ରତି ଲାଇକେନ୍ ଅତ୍ୟନ୍ତ ସମ୍ବେଦନଶୀଳ। ପରିବେଶ ଶୁଦ୍ଧ ଓ ସନ୍ତୁଳିତ ଥିଲେ ପ୍ରଚୁର ଲାଇକେନ ହୋଇଥାଏ।

# ବିଜୁଳି ଶୁଳ୍କ ବୃଦ୍ଧି ଉପରେ ଆଖି: ୨ ତାରିଖରୁ ଶୁଣାଣି

ଭୁବନେଶ୍ୱର,୨୮ ।୧(ସମିସ): ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ (ଓଇଆରସି) ପକ୍ଷରୁ ଆସନ୍ତା ବର୍ଷ (୨୦୨୬-୨୭) ପାଇଁ ବିଦ୍ୟୁତ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ଜନଶୁଣାଣି ଆୟୋଜନ କରାଯିବ। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨ ତାରିଖରୁ ୨୧ ତାରିଖ ଯାଏଁ ବିଭିନ୍ନ ସରକାରୀ ସଂସ୍ଥା ତଥା ବିତରକ କମ୍ପାନୀର ଆବେଦନ ଉପରେ ଜନଶୁଣାଣି ହେବ। ଏହାପରେ ଆୟୋଗ ନିଜର ରାୟ ପ୍ରକାଶ କରିବେ। ଶେଷଥର ପାଇଁ ୨୦୨୧-୨୨ରେ ଖୁଚୁରା ବିଜୁଳି ମୂଲ୍ୟ ୟୁନିଟ ପିଛା ୩୦ ପଇସା ବୃଦ୍ଧି ପାଇଥିବା ବେଳେ ଏହାପରଠାରୁ ଲଗାତାର ୪ ବର୍ଷ ଧରି ଆଉ ବିଜୁଳି ଦର ବଢ଼ିନାହିଁ। ତେଣୁ ଆୟୋଗଙ୍କ ନିଷ୍ପତ୍ତି ଉପରେ ସଭିଙ୍କର ନଜର ରହିଛି।

ଗ୍ରୀଡ୍‌କୋ ଆବେଦନ ଉପରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୦.୩୦ରେ ଜନଶୁଣାଣି ଅନୁଷ୍ଠିତ ହେବ। ଏଥିରେ ଆବେଦନକାରୀ ଗ୍ରୀଡ୍‌କୋ ଓ ରାଜ୍ୟ ସରକାରଙ୍କ ସହିତ ୧୬ ପକ୍ଷ ମତାମତ ରଖିବେ। ସେହିପରି ୩ ଓ ୪ ତାରିଖରେ ଯଥାକ୍ରମେ ଓଡ଼ିଶା ବିଦ୍ୟୁତ ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ଓ ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) ଦରଖାସ୍ତ ଉପରେ ଜନଶୁଣାଣି କରାଯିବ। ଓପିଟିସିଏଲ ଦରଖାସ୍ତ ଉପରେ ୧୭ ଜଣ ଓ ଟିପିସିଓଡିଏଲ ଦରଖାସ୍ତ ଉପରେ ୨୯ ଜଣ ଆପତ୍ତି କର୍ତ୍ତା ମତାମତ ରଖିବା ପାଇଁ ନୋଟିସ ଜାରି ହୋଇଛି। ଇବ ବିଦ୍ୟୁତ କେନ୍ଦ୍ରର ୟୁନିଟ-୧୦୨ର ବିଦ୍ୟୁତମୂଲ୍ୟ ଧାର୍ଯ୍ୟ ପାଇଁ ଓପିଜିସି (ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ)

**ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଶୁଣାଣି କରିବେ ଆୟୋଗ**

ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ନିଜର ଶୈଳଶ୍ରୀବିହାର କାର୍ଯ୍ୟାଳୟରେ ଆସନ୍ତା ୫ ତାରିଖରେ ଶୁଣାଣି କରିବେ। ଏଥିପାଇଁ ୪ ଜଣ ଆପତ୍ତି କର୍ତ୍ତାଙ୍କ ସହ ସରକାର ଓ ଓପିଜିସିକୁ ନୋଟିସ ଜାରି ହୋଇଛି।

ସେହିପରି ଓଏଚପିସି (ଓଡ଼ିଶା ଜଳ ବିଦ୍ୟୁତ ନିଗମ) ଦରଖାସ୍ତ ଉପରେ ଜନଶୁଣାଣୀ ଆୟୋଗଙ୍କ କାର୍ଯ୍ୟାଳୟରେ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନ ୩ଟାରେ ଏସଏଲଡିସି (ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର) ଦରଖାସ୍ତ ଶୁଣାଣି ହେବ। ଦ୍ୱିତୀୟ ଦଫାରେ ଟାଟା ପାୱାର ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଏନଓଡିଏଲ) ଦରଖାସ୍ତ ଉପରେ ବାଲେଶ୍ୱରର ବାମପଦାଠାରେ ଥିବା ଏନଓସିସିଆଇ କାର୍ଯ୍ୟାଳୟରେ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୨୩ ଜଣ ଆପତ୍ତି କର୍ତ୍ତାଙ୍କୁ ନୋଟିସ ହୋଇଛି। ସେହିପରି ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଡବ୍ଲୁଓଡିଏଲ) ଦରଖାସ୍ତ ଉପରେ ଜ୍ୟୋତିବିହାର ଅଡିଟୋରିଅମ ବୁର୍ଲାଠାରେ ୧୯ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ। ସେଠାରେ ସମୁଦାୟ ୨୩ ଜଣ ଆପତ୍ତି କର୍ତ୍ତାଙ୍କ ମତାମତକୁ ଆୟୋଗ ଶୁଣିବେ। ଶେଷ ଜନଶୁଣାଣୀଟି ଗଞ୍ଜାମର ଛତ୍ରପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ୨୧ ତାରିଖରେ ଅନୁଷ୍ଠିତ ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ବିଦ୍ୟୁତ ଆଇନ, ୨୦୦୩ ଅନୁସାରେ ଆୟୋଗ ଜନଶୁଣାଣୀ କରୁଛନ୍ତି। ତେବେ ଏବର୍ଷର ଜନଶୁଣାଣୀକୁ ଆୟୋଗଙ୍କ ଶୈଳଶ୍ରୀ ବିହାର କାର୍ଯ୍ୟାଳୟରେ ସୀମିତ ନ ରଖି ଉପଭୋକ୍ତାର ନିକଟତର ହୋଇ ଗୀତଗୋବିନ୍ଦ ସଦନ ଓ ଟାଟା ପାୱାର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡ଼ିକରେ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

# ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ

ବାରିପଦା,୨୮ ।୧(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ସ୍ପେଶାଲ ପୋକସୋ କୋର୍ଟରେ ବୁଧବାର ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ପୀଡିତାକୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୋରଡା ଥାନା ତିଳପୋଷି ଅଞ୍ଚଳର ଯୀଶୁନାଥ ହେମ୍ବ୍ରମ(୩୮)। ୨୦୨୨ ସେପ୍ଟେମ୍ବର ୨ତାରିଖରେ ମହିଳା ଜଣକ ଶବସତ୍କାର ସାରି ପ୍ରାୟ ସନ୍ଧ୍ୟା ୭ଟା ସମୟରେ ନିଜ ଘରକୁ ଫେରୁଥିଲେ। ତେବେ ତାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ଯୀଶୁନାଥ ନିଛାଟିଆ ସ୍ଥାନକୁ ନେଇ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ନିଜକୁ ବଞ୍ଚାଇବାକୁ ଯାଇ ଚିତ୍କାର କରିବା ପରେ ଅଭିଯୁକ୍ତ ଜଣକ ଧମକଚମକ ଦେଇ ଫେରାର ହୋଇଯାଇଥିଲା। ପରେ ମହିଳା ଜଣକ ନିକଟସ୍ଥ ଡାକ୍ତରଖାନାକୁ ଯାଇ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରି ବୟାନ ରେକର୍ଡ କରିବା ପରେ ଡାକ୍ତରୀ ମାଇନା କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ହିଙ୍ଗୁଳା ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ଉଚ୍ଛେଦ ନୋଟିସ ହାଇକୋର୍ଟରେ କାଏମ୍

କଟକ,୨୮ ।୧(ସମିସ): କେବଳ ବହୁ ବର୍ଷ ଧରି ବସବାସ କରିବା କିମ୍ବା ପରିଚୟପତ୍ର ଥିବା ଦ୍ୱାରା ଜଣେ ଜବରଦଖଲକାରୀ ସରକାରୀ ଜମି ଉପରେ କୌଣସି ଆଇନଗତ ଅଧିକାର ପାଇପାରିବେ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଜବରଦଖଲକାରୀ ମାନେ ସରକାରୀ ସମ୍ପତ୍ତି ଉପରେ କୌଣସି ଅଧିକାର ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ତାଳଚେରସ୍ଥିତ ପ୍ରସିଦ୍ଧ ମା' ହିଙ୍ଗୁଳା ମନ୍ଦିରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତିକରଣ ପାଇଁ ଜାରି ଉଚ୍ଛେଦ ନୋଟିସକୁ ଓଡ଼ିଶା ହାଇକୋର୍ଟ କାଏମ କରିଛନ୍ତି। ଉଚ୍ଛେଦ ନୋଟିସକୁ ବିରୋଧ କରି ତଥା ପୁନର୍ବାସ ଓ ଥଇଥାନକୁ ସର୍ତ୍ତ ରଖିବା ପାଇଁ ବିଶ୍ୱନାଥ ଗୋଛାୟତ ଓ ଅନ୍ୟ ମାନଙ୍କ ପକ୍ଷରୁ ଦାୟର ଆବେଦନକୁ ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଖାରଜ କରିବା ସହ ଏହି ରାୟ ଦେଇଛନ୍ତି। ଆବେଦନକାରୀ ଜଣେ ଅନଧିକୃତ ଦଖଲକାରୀ ହୋଇଥିବାରୁ ତାଙ୍କୁ ଉଚ୍ଛେଦ କରିବା ପୂର୍ବରୁ ପୁନର୍ବାସ ଦେବା କୌଣସି ବାଧ୍ୟତାମୂଳକ ସର୍ତ୍ତ ନୁହେଁ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ତାଳଚେର ଗୋପାଳପ୍ରସାଦ ଗ୍ରାମର ଆବେଦନକାରୀମାନେ ଦର୍ଶାଇଥିଲେ ଯେ ସେ ହିଙ୍ଗୁଳା ମନ୍ଦିର ନିକଟରେ ତିନି ପିଢ଼ି ଧରି ବସବାସ କରୁଛନ୍ତି। ମନ୍ଦିରର ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୧୯୯୪ରୁ ୧୯୯୭ ମଧ୍ୟରେ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ହିଙ୍ଗୁଳା ଓପନକାଷ୍ଟ ପ୍ରୋଜେକ୍ଟ ପାଇଁ ସେମାନଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ୧୯୯୯ ମସିହାରୁ ଏହା ଏମସିଏଲର ଅକ୍ତିଆରରେ ରହିଛି। ତେବେ ସେମାନଙ୍କୁ କ୍ଷତିପୂରଣ ଓ ଥଇଥାନ କରାଯାଇ ନଥିବା ବେଳେ ଏବେ ମନ୍ଦିର ପରିପାର୍ଶ୍ୱ ବିକାଶ ପାଇଁ ଉଚ୍ଛେଦ ନୋଟିସକୁ ବେଆଇନ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜମି ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅକ୍ତିଆରରେ ରହିଛି। ପୁନର୍ବାସ ସୁବିଧା କେବଳ ସେହିମାନଙ୍କୁ ମିଳେ ଯେଉଁମାନେ ଜମି ଅଧିଗ୍ରହଣ ସମୟରେ ପ୍ରକୃତ 'କ୍ଷତିଗ୍ରସ୍ତ ପରିବାର' ଭାବେ ଚିହ୍ନଟ ହୋଇଥାନ୍ତି। ଆବେଦନକାରୀ 'ଅନଧିକୃତ ଦଖଲକାରୀ' ଏବଂ ଜମି ଅଧିଗ୍ରହଣ ସମୟରେ ସେମାନଙ୍କୁ ବିସ୍ଥାପିତ ବୋଲି ଚିହ୍ନଟ କରାଯାଇନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

# ଗ୍ରାମସଭା ଓ ପଞ୍ଚାୟତର ନିଷ୍ପତ୍ତି ବିନା ଆଶାକର୍ମୀଙ୍କୁ ବହିଷ୍କାର ବେଆଇନ:ହାଇକୋର୍ଟ

କଟକ,୨୮ ।୧(ସମିସ): ସାଧାରଣ ଆଇନ ଅନୁସାରେ ଯେଉଁ କର୍ତ୍ତୃପକ୍ଷ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର କ୍ଷମତା ରଖନ୍ତି, ସେହି କର୍ତ୍ତୃପକ୍ଷଙ୍କ ପାଖରେ ହିଁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବାର ଅଧିକାର ରହିଛି। ଜଣେ ଆଶା କର୍ମୀଙ୍କ ଚୟନ ଗ୍ରାମସଭା, ଗ୍ରାମ ସ୍ୱାସ୍ଥ୍ୟ କମିଟି ଏବଂ ଗ୍ରାମ ପଞ୍ଚାୟତର ପ୍ରସ୍ତାବ ମାଧ୍ୟମରେ ହୋଇଥାଏ। ମେଡିକାଲ ଅଫିସର କେବଳ ଏହି ପ୍ରକ୍ରିୟାରେ ସହଯୋଗ କରିଥାନ୍ତି କିନ୍ତୁ ସେ ସିଧାସଳଖ ଚୟନକର୍ତ୍ତା ନୁହନ୍ତି। ଏଭଳି ସ୍ଥିତିରେ କେବଳ ଏକ ଫୌଜଦାରୀ ମାମଲାରେ ଗିରଫଦାରୀ ଆଧାରରେ ଗ୍ରାମସଭା ଓ ପଞ୍ଚାୟତର କୌଣସି ନିଷ୍ପତ୍ତି ବିନା ଆଶା କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଆଇନ ବୋଲି କହିଛନ୍ତି ହାଇକୋର୍ଟ। ରଶ୍ମିତା ପାଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ବାଲେଶ୍ୱର ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକଙ୍କ ପକ୍ଷରୁ ଆବେଦନକାରୀଙ୍କୁ କାର୍ଯ୍ୟରୁ ଅନ୍ତର ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ପୁଣି କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ସୁଯୋଗ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଓଉପଦା ବ୍ଲକ କାଣ୍ଡଗରାଡ଼ି ପଞ୍ଚାୟତର ନୂଆପାଟଣା ଗାଁର ଆଶା କର୍ମୀ ରଶ୍ମିତା ପାଲଙ୍କୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ଏକ ଫୌଜଦାରୀ ମାମଲାରେ ରଶ୍ମିତାଙ୍କୁ ଗିରଫ କରାଯାଇଥିଲା ଏବଂ ସେ ୪୮ ଘଣ୍ଟାରୁ ଅଧିକ ସମୟ ଜେଲ୍‌ରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିବା ପରେ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ ମଧ୍ୟ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ତାଙ୍କୁ ଅନୁମତି ଦେଇନଥିଲେ ଓ ନୂତନ ଆଶା କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏପରିକି ସମ୍ପୃକ୍ତ ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚ ରଶ୍ମିତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିବା ସହ ତାଙ୍କୁ ପୁଣି କାର୍ଯ୍ୟରେ ରଖିବା ପାଇଁ ଆବେଦନ କରିଥିଲେ ମଧ୍ୟ ଏହା ପ୍ରତ୍ୟାଖାନ କରାଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଥମେ ଆବେଦନକାରୀଙ୍କ ଦାବିପତ୍ର ବିଚାର କରିବାକୁ ହାଇକୋର୍ଟ କହିଥିଲେ। ତଥାପି ଏହା ଖାରଜ ହେବା ସହ ତାଙ୍କୁ କାର୍ଯ୍ୟରୁ ଅନ୍ତର ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଜାରି ଆଦେଶକୁ ସେ ପୁଣି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିମାନ ଦୁର୍ଘଟଣାରେ...

ହୋଇଯାଇଥିଲା। ଏହାସହିତ ମହାରାଷ୍ଟ୍ର ରାଜନୀତି ଏହାର ଦାଦାଙ୍କୁ ହରାଇଥିଲା। ଯେଉଁ ବାରାମତିରେ ଜନ୍ମ ହୋଇ ମହାରାଷ୍ଟ୍ର ରାଜନୀତିର ଶୀର୍ଷକୁ ଛୁଇଁଥିଲେ, ସେହି ଜନ୍ମମାଟିରେ ପାୱାର ଅନ୍ତିମ ବିଦାୟ ନେଇଛନ୍ତି। ଦୁର୍ଘଟଣାରେ ପାୱାରଙ୍କ ସହିତ ଆଉ ୪ ଜଣ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଦୁଇ ଜଣ ପାଇଲଟ, ପାୱାରଙ୍କର ଜଣେ ପିଏସ୍‌ଓ ଏବଂ ଜଣେ ସହାୟକ। ଜିଲ୍ଲା ପରିଷଦ ନିର୍ବାଚ ପୂର୍ବରୁ ବାରାମତିରେ ଏକ ଦଳୀୟ ରାଲିରେ ଯୋଗ ଦେବାଲାଗି ଅଜିତ ବାରାମତି ଯାଉଥିଲେ ବୋଲି କୁହାଯାଉଛି।

ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ କୁହୁଡ଼ି ଯୋଗୁଁ ବିମାନ ଦୁର୍ଘଟଣାଗସ୍ତ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ କୁହାଯାଇଛି ଯେ ଅଜିତ ପାୱାର ଯାଉଥିବା ବିମାନ (ବମ୍ବାରଡିଅର ଲିୟରଜେଟ୍-୪୫) ଅବତରଣ କରୁଥିବା ସମୟରେ କମ୍ ଦୃଶ୍ୟମାନ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦିଲ୍ଲୀ ସ୍ଥିତ ଚାର୍ଟର କଂପାନୀ ଭିଏସଆରର ଏହି ବିମାନ ୧୬ ବର୍ଷ ପୁରୁଣା ଥିଲା। ବିମାନର କ୍ୟାପଟେନ ଥିଲେ ସୁମିତ କପୁର ଏବ ବିମାନ ଚଳାଇବାରେ ତାଙ୍କର ୧୬ ହଜାର ଘଣ୍ଟାର ଅନୁଭୂତି ଥିଲା। ଦୁର୍ଘଟଣା ଯୋଗୁଁ ବିମାନ ଏପରି କ୍ଷତିଗ୍ରସ୍ତ ହୋଇଛି ଯେ ଏନସିପି ମୁଖ୍ୟ ପାୱାରଙ୍କ ଶବ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଥିଲା। ପାୱାର ପିନ୍ଧିଥିବା ହାତ ଘଡ଼ି ଏବଂ ପୋଷାକରୁ ତାଙ୍କର ଶବ ଚିହ୍ନଟ କରାଯାଇଥିଲା।

ତେବେ ଏହି ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଥିବା ବେଳେ ଅଜିତଙ୍କ ଦାଦା ତଥା ଏନ୍‌ସିପି (ଏସ୍‌ପି)ର ମୁଖ୍ୟ ଶରଦ ପାୱାର ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ନାହିଁ।

### ମୂଲ୍ୟରେ ଲାଗିଛି...

ବୁଧବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୫, ୩୭୪ ଟଙ୍କା ଏବଂ ରୁପା କେଜି ୧୩, ୭୦୩ ଟଙ୍କା ବଢ଼ିଛି। ଏଥିସହିତ ସୁନା ମୂଲ୍ୟ ୧, ୬୪, ୬୩୫ ଟଙ୍କାରେ ପହଞ୍ଚି ଯାଇଛି। ଦୁଇ ଦିନରେ ସୁନା ୧୦, ୩୫୫ ଟଙ୍କା ମହଙ୍ଗା ହେଲାଣି। ଚଳିତ ବର୍ଷର ୨୮ ଦିନ ମଧ୍ୟରେ ସୁନା ମୂଲ୍ୟ ୩୦, ୬୩୨ ଟଙ୍କା ବଢ଼ିଲାଣି। ଗତ ୩୧ ତାରିଖରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧, ୩୩, ୧୯୫ ଟଙ୍କା ଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରେଟ ସୁନା ମୂଲ୍ୟ ୯୫, ୮୩୯ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୧, ୨୨, ୮୭୦ ଟଙ୍କା, ୨୨ କ୍ୟାରେଟ ମୂଲ୍ୟ ୧, ୫୦, ୦୭୬ ଟଙ୍କା ରହିଛି। ଇଣ୍ଡିଆନ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଅନ୍ୟପଟେ ରୁପା ମୂଲ୍ୟ ସୁନାଠାରୁ ବି ଦ୍ରୁତଗତିରେ ବଢୁଛି। ଆଜି ରୁପା କେଜି ୧୩, ୭୦୩ ଟଙ୍କା ବୃଦ୍ଧି ପାଇ ୩, ୫୮, ୨୬୭ ଟଙ୍କାରେ ପହଞ୍ଚି ଯାଇଛି। ଦୁଇ ଦିନରେ ରୁପା ମୂଲ୍ୟ ୪୦, ୫୬୨ ଟଙ୍କା ମହଙ୍ଗା ହେଲାଣି। ଚଳିତ ବର୍ଷର ମାତ୍ର ୨୮ ଦିନ ମଧ୍ୟରେ ରୁପା ୧.୨୯ ଲକ୍ଷ ଟଙ୍କା ବଢ଼ିଲାଣି। ଗତ ୩୧ ତାରିଖରେ ରୁପା କେଜି ୨, ୩୦, ୪୨୦ ଟଙ୍କା ରହିଥିଲା। ଗତ ୨୮ ଦିନରେ ରୁପା ମୂଲ୍ୟ ହାରାହାରି ଭାବେ ୪, ୬୯୩ ଟଙ୍କା ବୃଦ୍ଧି ପାଇଛି।

### ସୁପ୍ରିମକୋର୍ଟଙ୍କ ପର୍ଯ୍ୟବେକ୍ଷଣରେ...

ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ମାମଲାର ସଠିକ ଯାଞ୍ଚ ହେବା ଉଚିତ। ଏହା କୌଣସି ଷଡ଼ଯନ୍ତ୍ର ନା ଅକାରଣରେ ଭୟ ସୃଷ୍ଟି କରାଯାଇଛି ତାହା ସମୟ କହିବ। ମାତ୍ର ପାଇଲଟଙ୍କୁ ଦୋଷ ଦେବା ଏବେ ସହଜ ହୋଇଯାଇଛି। ପୂର୍ବରୁ ଦୁଇଟି ମାମଲାରେ ଏଭଳି ହୋଇଥିଲା। ଯଦି ବରିଷ୍ଠ ନେତାଙ୍କ କ୍ଷେତ୍ରରେ ଏପରି ଘଟୁଛି ତେବେ ଏହା ବ୍ୟବସ୍ଥାର ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏନ୍‌ଡିଏରେ ରହି ଅଜିତ ନିଜର ରାଜନୈତିକ ସ୍ଥିତି ଉପରେ ବିଚାର କରୁଥିଲେ। ଅଜିତ ନିଜ ଦାଦା ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ ଫେରିବାକୁ ଚାହୁଁଥିଲେ ବୋଲି ରିପୋର୍ଟ ଆସିଥିଲା। ଏଭଳି ସ୍ଥିତିରେ ଘଟଣା ଅତ୍ୟନ୍ତ ଚିନ୍ତାଜନକ ବୋଲି ମମତା କହିଛନ୍ତି।

ସେ କହିଛନ୍ତି, ଅନ୍ୟ କୌଣସି ଏଜେନ୍ସି ଉପରେ ମୋର ଭରସା ନାହିଁ। ଯାଞ୍ଚ ଏଜେନ୍ସି ଗୁଡ଼ିକ ସାଲିସ କରି ନେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣରେ କେବଳ ସତ ସାମ୍ନାକୁ ଆସିପାରେ। କେବଳ ସୁପ୍ରିମକୋର୍ଟଙ୍କ ଉପରେ ଆମର ଭରସା ଅଛି।

ସେହିପରି ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଯାଞ୍ଚକୁ ସମର୍ଥନ ଦେଇଛନ୍ତି। ସେ କହିଛନ୍ତି ଯେ ନେତା ସାଧାରଣତଃ ଜରୁରୀ କାମ ପାଇଁ ଯାତ୍ରା କରିଥାନ୍ତି। କ୍ଷୁଦ୍ର ବିମାନରେ ଯିବା ସତ୍ତ୍ୱେ ଦୁର୍ଘଟଣା କାହିଁକି ଘଟିଲା। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ମମତାଙ୍କ ଦାବି ଯଥାର୍ଥ। ପୂର୍ବରୁ ଏଭଳି ଦୁର୍ଘଟଣାରେ ଅନେକ ଭିଆଇପିଙ୍କ ଜୀବନ ଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ନିରପେକ୍ଷ ଯାଞ୍ଚ ହେବା ଉଚିତ। ଉଦ୍ଧବ ଗୋଷ୍ଠୀର ଶିବସେନା ମଧ୍ୟ ସମାନ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଅଜିତଙ୍କ ଦାଦା ଶରଦ ପାୱାର ଏହାକୁ ଦୁର୍ଘଟଣା କହିଛନ୍ତି। ଏହା ଉପରେ ରାଜନୀତି ନ କରିବାକୁ ସେ ଅନୁରୋଧ କହିଛନ୍ତି। ଶରଦ କହିଛନ୍ତି ଯେ ମହାରାଷ୍ଟ୍ର ଜଣେ ଯୋଗ୍ୟ ମନୁଷ୍ୟକୁ ହରାଇ ଦେଲା। ତାଙ୍କ ପାଖରେ ନିଷ୍ପତ୍ତି ନେବାର କ୍ଷମତା ଥିଲା। ତାଙ୍କ ସ୍ଥାନ କେବେ ପୂରଣ ହୋଇପାରିବ ନାହିଁ।


**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 66,Dated 27.01.2026, I, Sadasiba Mishra, aged about 65 years, S/o- Raghunath Mishra,permanent resident of Vill. Manisingi, PO- Suri, PS-Chandili, Dist- Rayagada - 765017, Odisha, declare that I have changed my name from Ramkrushna Mishra to Sadasiba Mishra.Henceforth, I shall be known as Sadasiba Mishra for all purposes.

Sadasiba Mishra

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, no. 114, dated 27.01.2026, I, SUDHIR NAYAK, S/o- Agadu Harijan, permanent resident of village - Buchiaguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from SUDHIR HARIJAN to SUDHIR NAYAK. Henceforth, I shall be known as **SUDHIR NAYAK** for all purposes.

Sd/- Sudhir Nayak

**AFFIDAVIT**

By virtue of an affidavit No. 13043 sworn before the Executive Magistrate, Jajpur on dt- 22/12/2025. I **Bharatachandra Jena**, S/o- Babaji Jena, aged-46 yr, permanent resident of Vill- Brahmanikula, Po- Jayantara, Ps- Dasarathpur, Dist- Jajpur, Pin- 755006, Odisha. My actually Name Bharatachandra Jena, S/o- Babaji Jena which has been recorded my Aadhar Card No. 8441 5759 6890, but wrongly maintained in my CRFM (COROMANDEL ROLLER FLOUR MILLS PVT LTD) name as Anil Kumar Jeena, S/o- Babaji Jena, Henceforth both name **Bharatachandra Jena**, S/o-Babaji Jena & **Anil Kumar Jeena**, S/o- Babaji Jena are one and same person for all future purposes.

**AFFIDAVIT**

By virtue of an affidavit (Sl No.1634, dtd- 10/12/2025) sworn before The Executive Magistrate, Ranpur. I, **Bidusmita Chhualsingh,** W/o- Bikash Chhualsingh, permanent & current resident of Vill/PO- Godikilo, PS- Jankia, Dist- Khordha, PIN- 752038, Odisha declare that I have changed my name from **Bidusmita Barik to Bidusmita Chhualsingh.** Henceforth, I shall be known as **Bidusmita Chhualsingh** (new name) for all purposes.

**Bidusmita Chhualsingh**

**AFFIDAVIT**

By virtue of an affidavit sworn before the Executive Magistrate, Delang, AF. NO. 2239, on dated 10/12/2025, I **SUBASH NAYAK**, S/o Baban Nayak resident of Village At- Bramheswarpur, Po - Berboi, Ps- Delanga, Dist- Puri, Odisha Pin- 752016 declare that I have changed my name from **SUBASA CHANDRA NAYAK** to **SUBASH NAYAK.** Henceforth, I shall be known as **SUBASH NAYAK** for all future purposes.

Sd- SUBASH NAYAK

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no. 79, dated 22.01.2026, I, PADALAM BHANDARI, S/o - Lachhaman Bhandari, residences of village - Bandhaguda, PO - Binjili, PS - Kodinga, Dist - Nabarangpur, Odisha, Pin - 764061, declare that I have changed the name of my son from IHIMEDHAR BHANDARI to LACHHIMDHAR BHANDARI. Henceforth, he shall be known as **LACHHIMDHAR BHANDARI** for all purposes.

Sd/- Padalam Bhandari

**LOST**

ମୁଁ ବିନୋଦ ବିହାରୀ ସାହୁ, (୫୮ ବର୍ଷ), ପିତା- ଦାମୋଦର ସାହୁ, ଗ୍ରାମ- ସରାଇ କେଲା, ଥାନା- ଜଗଦଲପୁର, ଜିଲ୍ଲା- ବରଗଡ଼ ଘୋଷଣା କରୁଅଛି ଯେ, ମୁଁ ମୋର ଦଲିଲ ନଂ- **10171100831**, ତା. ୨୮/୦୩/୨୦୧୧ ରିଖ (ଏ୦.୨୫) ହଜି ଯାଇଛି। ଏହି ସମ୍ପତ୍ତି କୁ ବନ୍ଧକ ଦେଇ ମୁଁ **Odisha Grameen Bank, Jagdalpur, Bargarh** ଶାଖା ରୁ ଋଣ ନେବାକୁ ଯାଉଅଛି। ଏଥିରେ କାହାର କୌଣସି ଆପତ୍ତି ଥିଲେ ୦୭ ଦିନ ମଧ୍ୟରେ ଜଣାଇବେ, ତା ଅନ୍ତେ ଗ୍ରହଣୀୟ ହେବ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 27/01/2026 I, **Deepti Verma,** Address At- Plot No. 5/280, C/O- Debendra Kumar Sahoo 1st floor, Gopinathpur, Ghodapadia, Near Ruchika Restaurant, Dhauli, Bhubaneshwar, Odisha, PIN- 751002, declare that I have changed my name from **Deepti Singh Bhadauriya to Deepti Verma.** Henceforth, I shall be known as **Deepti Verma** for all purposes.

**DEEPTI VERMA**

**AFFIDAVIT**

I, Gampa Kanalu Dpra, aged about 30 years, W/o- Gampa Santosh Kumar Dora, resident of At- Gothiali, Po- Khajipalli, Ps- Purusottampur, Dist- Ganjam, Odisha, PIN- 761019, Odisha declared by this affidavit No. 171, dtd- 27/01/2026 that now onwards I shall be known as **GAMPA PUNALU DORA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, No. 82AA 423336, dtd- 12/01/2026. I, **Urmila Das,** W/o- Srinibas Das, R/o. Village- Patharpunji, PO- Gopalpur, PS- Ranpur, Dist- Nayagarh, Odisha, PIN- 752025, declare that I have changed my name from **Urmila Mati to Urmila Das.** Henceforth, I shall be known as **Urmila Das** for all purposes.

**URMILA DAS**

**NOTICE**

It is hereby notified to all the bonafied member of Tulasi Vihar Flat Owners Welfare Society, Samanga, Puri that the General Election of the Society for the year 2026-28 shall be held following notification No.06 Dt.27.01.2026, on 8th March 2026 from 10 A.M. to 5 P.M. Therefore you are requested to cast your valid vote at Tulasi Vihar Housing Complex Voting Booth and elect your Office Bearer.

**(Manmath Kumar Majhi) President.**
**Tulasi Vihar Flat Owners Welfare Society.**

O-2150
E_mail: eerwkesinga@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**e-Procurement Notice**
**BID IDENTIFICATION NO. RWKSNG-online-11/25-26**

1. Name of works : Building works (As per annexure)
2. Total No. of work : 3 Nos
3. Estimated Cost : Rs. 52.86 lakhs to Rs.95.39 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : "B" Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-11/25-26 | 31.01.2026 at 11.00 A.M | 11.02.2026 upto 17.00 P.M. | 09.02.2026 upto 11.00 A.M | 12.02.2026 at 11.00 A.M |

Further details can be seen from the Website i.e www.tenderodisha.gov.in.

Superintending Engineer
Rural Works Division
Kesinga

OIPR-

B-1007
Email: sepwdrgda1@gmail.com

**Government of Odisha**
**"e" Procurement Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**
**Bid Identification No: RC (RANDB) RGD 20/2025-2026 (Double Cover- Online tender)**
**File No. E-II-C8- 28/2025 No. 192 Dated 19.01.2026**

1. No. of the works: - 01(One) Building Works only
2. Estimated Cost: - Rs. 63.31 Lakhs
3. Cost of document: - Rs.10,000/-
4. Bid Security: - Rs.63,400/-
5. Class of Contractor : - 'B'
6. The Bid documents will be available in the website **www.tendersodisha.gov.in from11.00 Hrs. of dated 30-01-2026 to 17.00 Hrs. of dated 8-02-2026 for online bidding.**
7. Last date/Time for receipt of bids in the portal: - Upto17.00Hrs. of **Dated 08-02-2026**
8. Bids received **"on-line"** shall be **opened at 17.30 Hours on dated 09-02-2026** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the *e-Procurement* portal: "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Superintending Engineer
Rayagada (R&B) Division No-I

OIPR-

## ଅଜିତ ରାଉଳଙ୍କୁ ସାଳନ୍ଦୀ ମହୋତ୍ସବ ଶିକ୍ଷା ସମ୍ମାନ



**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ସହକାରୀ ଶିକ୍ଷକ ଅଜିତ୍ ରାଉଳଙ୍କୁ ଚଳିତ ବର୍ଷ ପାଇଁ ସାଳନ୍ଦୀ ମହୋତ୍ସବ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। କାନପୁରଠାରେ ୭ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ଅଭିନେତା ଭବାନୀ ପ୍ରସାଦ, ସାମ୍ବାଦିକ ବିଶ୍ୱରଞ୍ଜନ ପାଣିଗ୍ରାହୀ, ଶିକ୍ଷାବିତ୍ ବିଜୟ ଜେନା ପ୍ରମୁଖ ମାନପତ୍ର, ଉତ୍ତରୀୟ, ଫୁଲତୋଡ଼ା ଦେଇ ଶ୍ରୀ ରାଉଳଙ୍କୁ ସମ୍ମାନିତ କରିଛନ୍ତି। ଶ୍ରୀ ରାଉଳ ଜଣେ ଛାତ୍ରବତ୍ସଳ, ମେଧାବୀ ଶିକ୍ଷକ ଅଟନ୍ତି। ତାଙ୍କ ଶିକ୍ଷାଦାନଶୈଳୀ ଅନ୍ୟଠାରୁ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ସେ ସରକାରୀ ବାଳିକା ହାଇସ୍କୁଲରେ ଯୋଗଦେବା ପରେ ତାଙ୍କ ପ୍ରଚେଷ୍ଟାରେ ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଛନ୍ତି। ଶ୍ରୀ ରାଉଳ ମର୍ଯ୍ୟାଦାଜନକ ଏହି ଶିକ୍ଷା ସମ୍ମାନ ପାଇଥିବାରୁ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ, ସଦସ୍ୟ ସାମ୍ବାଦିକ ଅକ୍ଷୟ ସିଂହ, ବରିଷ୍ଠ ଶିକ୍ଷକ ବିରେନ ମିଶ୍ର, ଭୀମସେନ ପାଲ, କୈଳାସ ପଣ୍ଡା, ସୁଶାନ୍ତ ଜେନା, ବନଜିନୀ ନାୟକ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ସାଗରିକା ମହାନ୍ତି, ସାବିତ୍ରୀ ଦାଶ, ବଳରାମ ସେଠୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରତିଷ୍ଠା ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ବନ୍ତ/ଆଗରପଡ଼ା,୨୮।୧(ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଗୋପାଳପୁରସ୍ଥିତ ପଞ୍ଚସଖା ଭବମୁକ୍ତି ସେବାଶ୍ରମର ୪୦ତମ ପ୍ରତିଷ୍ଠା ଉତ୍ସବ ଓ ଜଗତ୍‌ଗୁରୁ ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ୫୩୭ତମ ଜନ୍ମବାର୍ଷିକୀ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବ୍ରହ୍ମଚାରୀ ରବି ନାରାୟଣ ଦାସଙ୍କ ସଭାପତିତ୍ୱରେ ବାବା ବସନ୍ତ ପାତ୍ର, ଚକ୍ରଧର ଗିରି, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ପ୍ରକାଶ ଗିରି, ମାର୍କଣ୍ଡ ଗିରି, ଗୌରାଙ୍ଗ ଜେନା, ପଦ୍ମନାଭ ସାହୁ, ବିଜୟ ଗିରି, ସଞ୍ଜୟ ଗିରି, ରାଜୁ ଗିରି ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବର ସୁପରିଚାଳନା ଉପରେ ମତବ୍ୟକ୍ତ କରିଥିଲେ।

### ଆଜିଠୁ ପ୍ରସିଦ୍ଧ ଦେବରକୁଣ୍ଡ ମେଳା

## ଭୌମୀକୁଣ୍ଡରେ ସ୍ନାନକଲେ ଜମଦଣ୍ଡରୁ ମୁକ୍ତି ମିଳେ



**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଭଦ୍ରକ ଜିଲ୍ଲା ସଦର ମହକୁମାରୁ ୧୦ କି.ମି. ଦୂର ସାଳନ୍ଦୀ ନଦୀ କୂଳରେ ଗଢ଼ି ଉଠିଛି କାଉପୁର ପଞ୍ଚାୟତ। ତିନି ଯୁଗର ଗରିମା ଯଥା- ସତ୍ୟ ଯୁଗର ବିରଞ୍ଚି ନାରାୟଣ ମନ୍ଦିର, ତ୍ରେତୟାର ସୀତା କୁଣ୍ଡ ଓ ଦ୍ୱାପରର ଭୀମ ଚୁଲିକୁ ଏହି କାଉପୁର ନିଜ କୋଳରେ ଧରି ଗର୍ବ ଅନୁଭବ କରିବା ସହ ଏ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗୁରୁବାର ଭୌମୀ ଏକାଦଶୀ ତିଥିରେ ପ୍ରସିଦ୍ଧ ଦେବରକୁଣ୍ଡ ମେଳା ଆରମ୍ଭ ହେବାକୁ ଯାଉଛି। ପୁରାଣ ବର୍ଣ୍ଣନା ଅନୁସାରେ, ତ୍ରେତୟାରେ ପିତୃ ସତ୍ୟ ରକ୍ଷା କରି ପ୍ରଭୁ ଶ୍ରୀରାମ ଚନ୍ଦ୍ର ବନବାସ ଜୀବନ ଅତିବାହିତ କରୁଥିବାବେଳେ ଦିନେ କାଉପୁର ଦେଇ ଯିବା ସମୟରେ ବସନ୍ତ ଋତୁରେ ପଳାସ ବନର ଶୋଭାରେ ବିମୁଗ୍ଧ ହୋଇ ସେହିଠାରେ ଥିବା ବିରଞ୍ଚି ନାରାୟଣ ମନ୍ଦିରରେ ରାତ୍ରିଯାପନ କରିଥିଲେ। ପ୍ରଭାତରେ ମା' ସୀତା ସ୍ନାନ କରିବା ନିମନ୍ତେ ଜଳ ପାଇଁ ପ୍ରଭୁ ରାମଚନ୍ଦ୍ରଙ୍କୁ ନିବେଦନ କରିଥିଲେ। ସ୍ଥାନଟି ମାଳଭୂମି ସଦୃଶ ଥିବାରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ଜଳ ବନ୍ଦୋବସ୍ତ ପାଇଁ ଆଦେଶ ଦେଇଥିଲେ। ପରେ ସେହି ମାଳଭୂମିରେ ଲକ୍ଷ୍ମଣ ତୀରବିଦ୍ଧ କରି ଏକ କୁଣ୍ଡ ଖନନ କରିଥିଲେ। ପରେ ମାତା ସୀତା ସେହି କୁଣ୍ଡର ଜଳରେ ସ୍ନାନ କରିଥିଲେ। ସେହିଦିନଠାରୁ ଉକ୍ତ କୁଣ୍ଡର ନାମ 'ସୀତା କୁଣ୍ଡ' ବା 'ଦେବର କୁଣ୍ଡ' ନାମରେ ନାମିତ। ମକର କିମ୍ବା କୁମ୍ଭ ମାସରେ ଭୌମୀ ଏକାଦଶୀରେ ପ୍ରାତଃ କାଳରୁ ରାତ୍ର ମଧ୍ୟରେ ଉକ୍ତ କୁଣ୍ଡରେ ସ୍ନାନ କଲେ, କୁଣ୍ଡର ଦୈବୀ ଆକର୍ଷଣ ଶକ୍ତି ବଳରେ ସବୁ ପାପ, ରୋଗବୈରାଗ ଆଦି ଭଲ ହେବା ସହ ବୈକୁଣ୍ଠପ୍ରାପ୍ତ ହୋଇ ପ୍ରଭୁ ବିଷ୍ଣୁଙ୍କର ଦର୍ଶନ ଲାଭ ହେବା ସହ ଜମଦଣ୍ଡରୁ ମୁକ୍ତି ମିଳିଥାଏ ଏବଂ ସ୍ୱର୍ଗପୁରିରେ ମହା ସୁଖପ୍ରାପ୍ତ ହୋଇଥାଏ ବୋଲି ଜନଶ୍ରୁତି କହେ। ଭୌମୀ ଏକାଦଶୀରେ ଏହି ସ୍ଥାନରେ



ବହୁ ଜନସମାଗମ ହୋଇଥାଏ। ଭକ୍ତମାନେ କୁଣ୍ଡରେ ସ୍ନାନ କରି ଫୁଲ ଫଳ ଆଦି ଧରି ନଦୀ ପାଖରେ ଥିବା ବିରଞ୍ଚି ନାରାୟଣ ମନ୍ଦିର, ହନୁମାନ ସୂର୍ଯ୍ୟନାରାୟଣ, ବଟକେଶ୍ୱର, ଜଗନ୍ନାଥ ମନ୍ଦିର ଦର୍ଶନ କରି ନିଜର ଶୁଭକାମନା ପାଇଁ ପ୍ରାର୍ଥନା କରିଥା'ନ୍ତି। ଏଥିସହ ଦ୍ୱାପର ଯୁଗର ଗରିମାକୁ ଯଥା- ଭୀମ ଚୁଲି, ଭୀମ ଗଦା, ଅଜଣା ବୃକ୍ଷ, ଆଣ୍ଠୁଆ ଗଡ଼ିଆ ଓ ପାଦୁଆ ଗଡ଼ିଆ ଆଦି ଦର୍ଶନ କରିଥା'ନ୍ତି।

ସ୍ଥାନୀୟ ଗ୍ରାମବାସୀ ଓ ଭକ୍ତମାନଙ୍କ ମିଳିତ ଉଦ୍ୟମରେ ଏଠାରେ ଏକ ଶ୍ରୀରାମ ମନ୍ଦିର ୨୦୧୭ରେ ପ୍ରତିଷ୍ଠା କରାଯାଇଛି। ଉକ୍ତ ପୀଠକୁ ଦର୍ଶନ କରିବା ପାଇଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ବେପାରୀମାନେ ଆସି ତାଙ୍କ ପସରା ମେଲାଇଥା'ନ୍ତି। ପୂର୍ବରୁ ଭୀମପୁର ଗ୍ରାମବାସୀଙ୍କ ଦ୍ୱାରା ଏହି ମେଳା ପରିଚାଳିତ ହେଉଥିବାବେଳେ ୨୦୧୦ରୁ ରାମ ମନ୍ଦିର ନିର୍ମାଣ କମିଟି ଦ୍ୱାରା ଏହା ପରିଚାଳିତ ହୋଇଆସୁଛି। ପୂର୍ବରୁ ଏହି ମେଳା ୧୫ ଦିନ ଧରି ଚାଲୁଥିବାବେଳେ କିଛି ବର୍ଷ ହେବ ଏହା ଭୌମୀ ଏକାଦଶୀରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁଛି। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଅଞ୍ଚଳରୁ ବେପାରୀମାନେ ଆସି ତାଙ୍କ ପସରା ମେଲାଇବା ଆରମ୍ଭ କଲେଣି। ତେବେ ଏଠାରେ ଦୁଃଖର ବିଷୟ ଯେ, ଭକ୍ତମାନଙ୍କ ପାଇଁ କୌଣସି ଶୌଚାଳୟ, ପାନୀୟ ଜଳ, ବିଶ୍ରାମାଗାର ଆଦିର ବ୍ୟବସ୍ଥା ନାହିଁ। ଏହି ସବୁ ସମସ୍ୟାକୁ ସମାଧାନ କରାଯାଇପାରିଲେ ଏହା ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ



**ଭଦ୍ରକ,୨୮।୧(ସମିସ):** ନୂତନ ବର୍ଷ ଅବସରରେ ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ନଳାଙ୍ଗସ୍ଥିତ ଝାଉଁବଣରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ସମାଜସେବୀ ଦେବେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ସମାଜସେବୀ ସର୍ବଶ୍ରୀ ଅସରଫ ଅଲ୍ଲୀ ଖାଁ, ଦେବଦାସ ରାୟଗୁରୁ, ଶ୍ୟାମସୁନ୍ଦର ନାୟକ, ପ୍ରକାଶ ସାହୁ, ଜିଲ୍ଲା ଆଦିବାସୀ ନେତା ରାଜୁ ରାୟ, ଭଦ୍ରକ ଚା' ଖଟି ସଭାପତି ସୋମନାଥ ସାହୁ, ପ୍ରଭାତ ପାଢ଼ୀ, ସାମ୍ବାଦିକ ସର୍ବଶ୍ରୀ ତପନ ସ୍ୱାଇଁ, ଶିବାନନ୍ଦ ଦାସ, ପାର୍ଥସାରଥୀ ନାୟକ, ପ୍ରଭାତ ଦାସ, ଅଜୟ ପଣ୍ଡା, ନସୀମ ଅଖ୍ତର, କମଳ ଲୋଚନ ପଣ୍ଡା, ବିଜୟ କୁଅଁର, ସୁଭ୍ରକାନ୍ତ ରାଉତରାୟ, ଶୁଭଦୀପ ମଲ୍ଲିକ, କବି ନିର୍ମଳ ଚନ୍ଦ୍ର ବେହୁରିଆ, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ସାମଲ, ଆଇନଜୀବୀ ସର୍ବଶ୍ରୀ ନାରାୟଣ ଚନ୍ଦ୍ର ମହାନ୍ତି, ତାହେର୍ ମହମ୍ମଦ, ପଙ୍କଜ ପରିଡ଼ା, ପ୍ରଭାତ ସାମଲ, ବିଚିତ୍ରାନନ୍ଦ ଜେନା, ବୁଦ୍ଧଦେବ ଜେନା, ସ୍ୱସ୍ତିକା ପଣ୍ଡା, ଶିକ୍ଷକ ନେତା ସର୍ବଶ୍ରୀ ତବରେଜ ଖାଁ, ଶରତ ମଲ୍ଲିକ, ଦୀପକ ନାୟକ, ସମାଜସେବୀ ବିଜୟ ସେଠୀ ଯୋଗଦେଇଥିଲେ। ସେହିପରି ବିନୟ ବଳ, ଅଶୋକ ଦାସ, ମନୋଜ ମହାନ୍ତି, ଯୁବନେତା ସର୍ବଶ୍ରୀ ବଳରାମ ରାଉତ, ଲାଲୁ ଖାଁ, ବିଜୟ ବାରିକ, ଇଲିଆସ ଖାଁ, ଦଳିତ ନେତା ସର୍ବଶ୍ରୀ ରବୀନ୍ଦ୍ର ଜେନା, ସମିତିସଭ୍ୟ ଗୟାଧର ସେଠୀ, ଗଣେଶ ମଲ୍ଲିକ, ସୁରେଶ ଜେନା, ଜଳଧର ମଲ୍ଲିକ, ରଞ୍ଜନ ଜେନା, ଶଶିକାନ୍ତ ଜେନା, ହରିହର ମଣ୍ଡଳ, ମନୋଜ ମଲ୍ଲିକ, ଦୀନବନ୍ଧୁ ଦାସ, ଖଗେଶ୍ୱର ଜେନା, ପଦ୍ମଲୋଚନ ବେହେରା, ହରିହର ମଲ୍ଲିକ, ପ୍ରତାପ ସାମଲ, ସଞ୍ଜୟ ଜେନା, ରଘୁଆ ଜେନା, ସନ୍ତୋଷ ଜେନା, ଚିନ୍ମୟ ଜେନା, ନାରୀନେତ୍ରୀ ସୁଦୀପ୍ତା ପଟ୍ଟନାୟକ, ଇନ୍ଦୁପ୍ରଭା ଜେନା, ଫାରୁକ୍ ଖାଁ, ତସ୍‌ଲିମ ଖାଁ, ଗଦାଧର ପଣ୍ଡାଙ୍କ ସମେତ ଦଳଗତ ନିର୍ବିଶେଷରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଶତାଧିକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ବନ୍ଧୁ ମିଳନ ଉତ୍ସବ ଅବସରରେ ସୁସ୍ଥ ସମାଜ ଗଠନ ଦିଗରେ ଆଜିର ଯୁବବର୍ଗଙ୍କ ଭୂମିକା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ଭଣ୍ଡାରିପୋଖରୀ ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ

## ମୃତ ବ୍ୟକ୍ତିଙ୍କୁ ଭତ୍ତା; ଜୀଅନ୍ତାଙ୍କୁ ଅବହେଳା

**ଭଣ୍ଡାରିପୋଖରୀ,୨୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ ଚର୍ଚ୍ଚାର ବିଷୟ ପାଲଟିଛି। କେତେବେଳେ ଜୀବିତ ଲୋକଙ୍କୁ ମୃତ ବୋଲି ଦର୍ଶାଇ ଭତ୍ତା ବନ୍ଦ କରାଯାଉଛି ତ ପୁଣି କେବେ ମୃତ ବ୍ୟକ୍ତିଙ୍କ ଭତ୍ତା ଟଙ୍କା ତାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଉଛି। ବ୍ଲକ୍ ପ୍ରଶାସନ ତଥା ବିଡିଓଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆସିଛି ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ବଡ଼ବନସ୍ତା ଗ୍ରାମରୁ। ଉକ୍ତ ଗ୍ରାମର ବଂଶୀଧର ନାୟକଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ୧୪ ମାସ ପର୍ଯ୍ୟନ୍ତ ଭତ୍ତା ନିୟମିତ ଭାବେ ପ୍ରଦାନ କରାଯାଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗୌରାଙ୍ଗ ଚରଣ ସେଠୀ, ଯୋଗେନ୍ଦ୍ର ନାୟକ, ସରୋଜ ନାୟକ, ଶ୍ୟାମସୁନ୍ଦର ସେନାପତି, ସଦାନନ୍ଦ ସାମଲ ପ୍ରମୁଖ ବ୍ଲକ୍ ପ୍ରଶାସନ ପ୍ରତି ସନ୍ଦେହ ପ୍ରକଟ କରିଛନ୍ତି।

ବଂଶୀଧର ନାୟକଙ୍କର ୨୦୨୪ ନଭେମ୍ବର ୧୪ରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେସିଙ୍ଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବଂଶୀଧରଙ୍କ ପୁତ୍ରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତ୍ୟୁକାଳୀନ ସଂସ୍କାର ଅର୍ଥ ପ୍ରଦାନ କରିଥିଲେ। ମାତ୍ର ବଂଶୀଧରଙ୍କ ଭତ୍ତା ବନ୍ଦ ପାଇଁ ରିପୋର୍ଟ କରି ନ ଥିଲେ। ଫଳରେ ଆଖୁଆପଦା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ବଂଶୀଧରଙ୍କ ଜମାଖାତା ନଂ ୫୩୫୪୧୦୧୧୦୦୦୭୭୨୯କୁ ସିଧାସଳଖ ଭାବେ ଭତ୍ତା ଅର୍ଥ ଆସିବାରେ ଲାଗିଥିଲା। ପ୍ରାୟ ୩୫ ହଜାର ଟଙ୍କା ଭତ୍ତା ଅର୍ଥ ଏହି ଜମାଖାତାକୁ ଆସିଛି ବୋଲି ଅଭିଯୋଗକାରୀମାନେ ଉଲ୍ଲେଖ କରିଛନ୍ତି। ଜିଲ୍ଲାପାଳ ବେଆଇନ ଭାବେ ପ୍ରଦାନ କରାଯାଇଥିବା ଭତ୍ତା ଅର୍ଥ ଫେରସ୍ତ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ଦାୟୀ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୦ ତାରିଖ ସୁଦ୍ଧା ଏ ସମ୍ପର୍କିତ ପଦକ୍ଷେପ ବିଷୟରେ ଜଣାଇବାକୁ ଜିଲ୍ଲାପାଳ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗ୍ରାମର ଜୀବିତ ଥିବା ଗୌରାଙ୍ଗ ସାହୁ(୯୪)ଙ୍କୁ ମୃତ ଦର୍ଶାଇ ଭତ୍ତା ୩ ମାସ ବନ୍ଦ କରି ଦିଆଯାଇଥିଲା। ଅଭିଯୋଗ ହେବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଦେବଦତ୍ତ ଦାଶ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସେହିପରି ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ମାନସ କୁମାର ସାମଲଙ୍କ ଭତ୍ତା ଅନୁମୋଦନର ୧୫ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିଲା। ବାରମ୍ବାର ଅଭିଯୋଗ ହେବା ପରେ ଫେରିଯାଇଥିବା ୮ ମାସର ଭତ୍ତାକୁ ବାଦ୍ ଦେଇ କେବଳ ୭ ମାସର ଭତ୍ତା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ ପାଇଁ ବିଡିଓଙ୍କ ପ୍ରଶାସନିକ ଅପାରଗତାକୁ ଅଭିଯୋଗକାରୀମାନେ ଦାୟୀ କରିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଧାମନଗର,୨୮।୧(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଦ୍ରାସା ଗୌସିଆ-ଗୌଫିଆର ସହକାରୀ ଶିକ୍ଷକ ମହମ୍ମଦ ଗୋଲାମ ହୋସେନ ହବିବିଙ୍କୁ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅଧ୍ୟକ୍ଷ ସୟଦ ଫାରୁକ ରଜା ହବିବିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମାଜସେବୀ ଡ. ମହମ୍ମଦ ସାଦିକ୍ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଏମ୍‌ଡି ମୋଜାଫର ହୋସେନ ଯୋଗଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଆଲହାଜ୍ ସେକ୍ ମନୋଓର ଅହେମ୍ମଦ, ସେକ୍ ଅବ୍‌ଦୁଲ ହାକିମ୍, ଏସାନୁଲ ହୋଦା, ସେକ୍ ଗୋଲାମ ମୋହିଉଦ୍ଦିନ, ସେକ୍ ଆଲାଉଦ୍ଦିନ୍, ସଭ୍ୟ ଗୋଲାମ ଜିଲାନି, ସେକ୍ ଜାଫର ଅଲ୍ଲୀଙ୍କ ସହ ଅନ୍ୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋଲାମ ହୋସେନ ସାର୍ ଜଣେ ଭଲ ମଣିଷ ଶିକ୍ଷା ଉପରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ କରିବା ପାଇଁ ସରାକର ଓ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅତିଥି ବକ୍ତବ୍ୟ ମାଧ୍ୟମରେ ଦାବି କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିବା ବେଳେ ସହକାରୀ ଶିକ୍ଷକ ଏମ୍‌ଡି ଖଲିଲୁଲ୍ଲା (ମୁନ୍ନା), ଏମ୍‌ଡି ଫଏଜୁଲ ଓରା, ମହମ୍ମଦ ଅବ୍‌ଦୁଲ୍ ମାନ୍ନାନ, ସେକ୍ ଫରିଦ୍, ସେକ୍ ମତିଉଲା, ସେକ୍ ଆଜାଦଙ୍କ ସମେତ ଏସ୍‌ଏଚ୍‌ଜିର ମହିଳା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେକ୍ ମୁକ୍ତାର ଅହେମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଷଣ୍ଡ ମଣ୍ଡଳରେ ବିଶାଳ ହିନ୍ଦୁ ସମ୍ମିଳନୀ

### ୫୦୮ କଳସ ଶୋଭାଯାତ୍ରା




**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ଖଣ୍ଡ ଅନ୍ତର୍ଗତ ପୁରୁଷଣ୍ଡ ମଣ୍ଡଳର ରାମଗଡ଼ ପଦାଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୁରୁଷଣ୍ଡ ମଣ୍ଡଳ ଅନ୍ତର୍ଗତ ୮ଟି ପଞ୍ଚାୟତରୁ ୨୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଚଣ୍ଡୀ ପୋଖରୀରୁ ୫୦୮ ଜଣ ମାତୃଶକ୍ତିଙ୍କ ଦ୍ୱାରା ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ରାମଗଡ଼ପଦା ପଡ଼ିଆରେ ପହଞ୍ଚିଥିଲା। ସେଠାରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକ ବିଶାଳ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟରେ ଚିନ୍ତାମଣି ପଣ୍ଡା ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଲଣା ରାମକୃଷ୍ଣ ମିଶନର ମଠାଧୀଶ ଅକ୍ଷରାନନ୍ଦ ଜି ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଓଡ଼ିଶା ପୂର୍ବପ୍ରାନ୍ତ ସହ ବୌଦ୍ଧିକ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଶ୍ୱମ୍ଭର ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁ ସମାଜର ସାମ୍ପ୍ରତିକ ସମସ୍ୟା ଏବଂ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ହରିହର ପାଣିଗ୍ରାହୀ, ବନ୍ତ ଖଣ୍ଡ ସଂଯୋଜକ ପ୍ରଦୀପ କୁମାର ପୁହାଣ, ଆର୍‌ଏସ୍‌ଏସ୍ ବନ୍ତ ଖଣ୍ଡ କାର୍ଯ୍ୟବାହ ସୁବାସ ସାହୁ ଏବଂ ବ୍ୟବସ୍ଥା ପ୍ରମୁଖ ରାମଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଏଥିସହ ଭଦ୍ରକ ଶ୍ରୀରାମ ନବମୀ କମିଟି ସଂଯୋଜକ ଗୋବିନ୍ଦ ରାଉତ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବନ୍ତ ଖଣ୍ଡ ବୌଦ୍ଧିକ ପ୍ରମୁଖ କିରଣମୟ ବେହେରା, ବିଟିପୁର ପଞ୍ଚାୟତ ସଂଯୋଜକ ବାବୁରାମ ବେହେରା, କମଳାକାନ୍ତ ସିଂହ, ମହେଶ୍ୱର ସାହୁ, ହରିହର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ଶରତ ପଣ୍ଡା, ବନିତା ପଣ୍ଡା, ଅଶୋକ ପରିଡ଼ା, ପ୍ରଦୀପ ମାଝୀ, କମଳାକାନ୍ତ ଜେନା, ଜଗନ୍ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଘନଶ୍ୟାମ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




**ଭଣ୍ଡାରିପୋଖରୀ,୨୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ପାଲାମଣ୍ଡପରେ ଘନଶ୍ୟାମ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟଙ୍ଗ ସାହିତ୍ୟିକ ଗୋଲକ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ଅଧ୍ୟାପକ ଅନାଦି ଚରଣ ସାହୁ, ଟ୍ରଷ୍ଟ ପକ୍ଷରୁ ଜ୍ୟୋତିର୍ମୟୀ ଦାଶ, ଦୁଃଖିଶ୍ୟାମ ଦାଶ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମୀନକେତନ ବେଉରିଆ, କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଦାସ, ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମର ସଶସ୍ତ୍ର ସୁରକ୍ଷା ବାହିନୀରେ କାର୍ଯ୍ୟରତ ଯବାନ ଓ କୃଷି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃଷକଙ୍କୁ ସମ୍ମାନିତ କରିଥିଲେ। ତାପସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଷୋଳମପୁର ଶିଶୁମନ୍ଦିର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### 'ମନୋରମା ସ୍ମୃତି ସଂସଦ'ର ଦ୍ୱାଦଶ ବାର୍ଷିକ ଉତ୍ସବ

## ଶିଶିର ନାୟକଙ୍କୁ 'ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'

**ଭଦ୍ରକ,୨୮।୧(ସମିସ):** ସାଧାରଣ ଗୃହିଣୀରୁ ମମତାମୟୀ ଜନନୀ ଏବଂ ଜଣେ ସଂସ୍କାରିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତା ମନୋରମା ଦେବୀଙ୍କ ସ୍ମୃତିରେ ଆୟୋଜିତ 'ମନୋରମା ସ୍ମୃତି ସଂସଦ'ର ଦ୍ୱାଦଶ ବାର୍ଷିକ ଉତ୍ସବ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟିର ଯଶସ୍ୱୀ କବି ଶିଶିର ନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଶିକ୍ଷାବିତ୍ ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଂସଦର ଆବାହକ ତଥା ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ବିଶିଷ୍ଟ କଥାଶିଳ୍ପୀ ତଥା ସ୍ମୃତିସଂସଦ ସଭାପତି ଡ. ରାଧାବିନୋଦ ନାୟକ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା 'ଓଡ଼ିଆ ସାହିତ୍ୟରେ ବୋଉ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଥିଲେ ଯେ ମାଆ କେବଳ ଏକ ଶବ୍ଦ ନୁହେଁ, ସେ ହେଉଛନ୍ତି ସକଳ ସୃଷ୍ଟିର ଆଦ୍ୟ ସ୍ପନ୍ଦନ। ଓଡ଼ିଆ ସାହିତ୍ୟରେ ମାତୃତ୍ୱର ଯେଉଁ ଚିତ୍ର ରହିଛି, ତାହା ବିଶ୍ୱ ସାହିତ୍ୟରେ ବିରଳ। ମାଆ ମନୋରମାଙ୍କ ତ୍ୟାଗପୂର୍ଣ୍ଣ ଜୀବନ ଆଜିର ସମାଜ ପାଇଁ ଏକ ଶ୍ରେଷ୍ଠ ଦର୍ଶନ ବୋଲି ସେ ଅଭିହିତ କରିଥିଲେ। ବରେଣ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମାଆଙ୍କ ସଂସ୍କାର ଓ ସାଂସ୍କୃତିକ ଚେତନା ଉପରେ




ଗୁରୁତ୍ୱାରୋପ କରି ମନୋରମା ଦେବୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ପ୍ରାରମ୍ଭରେ 'ମନମୋହନ ସଙ୍ଗୀତ ପରିଷଦ'ର ଶିଳ୍ପୀମାନେ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିବାବେଳେ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି ଏକ ଭାବପୂର୍ଣ୍ଣ ମାତୃସଙ୍ଗୀତ ଗାନକରି ଶ୍ରୋତାଙ୍କୁ ଅଭିଭୂତ କରିଥିଲେ। ମନୋରମାଙ୍କ କନ୍ୟା ସୁଲେଖିକା ସ୍ନେହଲତା ନାୟକ ମାନପତ୍ର ପାଠ କରିବା ସହିତ ମା'ଙ୍କ ସ୍ମୃତିରେ ଭାବପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ। ଅଧିବକ୍ତା ଗଦାଧର ବଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ସ୍ମୃତିସଂସଦ ସମ୍ପାଦକ ଡ. ଅଭୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବାଣୀକଲ୍ୟାଣ ମହାନ୍ତି, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, କବି ହୃଦାନନ୍ଦ ପାଣିଗ୍ରାହୀ, ନାଟ୍ୟକାର ଡ. ସୁଧାଂଶୁ ନାୟକ, ଡ. ରବୀନ୍ଦ୍ର କୁମାର ନାୟକ, ଇଂ. ଅଖିଳ କୁମାର ପାଢ଼ୀ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଶୋକ ଦ୍ୱିବେଦୀ, ଶିବପ୍ରସାଦ ସତ୍ୟାନନ୍ଦ, ଗୌରାଙ୍ଗ ବାରିକ ଓ ଦେବେନ୍ଦ୍ରନାଥ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମନୋରମାଙ୍କ କନିଷ୍ଠ କନ୍ୟା ତଥା ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଭଦ୍ରକ ଜିଲ୍ଲାରେ ବନ୍ଦ ପ୍ରଭାବ; ଖୋଲିଲାନି ଦୋକାନ ବଜାର

# ଜାତୀୟ ରାଜପଥ ଅବରୋଧ; ଗାଡ଼ି ଚଳାଚଳ ବାଧାପ୍ରାପ୍ତ


ଭଦ୍ରକ





ଧାମନଗର



ବାରିକପୁର

ଭଦ୍ରକ,୨୮।୧(ସମିସ): ଧାନର ଅଭାବୀ ବିକ୍ରି, ସ୍ମାର୍ଟ ମିଟର ନାମରେ ଶୋଷଣ, ଗାଡ଼ିରେ ପଲ୍ୟୁସନ ସାର୍ଟିଫିକେଟ୍ ନାମରେ ଜରିମାନା ଆଦାୟକୁ ବିରୋଧ କରି ବୁଧବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବା ବେଳେ ଏହାର ପ୍ରଭାବ ଭଦ୍ରକରେ ଦେଖାଯାଇଛି। ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ଗେଲପୁର ଛକରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ନବ ନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତାମାନେ। ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ସେହିପରି ଭଦ୍ରକ ସହରର ଦୋକାନ ବଜାର ମଧ୍ୟ ବନ୍ଦ ରହିଛି। ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟମାନଙ୍କ ସହ ଜିଲ୍ଲା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ସାମିଲ୍ ରହି ରାଜପଥ ଉପରେ ନାରାବାଜି କରିଥିଲେ। ସେହିପରି ଏହି ଓଡ଼ିଶା ବନ୍ଦ ଡକରାକୁ ଓଡ଼ିଶା କୃଷକ ସଭା ସିପିଆଇଏମ୍ ଦଳ ସମର୍ଥନ କରିବା ସହ ଜିଲ୍ଲା କଂଗ୍ରେସ ଦଳ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ନମ୍ବର ଜାତୀୟରାଜପଥର ଉଭୟପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଛି। ଅନ୍ୟପକ୍ଷରେ ଏହି ବନ୍ଦରେ ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟ ସତ୍ୟରଞ୍ଜନ ନାୟକ, ସବୀର ଖାଁ, ସିପିଆଇ(ଏମ୍) ନେତା ଦିବ୍ୟସିଂ ନାୟକ, ରାଧା ଦାସ, ଚନ୍ଦ୍ରଶେଖର ନାୟକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କଂଗ୍ରେସ ଜିଲ୍ଲା ସଭାପତି ନଳିନୀ ମହାନ୍ତି, ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଟାଉନ ସଭାପତି ମୁକିତ୍ ଖାନ, ବ୍ଲକ୍ ସଭାପତି ପୀତବାସ ଧଳ, ଅମିତା ବାଳା ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ଜେନା, ବଳରାମ ରାଉତ, ସମିତିସଭ୍ୟ ଗୟାଧର ସେଠୀ, ବିଜୟ ବାରିକ, ରାଜୁ ପ୍ରସାଦ ରାୟ, ଶର୍ମିଷ୍ଠା ପଣ୍ଡା, ଇଲିୟାସ ଖାନ୍, ପାରିଷଦ ଜାହିର ସାହା ପ୍ରମୁଖ ସାମିଲ୍ ଥିଲେ।

**ଧାମନଗର**

ଧାମନଗର ବ୍ଲକ୍ ଓ ଏନ୍ଏସି ଅଞ୍ଚଳରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ନଗର କଂଗ୍ରେସ ସଭାପତି ମାନସ ମହାପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଭାଗବତ ମଲ୍ଲିକ, ସେକ୍ ତାରିକ୍(ମାମା) ପ୍ରମୁଖ ଓଡ଼ିଶା ବନ୍ଦ ଡକରାରେ ସାମିଲ୍ ହୋଇ ସହରରେ ରାସ୍ତାଘାଟ ବନ୍ଦ କରିବା ସହ ଅଫିସ ଦପ୍ତର ସମ୍ପୂର୍ଣ୍ଣ ବନ୍ଦ ସଫଳ ହୋଇଥିବା ଦେଖାଦେଇଛି। ସେହିପରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବନ୍ଦ ସଫଳ ହେବା ସହିତ ପାଳସାହି ଗ୍ରାମ ପଞ୍ଚାୟତ ଅଧୀନ ବେତାଳିଗାଁ ବଜାରଠାରେ ଓଡ଼ିଶା ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡକରାରେ ତଥା କଂଗ୍ରେସ, ବିଜେଡି ଏବଂ ସିପିଆଇ, ସିପିଏମ୍ ଦଳର ସମ୍ପୂର୍ଣ୍ଣ ସହଯୋଗରେ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଆଖଣ୍ଡଳମଣି ରାଜ୍ୟ ରାଜପଥ ଏବଂ ବେତାଳିଗାଁ ବଜାର ବନ୍ଦ ରହିଥିଲା। ଓଡ଼ିଶା ନବ ନିର୍ମାଣ କୃଷକ ସଂଗଠନ ବ୍ଲକ୍ ସଂଯୋଜକ ପୀତବାସ ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା ଏବଂ ବରିଷ୍ଠ ସଂଗଠକ ଅନିଲ ଦାସ, ବ୍ରଜେନ୍ଦ୍ର ମହାନ୍ତି, ଭବରଞ୍ଜନ ମହାନ୍ତି, ଅମର ସାହୁ, ମାର୍କଣ୍ଡ ଯେନା, ମନୋଜ ବେହେରା, କୈଳାସ ଚନ୍ଦ୍ର ବାରିକ, ମୃତ୍ୟୁଞ୍ଜୟ ଦାସଙ୍କ ସଂଯୋଜନାରେ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସକାଳ ୬ଟାରେ ଶତାଧିକ ବିଜେପି ବିରୋଧୀ ସଂଗଠକ ଏବଂ ଶୁଭେଚ୍ଛୁ ଗାନ୍ଧୀମଣ୍ଡପ ନିକଟରେ ଆଖଣ୍ଡଳମଣି ରାଜ୍ୟ ରାଜପଥ ଉପରେ ଏକତ୍ରିତ ହୋଇ ରାସ୍ତା ଉପରେ ଚେୟାର ଏବଂ ବଞ୍ଚ ପକାଇ ବସିବା ସହ ସରକାରଙ୍କ ଚାଷୀମାରଣ ନୀତି, ଧାନର ମନଇଚ୍ଛା କଟ୍‌ନୀଛଟ୍‌ନୀ ବନ୍ଦ, ଇଲେକ୍ଟ୍ରି ସ୍ମାର୍ଟ ମିଟର ଲଗାଇ ହିତାଧିକାରୀଙ୍କୁ ଶୋଷଣ ସହିତ ଗାଡ଼ିର ମନଇଚ୍ଛା ପଲ୍ୟୁସନ ଟ୍ୟାକ୍ସ ବିରୋଧରେ ନେତୃମଣ୍ଡଳୀ ସରକାରଙ୍କୁ କଟୁ ସମାଲୋଚନା କରିବା ସହ କଠୋର ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସ୍କୁଲ, କଲେଜ ଏବଂ ସରକାରୀ କାର୍ଯ୍ୟାଳୟ ଖୋଲିବାକ୍ଷଣୀ କର୍ମୀମାନେ ଯାଇ ଶିକ୍ଷାନୁଷ୍ଠାନ ଗେଟ୍ ଆଗରେ ବିଭିନ୍ନ ନାରାବାଜି ଦେଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଥିଲେ। ଏହି ବନ୍ଦ କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ନେତୃମଣ୍ଡଳୀ ଯୋଗଦେଇ ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବନ୍ଦକୁ ସଫଳ କରିଥିଲେ।

**ବାରିକପୁର**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ବୁଧବାର ଭଣ୍ଡାରିପୋଖରୀଠାରେ ଦେଖିବାକୁ ମିଳିଛି। ସକାଳ ୬ଟାରୁ ସଂଗଠନର ସଦସ୍ୟମାନେ ରାଜପଥ ଉପରେ ଯାଉଥିବା ଗାଡ଼ିଗୁଡ଼ିକୁ ଅଟକ ରଖିଥିଲେ। ବିଶେଷ କରି ସରକାରଙ୍କ ଚାଷୀମାରଣ ନୀତି ସମ୍ପର୍କରେ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ବିଳମ୍ବିତ ମଣ୍ଡି ଖୋଲିବା, କଟ୍‌ନୀଛଟ୍‌ନୀ ଜାରି ରହିବା ଓ ଧାନ କ୍ରୟ ଅବ୍ୟବସ୍ଥା ନେଇ ଆନ୍ଦୋଳନକାରୀମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବ୍ଲକ୍ ଶାଖା ସଭାପତି ପ୍ରଦୀପ ସାମଲଙ୍କ ନେତୃତ୍ୱରେ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ସମେତ ଅନ୍ୟାନ୍ୟ ସଂଗଠନ ସଦସ୍ୟମାନେ ସହଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ବିଜୟଶଙ୍କର ମହାନ୍ତି, ଦେବେନ୍ଦ୍ର ବାରିକ, ରବିନ୍ଦ୍ର ପଣ୍ଡା, ସନ୍ତୋଷ ସାହୁ, ହୃଷୀକେଶ ଜେନା, ଅଶ୍ୱିନୀ ରାଉତ, ନିରାକାର ରାଉତ, ଭାଗବତ ସାହୁ, କିଶୋର ସାମଲ ପ୍ରମୁଖ ଚାଷୀମାନେ ଏହି ଚକା ବନ୍ଦ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ରାଜପଥର ବିଷ୍ଣୁପୁରଠାରୁ ଆଖୁଆପଦା ଯାଏଁ ଘଣ୍ଟା ଘଣ୍ଟା ଧରି ଯାତ୍ରୀବାହୀ ଓ ମାଲ୍‌ବାହୀ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବନ୍ଦ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।

● ଓଭରବ୍ରିଜ୍ ତଳକୁ ଖସିଲା ବାଇକ୍

## ୩ ବର୍ଷର ପୁତ୍ର ମୃତ, ବାପା-ମାଆ ଗୁରୁତର

ଭଦ୍ରକ,୨୮।୧(ସମିସ): ଓଭରବ୍ରିଜ୍ ତଳକୁ ଖସି ପଡ଼ିଲା ଚଳନ୍ତା ବାଇକ୍। ଦୁର୍ଘଟଣାରେ ବାପା- ମାଆ ଆଗରେ ଚାଲିଗଲା ୩ ବର୍ଷର ଶିଶୁପୁତ୍ରର ଜୀବନ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନା ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥର ଡାହାଣୀ ଗଡ଼ିଆଠାରେ। ସୂଚନାନୁଯାୟୀ, ୧୬ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଯୋଗେ ମୟୂରଭଞ୍ଜ ଜିଲ୍ଲା ନିଶିତପୁର ପଞ୍ଚାୟତ ମାଳତୀପାଟଣା ଗାଁର ରଜତ ଜେନା ନିଜ ସ୍ତ୍ରୀ ଓ ୩ ବର୍ଷର ପୁଅ ଆକାଶକୁ ନେଇ ଭୁବନେଶ୍ୱର ଯାଉଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍‌ଟି ଓଭରବ୍ରିଜ୍ ତଳକୁ ଖସିପଡ଼ିଥିଲା। ଫଳରେ ବାପା-ମାଆ ଜାତୀୟ ରାଜପଥ ତଳକୁ ପଡ଼ିଯାଇଥିବା ବେଳେ ପୁଅ ଜାତୀୟ ରାଜପଥ ଉପରେ ପଡ଼ିଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶିଶୁପୁତ୍ରକୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସ୍ୱାମୀ-ସ୍ତ୍ରୀ ଗୁରୁତର ଭାବେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି। ଖବର ପାଇ ଭଦ୍ରକ ଟାଉନ୍ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଗ୍ନିକାଣ୍ଡରେ ୩ ଗୋରୁ ଜୀବନ୍ତ ଦଗ୍ଧ



ବାରିକପୁର,୨୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାରିକପୁର ନିକଟସ୍ଥ ପାହିମୋହୁରାଠାରେ ଅଗ୍ନିକାଣ୍ଡ ଘଟି ଏଥିରେ ୩ ଗୋରୁଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ମୁତାବକ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରାମର ଭାରତୀ ବାରିକଙ୍କ ଗୁହାଳ ଘର ସମେତ ନିକଟରେ ଥିବା ତିନୋଟି ପାଳଗଦାରେ ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଦୁର୍ଘଟଣା ଯୋଗୁଁ ତିନୋଟି ଗୋରୁ ସମ୍ପୂର୍ଣ୍ଣ ଦଗ୍ଧ ହୋଇଥିବା ଜଣାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ନାରାୟଣପୁର ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

ବାରିକପୁର,୨୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରଣଜିତ ପଞ୍ଚାୟତ ନାରାୟଣପୁର ପ୍ରାଥମିକ କୃଷି ସମବାୟ ସମିତିଠାରେ ଖରିଫ ଧାନ ବିକ୍ରି ପାଇଁ ମଣ୍ଡି ଶୁଭାରମ୍ଭ ହୋଇଛି। ସମିତି ସମ୍ପାଦକ ସୁମନ୍ତ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ଅଧିକାରୀ ଦୁଃଖିଆ ଟୁଡୁ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଜୟନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ବେଣୁଧର ସାହୁ, ପ୍ରଦ୍ୟୁମ୍ନ ସେନାପତି, ଦିଲ୍ଲୀପ ସାହୁ, ସୁଶାନ୍ତ ଜେନା, ଦିଲ୍ଲୀପ ରାଉତ, କେଦାରନାଥ ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୨ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। କାର୍ଯ୍ୟକ୍ରମକୁ ସୁଧାକର ନାୟକ, ବଳଭଦ୍ର ସାହୁ, ପ୍ରତ୍ୟୁଷ ରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଜୀବନ ଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ସୋଲାପାରି



ଭଣ୍ଡାରିପୋଖରୀ,୨୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଚତୁର୍ଭୁଜପୁରଠାରେ ଜୀବନ ଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ମଠସାହି ଓ କୋର୍କରା ମଧ୍ୟରେ ହୋଇଥିଲା। ମଠସାହି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ୍ ହରାଇ ୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋର୍କରା ୮ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୭୪ ରନ୍ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସୋଲାପରି ଓ ନାଥ ସାହି ମଧ୍ୟରେ ହୋଇଥିଲା। ପ୍ରଥମେ ନାଥ ସାହି ନିର୍ଦ୍ଧାରିତ ୮ ଓଭରରେ ୭୧ ରନ୍ କରିଥିଲା। ସୋଲାପାରି ୭ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ସେମି ଫାଇନାଲ୍ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ପ୍ରଥମ ସେମି ଫାଇନାଲ୍ ସୋଲାପାରି ଓ ମଠସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଠସାହି ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୬ ୱିକେଟ୍ ହରାଇ ୪୨ ରନ୍ ସଂଗ୍ରହ କରିଥିଲା। ୪୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ନିର୍ଦ୍ଧାରିତ ଓଭରରେ ସୋଲାପାରି ୮ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଅତିଥି ଭାବେ ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଭାଗିରଥୀ ପରିଡ଼ା ଖେଳ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିକାଶ ପରିଡ଼ା ଓ ଅବିନାଶ ପରିଡ଼ା ଖେଳ ପରିଚାଳନା କରିଥିଲେ।

## ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘର ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ/ବାରିକପୁର,୨୮।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘର ବାର୍ଷିକୋତ୍ସବ ଗ୍ରାମଦେବତୀ ମା' ଜାଗୁଳାଇ ପୀଠରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ସରସ୍ୱତୀ ପୂଜା ପାଳନ ଅବସରରେ ଯୁବକ ସଂଘ ସଭାପତି ଗଜେନ୍ଦ୍ର ଦାସ ଓ ସମ୍ପାଦକ ସୁରଥ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ନାରୀନେତ୍ରୀ ସୁଜାତା ଜେନା, ସମାଜସେବୀ ସଞ୍ଜୀବ ପରିଡ଼ା, ସରପଞ୍ଚ ପରମାନନ୍ଦ ନାୟକ, ପୂର୍ବତନ ସରପଞ୍ଚ ମୁକୁନ୍ଦ ଚରଣ ମଲ୍ଲିକ, ଅଧ୍ୟାପକ ଅନାଦି ଚରଣ ସାହୁ, ଶିକ୍ଷକ ଦୁଃଖିଶ୍ୟାମ ଦାଶ, ଯୁବକ ସଂଘ ପ୍ରତିଷ୍ଠାତା ସଦସ୍ୟ ଚରଣ ଦାସ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ମାନବ ସେବା ହିଁ ମାଧବ ସେବା'କୁ ପାଥେୟ କରି ଯୁବକ ସଂଘ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାଶଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ସୁଜ୍ଞାନୀ ମହାପାତ୍ର ଓ ସାଥିଙ୍କ ପକ୍ଷରୁ ମେଲୋଡ଼ି ପରିବେଷଣ କରାଯାଇଥିଲା। ଯୁବକ ସଂଘ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

## ମହାବୀର ଯୁବକ ସଂଘର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବନ୍ତ/ଆଗରପଡ଼ା,୨୮।୧(ସମିସ): ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଚଳିତ ବର୍ଷ ୧୪ତମ ସରସ୍ୱତୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦୁଇଦିନ ଧରି ଆୟୋଜିତ ପ୍ରତିଭା ଅନ୍ୱେଷଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ଭବ୍ୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂଘର ସ୍ଥାୟୀ ସଭାପତି ବାବୁରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଏହି ସଭାଟି ଶୃଙ୍ଖଳାର ସହ ସମ୍ପାଦିତ ହୋଇଥିଲା। ସଭାପତି ଶ୍ରୀ ବେହେରା ମଞ୍ଚ ପରିଚାଳନା କରିବା ସହ ଯୁବ ସମାଜକୁ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ସାମନ୍ତରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ତଥା ବରିଷ୍ଠ ବିଜେପି ନେତା ଚିନ୍ମୟ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗଗନ ବିହାରୀ ସିଂହ, ଦିଲ୍ଲୀପ କୁମାର ପଣ୍ଡା ଓ ଶମ୍ଭୁନାଥ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବିଶେଷ ମୁହୂର୍ତ୍ତରେ ଆଗରପଡ଼ାର ପାରମ୍ପରିକ ଶ୍ରୀରାମ ନବମୀ ସମିତିର ସଭାପତି ତୃପ୍ତିରଞ୍ଜନ ଦାଶଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ରୁଦ୍ରପ୍ରତାପ ସିଂହଙ୍କ ସମେତ ସଭ୍ୟ ରାଣାପ୍ରତାପ ସିଂହ, ଚିନ୍ମୟ ସିଂହ, ପ୍ରଦୀପ୍ତ ସେଠୀ, ଶୁଭମ୍ ସିଂହ, ରଞ୍ଜିତ ପ୍ରତାପ ସିଂହ, ଆୟୁଷ ସେଠୀ, ଶ୍ରୀତମ୍ ସିଂହ, ବାପୁନୁ ସିଂହ, ଦଶରଥ ସିଂହ, ବଦ୍ରି ନାରାୟଣ ସିଂହ, ସୁଶାନ୍ତ ପେଡ଼ି, ଦେବାଶିଷ ଦାସ, ଅଭି ସେଠୀ, ଟ୍ୱିଙ୍କିଲ୍ ସେଠୀ, ସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ଷମାରାଣୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ଜିଲ୍ଲା ଫକିରପୁରରୁ ଆସିଥିବା ଜୟ ମା' କଳାନିକେତନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ପାଳିତ


ଗାନ୍ଧୀ ବାଳାଶ୍ରମ


ଭଦ୍ରକ: ମଦ୍ରାସା କାଦରିଆ ହବିବିୟା


ଭଦ୍ରକ: ମଦ୍ରାସା ଫୈଜାନେ ଗରିବ ନୱାଜ

● **ଗାନ୍ଧୀ ବାଳାଶ୍ରମ**

ଭଦ୍ରକ,୨୮।୧(ସମିସ): ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପ୍ରଭାତଫେରି କରାଯିବା ପରେ ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଗାନ୍ଧୀ ବାଳାଶ୍ରମର ପ୍ରାକ୍ତନ ଅଧୀକ୍ଷକ ହୃଷୀକେଶ ମହାନ୍ତି, ପ୍ରଧାନଶିକ୍ଷକ ଧରଣୀଧର ସେଠୀ, ଉର୍ଦ୍ଦୁ କବି ମୁସ୍ତାକ୍ ଗହ୍ୱର, ଚାଇଲ୍ଡ ଲାଇନରୁ ରମାକାନ୍ତ ଜେନା, ଦିଗ୍‌ବିଜୟ ମହାନ୍ତି, ଚନ୍ଦ୍ରକାନ୍ତ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇଥିଲେ। ଆଶ୍ରମ ପରିସରରେ ଅନୁଷ୍ଠିତ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଝରଣା ଦାସ, ତଥାଗତ ଜେନା, ସସ୍ମିତା ନାୟକ, ନିରଞ୍ଜନ ନାୟକ, ଚନ୍ଦନ ସାହୁ, ସୌମ୍ୟରଞ୍ଜନ ଦାସ, ସସ୍ମିତା ମଲ୍ଲିକ, ରାଜେଶ ମୋହିନୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● **ଭଦ୍ରକ: ମୁସ୍‌ଲିମ ଜମାତ**

ଭଦ୍ରକ ପୁରୁଣା ବଜାରସ୍ଥିତ ମଦିନା ମୈଦାନଠାରେ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ମୁଖ୍ୟ ଅତିଥି ଭାବେ ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପ ସଭାପତି ମହମ୍ମଦ ଜକାଉଲ୍ଲା, ହାଜି କାସିମ୍ ଖାନ୍, ହାଜି ଇଂ ମନାୱାର ହୋସେନ, ଇଂ. ରେଜାଏ ରସୁଲ, ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର, ମିର୍ଜା ଏକ୍ରାମ ବେଗ୍, ହାଜି ହଫିଜୁର ରହେମନ, ହାଜି ଇବରାର ହୋସେନ, ହାଜି ଫକରେ ଆଲାମ, ହାଜି କୈୟୁମ ସାହା, ଲୋକମାନ ଖାନ୍, ଜହୁର ଖାନ୍ ଓ ସ୍କୁଲର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

● **ଭଦ୍ରକ: ମଦ୍ରାସା କାଦରିଆ ହବିବିୟା**


ଭଦ୍ରକ: ମୁସ୍‌ଲିମ ଜମାତ

ଭଦ୍ରକ ପୁରୁଣା ବଜାରସ୍ଥିତ ମଦ୍ରାସା କାଦରିଆ ହବିବିୟା ପକ୍ଷରୁ ମୁଖ୍ୟ ଅତିଥି ଭାବେ ଶିକ୍ଷକ ହାଫିଜ୍ ଓ କାରୀ ଜମିଲ୍ ଅଖ୍‌ତର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକ ଶେଖ୍ ଫକ୍‌ରୁଦ୍ଦିନ, ସମ୍ପାଦକ ଇଂ. ହବିବୁଲ୍ଲା ଖାନ୍, ମୈରାଜୁଦ୍ଦିନ ସାର୍, ମିର୍ଜା ଇଜାଜ୍ ବେଗ୍, ହାଜି ସବବୀର ଅଲ୍ଲି, ହାଜି ମତ୍‌ଲୁବ ଅଲ୍ଲି, ମିର୍ଜା ଫରିଦ୍ ବେଗ ଓ ମଦ୍ରାସା ଛାତ୍ରମାନେ ଉପସ୍ଥିତ ଥିଲେ।

● **ଭଦ୍ରକ: ମଦ୍ରାସା ଫୈଜାନେ ଗରିବ ନୱାଜ**

ଭଦ୍ରକ କଣ୍ଟାବାଣିଆ ଓ ସାନ ଶଙ୍କରପୁରରେ ମଦ୍ରାସା ଫୈଜାନେ ଗରିବ ନୱାଜ୍ ଓ ଅହେଲେ ବଏତ ପକ୍ଷରୁ ମୁଖ୍ୟ ଅତିଥି ଭାବେ ସଭାପତି ଶେଖ୍ ଗୋଲାମ ମହମ୍ମଦ ଓ କାରୀ ସାହା ମହମ୍ମଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଜି ଅବ୍‌ଦୁଲ ମୁକିତ ଖାନ୍, ଆଇନଜୀବୀ ନୁରେ-ମୋଜାସମ, କାରୀ ଓଲିଉର ରହେମାନ, କାରୀ ଇଜାଜ୍, ୟାସିନ୍ ଅବ୍‌ଦୁଲ ବାରୀ, ଶେଖ୍ ସାହିଦ, ରଫିକ୍ ଅଲି, ଇସ୍ତାକ୍ ଖାନ୍, ସାଜନ ଖାନ୍, ଅବ୍‌ଦୁଲ ରହିମ୍, ସାବିର ଖାନ୍, ଶେଖ୍ ମୋହିଉଦ୍ଦିନ, ମିନହାଜ ଖାନ୍, ଅବ୍‌ଦୁଲ କାଦିର ପ୍ରମୁଖ ଉପସ୍ଥିତ ଥିଲେ।

● **ଭଦ୍ରକ: ଇସ୍‌ଲାମିକ୍ ଗାର୍ଲସ କଲେଜ**

ଭଦ୍ରକ ଚନ୍ଦନ ବଜାରସ୍ଥିତ କୁଲ୍ଲୀୟାତୁଲ ବନାତିର ରିଜଭିଆ ଇସ୍‌ଲାମିକ ଗାର୍ଲସ କଲେଜ ପକ୍ଷରୁ କଲେଜର ପ୍ରତିଷ୍ଠାତା ମୁଫ୍‌ତି ମହମ୍ମଦ ଅବରାର ରିଜ୍‌ଭି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଓସୀମ ଆକ୍ରମ, ସମ୍ପାଦକ ଅବଦୁଲ ଦୟାନ, ଶିକ୍ଷୟିତ୍ରୀ ତମନ୍ନା ଫାତେମା କାଦରିଆ, ଶିକ୍ଷୟିତ୍ରୀ ଆଫରିନ ଫାତେମା ରିଜ୍‌ଭି, ଶାମ୍ମା ରିଜ୍‌ଭିଆ ଓ ମଦ୍ରାସାର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

● **ଧାମନଗର: ମିଡିଆ କ୍ଲବ୍**

ଧାମନଗର ମିଡିଆ କ୍ଲବ୍ ତରଫରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟା ୩୦ରେ ଏନ୍ଏସି ଅନ୍ତର୍ଗତ ମେଡିକାଲ ବଜାର ନିକଟରେ ଥିବା ମିଡିଆ କ୍ଲବ୍ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଡିଆ


ଧାମନଗର: ମିଡିଆ କ୍ଲବ୍

କ୍ଲବ୍ ଉପସଭାପତି ସେକ୍ ଜାଫର ଅଲ୍ଲୀ, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ଦୀନକୃଷ୍ଣ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର, ମାନସ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



# ଥାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବେତନଟୀ ୨୮।୧(ସମିସ)






ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଞ୍ଚଳର ୧୮ ନମ୍ବର ଜାତୀୟ ରାଜପଥର ତାରାକୁଟି ଛକ ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ହେଉଛନ୍ତି ମୋରଡା ଥାନା ଅନ୍ତର୍ଗତ ଘୋଳମୁହାଁ ଗ୍ରାମର କୁମୁଦ ଚନ୍ଦ୍ର ଦାସଙ୍କ ପୁଅ ବିଶ୍ୱରଂଜନ ଦାସ (୪୬)। ସୂଚନା ଅନୁସାରେ, ବିଶ୍ୱରଞ୍ଜନ ତାଙ୍କ ମାମୁଘର ବାଲେଶ୍ୱରରୁ ବାଇକ୍ ଯୋଗେ ବାରିପଦା ଅଭିମୁଖେ ଯାଉଥିବା ବେଳେ ତାରାକୁଟି ଛକ ନିକଟରେ ଏକ ଥାର ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବିଶ୍ୱରଞ୍ଜନ ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଆହତଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ନେଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଦୁର୍ଘଟଣା ଘଟାଇଥିବା ଥାର ଗାଡ଼ିଟି ତାରାକୁଟି ଗାଁ ରାସ୍ତା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ବିଶ୍ୱରଞ୍ଜନ ପ୍ରାଣୀସମ୍ପଦ ବିଭାଗର କର୍ମଚାରୀ ଥିଲେ। ତାଙ୍କର ପତ୍ନୀ ଓ ଦୁଇ ଜଣ ସନ୍ତାନ ଅଛନ୍ତି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଫେରାର ଥାର ଗାଡ଼ିଟିକୁ ଧରିବାରେ ସଫଳ ହେଇଛି ଯାହାର ରେଜିଷ୍ଟ୍ରେସନ ନମ୍ବର (ଓ ଡି ୧୧ ଏ କେ ୬୧୬୧) ବୋଲି ଜଣାପଡିଛି।

## ବହଳଦା ଉଚ୍ଚବିଦ୍ୟାଳୟରେ ଗଣିତ ମେଧାବୃତ୍ତି ପରୀକ୍ଷା

ବହଳଦା,୨୮।୧ (ସମିସ): ବହଳଦା ସରକାରୀ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋନରଞ୍ଜନ ଗିରିଙ୍କ ଅଧ୍ୟକ୍ଷତା ତଥା ସଂଗ୍ରାମ କେଶରୀ ଗିରିଙ୍କ ତତ୍ତ୍ୱାବଧାନରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ୨୦୨୫-୨୬ ଅନୁଷ୍ଠିତ ହୋଇ ଯାଇଛି। ଏହି ମେଧାବୃତ୍ତି ପରୀକ୍ଷାରେ ପ୍ରଥମ ଚରଣ, ଷଷ୍ଠ ଶ୍ରେଣୀ ବର୍ଗରେ ୬୮ ଜଣ ଛାତ୍ର ମଧ୍ୟରୁ ୬୬ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରୀକ୍ଷା ଦେଇଥିବାବେଳେ ଦ୍ୱିତୀୟ ଚରଣ, ନବମ ଶ୍ରେଣୀ ବର୍ଗରେ ୧୧୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ବସିଥିଲେ। ଶିକ୍ଷୟିତ୍ରୀ ତନୁଜା ମହାନ୍ତ, ଶିକ୍ଷକ ଅଶୋକ କୁମାର ପ୍ରଜାପତି, ସସ୍ମିତା ମହାନ୍ତ, ଯାଶ୍ମୀ ସୋରେନ୍, ସସ୍ମିତା ମୁର୍ମୁ, ଜଗନ୍ନାଥ ତରେଇ, କାର୍ତ୍ତିକଚନ୍ଦ୍ର ବେହେରା, ଦେବସ୍ମିତା ନାୟକ, ତନୁଜା ନାୟକ ଏବଂ ବାବଲୁ ଡାଙ୍ଗିଲ ପ୍ରମୁଖ ପରୀକ୍ଷା ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଏବିଇଓ ତଥା ସିଆରସିସି ଭୁତନାଥ ସିଟ୍ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟର ସଫଳତା ପାଇଁ ଅଞ୍ଚଳବାସୀଙ୍କ ପ୍ରଶଂସା

କପ୍ତିପଦା,୨୮।୧(ସମିସ): ଚଳିତ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟ ରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଅର୍ପିତା ବେହେରା କୃତକାର୍ଯ୍ୟ ହୋଇଥିବା ବେଳେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ରୋହନ ଲମ୍ବୋଦର ବେହେରା ଓ ଜ୍ୟୋତି ପ୍ରଜ୍ଞା ରାଉତ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୫ମ ଶ୍ରେଣୀର ଛାତ୍ର ମୋହିତ କୁମାର ପରିଡା ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ରେ ନିଜର ଗାଣିତିକ ପ୍ରକଳ୍ପକୁ ପ୍ରଦର୍ଶିତ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଚଳିତବର୍ଷ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରେ ଭଲ ପ୍ରଦର୍ଶନ କରି ସଫଳତା ଅର୍ଜନ କରିଥିଲେ। ଏହିସବୁ ସଫଳତା ପାଇଁ ଏହି ୪ଜଣ



ଛାତ୍ରଛାତ୍ରୀ ଙ୍କୁ ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା,ଏହି ଉତ୍ସବରେ ସହକାରୀ ଶିକ୍ଷା ଧିକାରୀ ଘନଶ୍ୟାମ ସିଂ, ଲକ୍ଷ୍ମୀଧର ସିଂ,ସିଆରସିସି ଆଶୁତୋଷ ସାହୁ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସମରବଲ୍ଲଭ ହାତୀ ଉପସ୍ଥିତ ଥିଲେ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ସହକାରୀ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ରାଉତ, ରଶ୍ମିତା ବେହେରା,ଦେବଶ୍ରୀ ବେହେରା ଓ ଦିପ୍ତିମୟୀ ଜେନାଙ୍କୁ ଅଭିଭାବକ ମାନେ ପ୍ରଶଂସା କରିବା ସହିତ ନିଷ୍ଠାପର ଶିକ୍ଷାଦାନ ପାଇଁ ଏହି ବିଦ୍ୟାଳୟ ତାଙ୍କୁ ଚିରକାଳ ମନେରଖିବେ ବୋଲି ପ୍ରକାଶ କରିଥିଲେ।

# ଭଞ୍ଜସେନା ପକ୍ଷରୁ ଦାବିପତ୍ର ପ୍ରଦାନ



ବାରିପଦା,୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟସ୍ଥଳୀର ପୁନରୁଦ୍ଧାର ସହିତ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ମାଧ୍ୟମରେ ବେରୋଜଗାର ମାନଙ୍କୁ ରୋଜଗାର ଦେବା ସହିତ ଜିଲ୍ଲାରେ ଅର୍ଥନୈତିକ ଅଭିବୃଦ୍ଧି କରିବାର ଅଭିଯାନ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ଆନ୍ଦୋଳନ ସକାଶେ ବୁଧବାର ସଂଗଠନ ପକ୍ଷରୁ ଏକ ନିଆରା ଢଙ୍ଗରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ସମସ୍ତ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ କାରିଗର ମାନେ ନିଜେ ନିଜର କାରିଗରୀ ପ୍ରଦର୍ଶନ କରିଥିଲେ ଏବଂ ସରକାର ତୁରନ୍ତ ଉକ୍ତ କ୍ଷେତ୍ରରେ ହସ୍ତକ୍ଷେପ କରି କୁଟୀର ଶିଳ୍ପ ପ୍ରତିଷ୍ଠା ସହିତ ଏକ ଉପଯୁକ୍ତ ମାର୍କେଟ ପ୍ରସ୍ତୁତ କରିବା ନେଇ ନିଜର ଦାବି ଜଣାଇଥିଲେ। ପୁଣି ସେମାନଙ୍କୁ ସମର୍ଥନ ଜଣାଇ ଭଞ୍ଜସେନା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାରିପଦା ମଧୁବନ ସ୍ଥିତ ଭୈରବୀ ମନ୍ଦିର ସମ୍ମୁଖରୁ ବାହାରି ମୁଖ୍ୟ ମାର୍କେଟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କର ନେତୃତ୍ୱରେ ହୋଇଥିବା ଶୋଭାଯାତ୍ରାରେ ଜିଲ୍ଲାର ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍?ରୂପ ଦାଶ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ଉପାଧ୍ୟକ୍ଷା କନିକା ବୋଷ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଆବାହକ ରାକେଶ ବେହେରା, ସଂଯୋଜକ ସାମନ୍ତ ଶେଖର ପାଲ, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ୍ କେ ରାଜାଖାନା, କର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ବାରିପଦା ଉପଖଣ୍ଡ ସଭାପତି ପରିତୋଶ ବାରିକ, ଜିଲ୍ଲା ଉପସଭାପତି ପ୍ରୀତମ ପଣ୍ଡାପ୍ରମୁଖଙ୍କ ସହିତ ଜିଲ୍ଲାର ବହୁ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ ଏବଂ ଆଗାମୀ ଦିନରେ ଏହିଭଳି କାର୍ଯ୍ୟକ୍ରମ ଓଡିଶାର ରାଜଧାନୀ ଭୁବନେଶ୍ୱର ଅନୁଷ୍ଠିତ ହେବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଜଣାଇଛନ୍ତି।

## ଠାକୁରମୁଣ୍ଡାରେ ବ୍ଲକ୍ କଂଗ୍ରେସର ଚା' ପେ ଚର୍ଚ୍ଚା

ମହୁଲଡିହା,୨୮।୧(ସମିସ):ଠାକୁରମୁଣ୍ଡା ବଜାରରେ ବ୍ଲକ୍ କଂଗ୍ରେସ ସଭାପତିଙ୍କ ସଂଯୋଜନାରେ ଚା' ପେ ଚର୍ଚ୍ଚା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବୀ ମାରଣ ନୀତିକୁ ଭର୍ତ୍ସନା କରିଛନ୍ତି।

ମନରେଗା ଯୋଜନା ନାମ ପରିବର୍ତ୍ତନ କରି ଭି ବି ରାମ ଜୀ କରିବା ନେଇ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିବା ଓ ଶହେ ଦିନର କାମ ନ ମିଳିଲେ ଭତ୍ତାଦେବା ଘୋଷଣା କରିଥିଲେ। ଏହା ସରକାରଙ୍କ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଛ ପ୍ରମାଣିତ ହେଉଛି। କେନ୍ଦ୍ର ୬୦ ପ୍ରତିଶତ ଦେଉଥିବାରୁ ରାଜ୍ୟ ପାଖରେ ନିଅଣ୍ଟିଆ ବଜେଟ ଦେଖାଦେଇଛି। ଫଳରେ ଓଡ଼ିଶାର ଶ୍ରମିକ କାମ ନ ପାଇ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରୁଛି ବୋଲି ସୁଶ୍ରୀ ଟୁଡୁ କହିଥିଲେ। ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀଙ୍କ ସହିତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୁକୁଡ଼ା ଫାର୍ମକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ଗ୍ରାମବାସୀ



ବାରିପଦା, ୨୮।୧(ସମିସ): ବୁଧବାର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ଜନ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଓ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ବୈଠକରେ ଭେନକୋ ରିସର୍ଚ୍ଚ ଆଣ୍ଡ ବ୍ରିଡିଙ୍ଗ ଫାର୍ମର ହେଚେରୀରେ ହେଉଥିବା ବେନିୟମ କାର୍ଯ୍ୟ ବିରୁଦ୍ଧରେ ମୋରଡା ବ୍ଲକର ମାକୁନ୍ଦା ଓ ରାସଗୋବିନ୍ଦପୁର ବ୍ଲକର ଛାତନା ଗ୍ରାମବାସୀ ବିଭିନ୍ନ ପ୍ରକାର ଅଭିଯୋଗ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। କମ୍ପାନୀ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ମଧ୍ୟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି, ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ଅଞ୍ଚଳରେ ରାସାୟନିକ ନିଷ୍କାସନ ହେତୁ ବିଭିନ୍ନ ରୋଗର ଆଶଙ୍କା, ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ଘରବାଡି କିସମ ନଥାଇ ଷ୍ଟାଫ କ୍ୱାର୍ଟର ନିର୍ମାଣ, ବିନା ଅନୁମତିରେ ଭୁତଳ ଜଳର ବ୍ୟାପକ ଅପବ୍ୟବହାର, କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଦରମା ପ୍ରଦାନ ନକରିବା, ବିଭିନ୍ନ ଯନ୍ତ୍ରପାତି ଚାଲିବା ପାଇଁ ବେଆଇନ ଭାବେ ଧାର୍ଯ୍ୟ ଠାରୁ ଅଧିକ ବିଦ୍ୟୁତ ବ୍ୟବହାର କରିବା, କର୍ମଚାରୀ ନିଯୁକ୍ତିରେ ବ୍ୟାପକ ହେରଫେର, ପ୍ରାଇଭେଟ କମ୍ପାନୀ ହେଲେ ମଧ୍ୟ ଏହର ସିଏସ ଆର ଫଣ୍ଡ ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ବିନିଯୋଗ ନହେବା, ଅଞ୍ଚଳର ଲୋକମାନଙ୍କୁ କୁକୁଡ଼ା ଚିଆଁ ତଥା କୁକୁଡ଼ା ବିକ୍ରି ନକରିବା ଓ କମ୍ପାନୀ ପାଇଁ ଜମି ଦେଇଥିବା ଲୋକ ମାନଙ୍କ ପରିବାର ବର୍ଗଙ୍କୁ କୌଣସି ନିଯୁକ୍ତି ନଦେବା ଇତ୍ୟାଦି ରହିଥିଲା। ଗ୍ରାମବାସୀ, କମ୍ପାନୀ କର୍ମକର୍ତ୍ତା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଉପରୋକ୍ତ ଅଭିଯୋଗ ଗୁଡିକର ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଥିଲା ଯେ କମ୍ପାନୀ କାର୍ଯ୍ୟକ୍ଷମରେ ଯେଉଁ ଯେଉଁ ବିଭାଗ ସଂଯୁକ୍ତ ରହିଛି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଖୁବ ଶୀଘ୍ର ମିଳିତ ତଦନ୍ତ କରାଯିବ। ତଦନ୍ତ ପରେ କମ୍ପାନୀ ପକ୍ଷରୁ ଯଦି କୌଣସି ତ୍ରୁଟି ହୋଇଥିବାର ପରିଲକ୍ଷିତ ହୁଏ ବା ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ବିଭାଗର ନିୟମ ଅନୁଯାୟୀ କମ୍ପାନୀ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଅନ୍ଧବିଶ୍ୱାସ ପାଇଁ ଚାଲିଗଲା ନାବାଳକର ଜୀବନ

ଯୋଡ଼ା, ୨୮।୧(ସମିସ): ଆଜି ମଧ୍ୟ ଆଦିବାସୀ ସମ୍ପ୍ରଦାୟର ଲୋକେ ଦେହ ଖରାପହେଲେ ଡାକ୍ତରଖାନା ନେବା ବଦଳରେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ପୂଜାପାଠ ଉପରେ ଅଧିକ ଭରସା କରୁଛନ୍ତି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଯୋଡ଼ା ବ୍ଲକରେ। ୧୩ ବର୍ଷର ନାବାଳକର ଜୀବନ ଚାଲି ଯାଇଛି। ଘଟଣାଟି କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବଳଦା ପଞ୍ଚାୟତ ତାଡ଼ପାଣି ବିଏନପିଟ ଗାଁରେ ଦେଖିବାକୁ ମିଳିଛି। ତାଡ଼ପାଣି ବିଏନପିଟ ଗ୍ରାମର ବିଜୁ ହେମ୍ବ୍ରମଙ୍କ ପୁଅ ଶିବୁ ହେମ୍ବ୍ରମଙ୍କ ୨ ସପ୍ତାହରୁ ଅଧିକ ହେବ ଦେହ ଖରାପ ହୋଇ ଆସୁଥିଲା। ପ୍ରଥମେ ନିକଟସ୍ଥ କାଳିମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଘର ଲୋକେ ନେଇ ଯାଇଥିଲେ କିନ୍ତୁ ସେଠାରେ ଡାକ୍ତର ଉତ୍ତମ ଚିକିତ୍ସା ନିମନ୍ତେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ନଯାଇ ପୁଅ ଭଲ ହେବା ଆଶାରେ ବାପା-ମା' ତାକୁ ଗୁଣିଆଁ ପାଖକୁ ନେଇଯାଇଥିଲେ। ଗୁଣିଆ ପୂଜା ପାଠ ପରେ ତାର ସ୍ୱାସ୍ଥ୍ୟାବସ୍ଥା ବେଶୀ ଖରାପ ହେବାକୁ ଲାଗିଲା। ଆଜି ଅବସ୍ଥା ଅଧିକ ଗୁରୁତର ହେବାରୁ ସକାଳ ୭ରେ ସେମାନେ ଯୋଡ଼ାସ୍ଥିତ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଛନ୍ତି।

## ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

ଆନନ୍ଦପୁର, ୨୮।୧(ସମିସ): ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଏକ ହଣାକଟାରେ ମୃତ୍ୟୁ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଆନନ୍ଦପୁର ଉପଖଣ୍ଡର ନନ୍ଦିପଦା ଥାନା ଅନ୍ତର୍ଗତ ଶାଳାକଣିଆଁଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସହଦେବ ଜେନା, ଭାଗିରଥ୍ ଜେନା, ଦୁଃଶାସନ ଜେନା, ମୁଷା ଜେନା, ଗୋପୀନାଥ ଜେନା, ଆନନ୍ଦ ଜେନା, ସନାତନ ଜେନା ଓ ନନ୍ଦ କିଶୋର ଜେନାଙ୍କ ଆକ୍ରମଣରେ ଅଶୋକ ପାତ୍ର, ଦୈତାରୀ ପାତ୍ର ଓ ସସ୍ମିତା ପାତ୍ର ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଦୈତାରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ନନ୍ଦିପଦା ଥାନା କେସ୍ ନଂ ୮୮/ ୧୬.୦୬.୨୧ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିଲା। ୨୫ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୨୫ଟି ଦସ୍ତାବିଜକୁ ବିଚାରକୁ ନେଇ ଆଜି ଶୁଣାଇଥିବା ଦଣ୍ଡାଦେଶରେ ଅଭିଯୁକ୍ତ ଭାଗିରଥ୍ ଜେନା ଓ ସହଦେବ ଜେନାଙ୍କୁ ୧୦ ବର୍ଷ ଜେଲ୍ ସହ ଦଶ ହଜାର ଟଙ୍କା ଜରିମାନା ଉଲ୍ଲେଖ ରହିଛି। ସରକାରଙ୍କ ତରଫରୁ ମାମଲାଟିକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୌମିତ୍ରୀ ରାଉତ ପରିଚାଳନା କରୁଥିଲେ।

## ଡାକଘରର ମାସିକ ସମନ୍ୱୟ ସଭା

ଆନନ୍ଦପୁର, ୨୮।୧ (ସମିସ): ଆନନ୍ଦପୁର ଡାକଘର ସଭାଗୃହରେ ମାସିକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଡାକଘର ଇନ୍ସପେକ୍ଟର କୁମାର ପ୍ରସାଦ ଜେନା, ଆନନ୍ଦପୁର ସଞ୍ଚୟସେବା ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଆନନ୍ଦପୁର ଡାକପାଳ ବିଜୟ କୁମାର ସାହୁ, ଆନନ୍ଦପୁର ଉପଖଣ୍ଡ ସଞ୍ଚୟସେବା ଅଧୀନରେ ଥିବା ସଞ୍ଚୟସେବା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାହକଙ୍କ ବର୍ତ୍ତମାନ ପରିପ୍ରେକ୍ଷୀରେ ଡାକସେବାର ଆଧୁନିକୀକରଣ ଏବଂ ବିବିଧ ସେବା ବିଷୟରେ ସଚେତନ କରାଯାଇଥିଲା।

# ଟାଙ୍ଗର ଗ୍ରାମରେ ଗାଁ ମାଟିର ପ୍ରତିଭାଙ୍କୁ ସମ୍ମାନ



ଆନନ୍ଦପୁର, ୨୮।୧ (ସମିସ): ଆନନ୍ଦପୁର ବ୍ଲକ କାଠକଟା ପଞ୍ଚାୟତ ଟାଙ୍ଗର ଗ୍ରାମରେ ପରିବେଶବିତ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଗ୍ରାମର ମୁକ୍ତେଶ୍ୱର ମନ୍ଦିର ପରିସରରେ ଗାଁ ମାଟିର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିଶୁ ସାହିତ୍ୟିକ ବିଜୟ କୁମାର ସୁର ମୁଖ୍ୟଅତିଥି ଭାବେ ନିଜ ଗାଁ, ସହର ଓ ସ୍କୁଲକୁ ସ୍ୱଚ୍ଛ ରଖିବା ଏବଂ ଗଛ ଲଗାଇବା ମଧ୍ୟ ଏକ ବଡ଼ ଦେଶଭକ୍ତି ବୋଲି ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଶ୍ରୀ ଅରବିନ୍ଦ ଉଚ୍ଚବିଦ୍ୟାଳୟରେ ରେବତୀ ସାହୁ ପତାକା ଉତ୍ତୋଳନ କରିଥିବାବେଳେ ମୁକ୍ତେଶ୍ୱର ମନ୍ଦିର ପରିସରରେ ସିଆରସିସି ସୌମ୍ୟରଞ୍ଜନ ସ୍ୱାଇଁ, ନୋଡାଲ ଉପ୍ରା ବିଦ୍ୟାଳୟରେ ସ୍ୱାଧୀନ ନାଏକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ମନ୍ଦିର ପରିସରରେ ପଣ୍ଡିତ୍ ବୃନ୍ଦାବନ ଷଡଙ୍ଗୀ ବେଦପାଠ କରିଥିଲେ। ତ୍ରିଲୋଚନ ସାହୁ, ଭରତ ଚନ୍ଦ୍ର, ରମେଶଚନ୍ଦ୍ର ସାହୁ ପ୍ରମୁଖ ଶିକ୍ଷାବିତ୍‌ଙ୍କ ସମେତ ସହକର୍ମୀବୃନ୍ଦ, ଗ୍ରାମବାସୀ ଉପସ୍ଥିତ ଥିଲେ। ସ୍ୱାମୀ ଅନ୍ଧ ଥିବାବେଳେ ମାଛ ବ୍ୟବସାୟ କରି ପରିବାର ଭରଣପୋଷଣ କରୁଥିବା ଝୁନୁ ଝାଲିଆ, ସ୍ୱଚ୍ଛତା ଓ ସେବା ପାଇଁ ସଞ୍ଜୟ ଦେହୁରୀ, ବୃକ୍ଷରୋପଣ ଓ ସମାଜସେବା ପାଇଁ ରାହାସ ନାଏକ, ସଫାଇକର୍ମୀ ଲୋଚନ ଭିତିରିଆ, କର୍ତବ୍ୟନିଷ୍ଠ ଅରବିନ୍ଦ ଉଚ୍ଚ ବିଦ୍ୟାଳୟର କିରାଣି ସୋରେନ ମହାନ୍ତ, ସ୍ୱଚ୍ଛତାରେ ସୁଗୃହିଣୀ ସୁକୁରୀ ସାହୁ, ସାବିତ୍ରୀ ସାହୁ, ଚମ୍ପାବତୀ ସାହୁ, ଶାସ୍ତ୍ରୀୟ, ସଙ୍ଗୀତ ଭଜନ ପାଇଁ ରାମଚନ୍ଦ୍ର ନାଥ, ଟାଙ୍ଗର ନୋଡାଲ ହାଇସ୍କୁଲର ପାଚିକା ବେଙ୍ଗ ନାଏକ, ହାସ୍ୟ ରସିକ ପାଇଁ ଘନ ପଲେଇ, ମାଧବ ନାଏକ, ସମାଜସେବା, ଦେଶଭକ୍ତ ଓ ସଙ୍ଗୀତ ପାଇଁ ଧନେଶ୍ୱର ନାଏକ, ବାର୍ଦ୍ଧକ୍ୟରେ କର୍ମତତ୍ପରତା ପାଇଁ ନାଥୁରାମ ନାଏକ, ଆନନ୍ଦପୁର ବ୍ଲକ ବୃତ୍ତି ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସତ୍ୟ ସନାତନ ସାହୁ, ବନ୍ଦେ ମାତରମରେ ଆନନ୍ଦପୁର ବ୍ଲକରେ ପ୍ରଥମ ଅଭିଲିପସା ମହାନ୍ତି, ନବମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରୀ ପାନ ମାଝୀ, ସେବା ପାଇଁ ନଠୁରୀ ନାଏକ, ମନ୍ଦାକିନୀ ନାଏକ, ଶ୍ରେଷ୍ଠ ଛାତ୍ର ଯୁଗଳ କିଶୋର, ସୂଚନା ପାଇଁ ଅଭିଲିପ୍ସା ସାହୁ ଏବଂ ସାଇ ଲିପ୍ସା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍ୟୋକ୍ତା ଶ୍ରୀ ସାହୁ ନିଜ ଉଦ୍ୟମରେ ଏକ ନଣ୍ଡାପାହାଡକୁ ସବୁଜ ବନାନୀରେ ପରିଣତ କରି ଏବଂ ଶ୍ମଶାନରେ ମନ୍ଦିର ନିର୍ମାଣ କରିବା ଗାଁ ପାଇଁ ଉଦାହରଣ ପାଲଟିଛି।

## ଉପୁରୁମ୍ ଜୁମୁର୍ କମିଟିର ଦ୍ୱାଦଶ ବାର୍ଷିକ ସମ୍ମିଳନୀ

କେନ୍ଦୁଝର, ୨୮।୧(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମଣ୍ଡୁଆ ଗ୍ରାମପଞ୍ଚାୟତ ଗୁମୁରା ରଜ ପଡ଼ିଆଠାରେ ହୋ ସମାଜ ଉପୁରୁମ ଜୁମୁର୍ କମିଟି ଏବଂ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ଆନୁକୂଲ୍ୟରେ ଦ୍ୱାଦଶ ତମ ବାର୍ଷିକ ସମ୍ମିଳନୀ ତଥା ଉପୁରୁମ୍ ଜୁମୁର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବିଷୟବସ୍ତୁ ଥିଲା ଆଞ୍ଜ୍ ଅଞ୍ଜ୍ ପାଲାଓଆ (ମୁଁ ବି ପଢ଼ିବି)। କମିଟିର ସଭାପତି ସତ୍ୟଜିତ ଲାଗୁରୀଙ୍କ ନେତୃତ୍ୱରେ କିଛି ବୁଦ୍ଧିଜୀବୀ ଏବଂ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ନେଇ ୨୦୧୩ରେ ଆରମ୍ଭ କରଯାଇଥିଲା ଏହି କାର୍ଯ୍ୟକ୍ରମ। ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦୁ ଯୋଗ ଦେଇଥିଲେ। ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂହ, ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନର ପୂର୍ବତନ ସମ୍ପାଦକ ଲକ୍ଷ୍ମୀଧର ସିଂ, ଉପୁରୁମ୍ ଜୁମୁର୍ କମିଟିର ବରିଷ୍ଠ ଉପଦେଷ୍ଟା ଦୁଖବନ୍ଧୁ ବାଲମୁଚ୍, ବହୁଭାଷୀ ଶିକ୍ଷା ସଂଘର କେନ୍ଦୁଝର ଜିଲ୍ଲାର ସଭାପତି ସୁନୀଲ ସାମାଡ, ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ରାଜ୍ୟର ସାଧାରଣ ସମ୍ପାଦକ ନାରଣ ପୂର୍ତ୍ତି, ସଭାପତି ରାମରାଇ ମୁନ୍ଦୁୟା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପୂର୍ବତନ ଅଧିକାରୀ ଜୀବନ ସିଂ, ଯୁବ ସମାଜସେବୀ ପିଣ୍ଟୁ ହେମ୍ବ୍ରମ୍, କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ୫ ନଂ ଜୋନ୍‌ର ଜିଲ୍ଲା ପରିଷଦ ରଥ ମୁଣ୍ଡା, ସୁନିଆ ମୁଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଗଳ, ଦେବଗଡ଼, ମୟୂରଭଞ୍ଜ, କଟକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲା ସହ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ପ୍ରାୟ ଆଠ ହଜାର ହୋ ଲୋକମାନେ ଏକତ୍ରିତ ହୋଇଥିଲେ। ହୋ ସମାଜର କଳାକାର ସଂଘର ସଭାପତି ବାଦଲ ଜେରାଇ, ସମ୍ପାଦକ ସୁମରାୟ କୁଦାଦ, ବାଗୁନ ସୁଣ୍ଡି, ସିନୁ ପୂର୍ତ୍ତି, ହିରନ୍ୟ ବୁଲିଉଲି, କୁନା ଦେହୁରୀ, ସାଲିମ୍ ଚାମ୍ପିଆ, ପୂଜା ସିଦୁ, ପୂଜା ଲିୟାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୀବ କୁଦେଦା, ମଙ୍ଗଲ୍ ବଦରା, ରାମଚନ୍ଦ୍ର ଗାଗାରାଇ, ଦୁର୍ଗାଚନ୍ଦ୍ର ପିଙ୍ଗୁଆ, ସଞ୍ଜୟ ମୁଣ୍ଡା, ଜୟନ୍ତୀ ପୂର୍ତ୍ତି, ମୁନସୀ ମୁଣ୍ଡା, ଯତୀଶ ଚାତରା, ମିଳନ ମୁଣ୍ଡା, ରଞ୍ଜନ ମୁଣ୍ଡା ସହଯୋଗ କରିଥିଲେ। ଚିନ୍ମୟ ସଏ ଏବଂ ପଦ୍ମଲୋଚନ ସଏ ସଭା ପରିଚାଳନା କରିଥିଲେ ସଭାପତି ସତ୍ୟଜିତ୍ ଲାଗୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁଝର ଜିଲ୍ଲାରେ ବନ୍ଦର ଆଂଶିକ ପ୍ରଭାବ

କେନ୍ଦୁଝର, ୨୮।୧(ସମିସ): ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ଆଂଶିକ ଭାବେ ପ୍ରଭାବ ପକାଇଛି। କଂଗ୍ରେସର କର୍ମୀ କେନ୍ଦୁଝର ସହର ଗାନ୍ଧୀଛକରେ ରାସ୍ତା ଅବରୋଧ କରିଥିଲେ। ପୂର୍ବତନ ବିଧାୟକ ତଥା ପିସିସି ରାଜ୍ୟ ସମ୍ପାଦକ ସୁବର୍ଣ୍ଣ ନାୟକ, କଂଗ୍ରେସ କମିଟି ସଦର ବ୍ଲକ ସଭାପତି ଉତ୍ତମ ସାହୁ ଲୋକନାଥ ଟୁଡୁଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରାଯାଇଥିଲା ବେଳେ ଦୋକାନ ବଜାର, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ ଖୋଲା ଥିଲା। ବେସରକାରୀ ସ୍କୁଲ ଏବଂ କଲେଜ ବନ୍ଦ ଥିଲା।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର, ଯୁବକ ଆହତ



ବାଲିବନ୍ଧ, ୨୮।୧ (ସମିସ): ଚମ୍ପୁଆ ରେଞ୍ଜ, ବାଲିବନ୍ଧ ଫରେଷ୍ଟ ସେକ୍ସନ ଲକ୍ଷ୍ମୀପଶୀ ବିଟ ଅଧୀନ ଅର୍ଶଳା ପଞ୍ଚାୟତ ଅନ୍ଧାରିଖମଣ ଗ୍ରାମରେ ଭାଲୁ ଆକ୍ରମଣ କରିଛି। ଏଥିରେ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ଜଣେ ଯୁବକ ଆହତ ହୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି। ଗୁରୁତର ମହିଳା ଜଣଙ୍କ ହେଲେ ସେହି ଗ୍ରାମର ରତନୀ ମହାନ୍ତ ( ୫୩)। ଆହତ ଯୁବକ ସେହି ଗ୍ରାମର ମାଝୀସାହିର ଶ୍ରୀରାମ ମୁଣ୍ଡା (୨୬)। ନିଜ ଘର ସମ୍ମୁଖରେ ବାଡ଼ିରେରେ ଛେଳି ଜଗିଥିଲା ବେଳେ ରତନୀଙ୍କୁ ଭାଲୁଟି ଜଙ୍ଗଲ ପଟୁ ଦୌଡ଼ି ଆସି ଆକ୍ରମଣ କରିଥିଲା। ସେ ତଳେ ପଡ଼ିଯିବାରୁ ଭାଲୁ ରତନୀର ଛାତିକୁ ରାମ୍ପୁଡିବା ସହିତ ଝୁଣୀ ପକାଇଥିଲା। ଚିତ୍କାର ଶୁଣି ପଡ଼ିଶା ଲୋକେ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ପଠାଇଥିଲେ। ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହାମଧ୍ୟରେ ଭାଲୁର ଗତିବିଧି ନିରୀକ୍ଷଣ କରୁଥିବା ଗ୍ରାମବାସୀଙ୍କ ମଧ୍ୟରୁ ଗଛ ଉହାଡ଼ରେ ଲୁଚି ରହିଥିବା ସେହି ଭାଲୁ ପୁଣି ଦୌଡ଼ି ଆସି ଶ୍ରୀରାମ ମୁଣ୍ଡାଙ୍କୁ ପଛ ପଟୁ ଆକ୍ରମଣ କରିଥିଲା। ତାଙ୍କୁ ମଧ୍ୟ ସ୍ଥାନୀୟ ଲୋକେ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଏନେଇ ବାଲିବନ୍ଧ ଫରେଷ୍ଟ ରାଜେନ୍ଦ୍ର ଜେନା କହିଛନ୍ତି, ସରକାରୀ ନିୟମ ମୁତାବକ ଉଭୟଙ୍କୁ ସହାୟତା ଯୋଗାଇ ଦିଆଯିବ।

## ମହୁଲିମଦ ଓ ପୋଚ ଜବତ; ଜଣେ ଗିରଫ

ହାଟଡ଼ିହୀ, ୨୮।୧(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା, ଯୋଗିଆବନ୍ଧ ଅଞ୍ଚଳରେ ଚଢ଼ଉ କରି ୧୭୦ ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଉକ୍ତ ଗ୍ରାମର ଶିବଚରଣ ଦେହୁରୀଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୭୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ରେଞ୍ଜ ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ଡିଏମ୍‌ଏଫ୍ ସହାୟତାରେ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ

କେନ୍ଦୁଝର, ୨୮।୧(ସମିସ): ଜିଲ୍ଲା ଖଣିଜ ଅନୁଷ୍ଠାନ (ଡିଏମଏଫ୍)ର ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫ୍-ଉଦ୍ୟମୀ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ସଦର ବ୍ଲକର କାଶୀପୁରଠାରେ ରୁଦ୍ରନାରାୟଣ ଲୋହରଙ୍କ ଏକ ଚଷମା ତିଆରି ଓ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ କେନ୍ଦୁଝର ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୁଧା ଓରାମ, ଡିଏମଏଫର ପ୍ରଦୀପ ପ୍ରଧାନ, ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇଡିଆଇଆଇ) ଦ୍ୱାରା ରୂପାୟଣ ହେଉଥିବା ଡିଏମଏଫ୍ ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ବ୍ୟବସାୟ/ ଉଦ୍ୟମ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି। ଏହି ଲକ୍ଷ୍ୟ ପାଇଁ ଇଡିଆଇଆଇ ଦ୍ୱାରା ସ୍ଥାନୀୟ ଯୁବକଯୁବତୀ ଓ ମହିଳାମାନଙ୍କୁ ବ୍ୟବସାୟିକ ତାଲିମ, ବ୍ୟାଙ୍କ ସହ ଆର୍ଥିକ ସଂଯୋଗ, ନିଃଶୁଳ୍କ ଜିଲ୍ଲାସ୍ତରୀୟ ଉଦ୍ୟାଗ ପ୍ରତିଷ୍ଠା କେନ୍ଦ୍ରର ସହାୟତା, ମୂଲ୍ୟ ସଂଯୋଜନା, ବିକ୍ରି ବାଟା ସହାୟତା ଓ ଡିଜିଟାଲ ପ୍ରଚାର ପ୍ରସାର ସହାୟତା ଓ ବ୍ରାଣ୍ଡିଙ୍ଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ଇଡିଆଇଆଇ ଜିଲ୍ଲା କାର୍ଯ୍ୟକ୍ରମ ସଞ୍ଚାଳକ ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ ଆଦିତ୍ୟ, ଅରବିନ୍ଦ, ଲକ୍ଷ୍ମଣ, ନୟନଜ୍ୟୋତି, ଅଲିଶା ସହଯୋଗ କରିଥିଲେ।



## ତାଇପେ ୧୦୧ ଚଢ଼ିଲେ ବିନା ସୁରକ୍ଷା ଉପକରଣରେ

ଆମେରିକାର ଜଣାଶୁଣା ପର୍ବତାରୋହୀ ଆଲେକ୍ସ ହୋନୋଲ୍ଡ ପୁଣିଥରେ ପ୍ରମାଣ କରିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ଯେକୌଣସି କାମ କରିବା ସମ୍ଭବ। ସେ ତାଇୱାନ୍‌ର ଗଗଗନଚୁମ୍ବୀ ଅଟ୍ଟାଳିକା ତାଇପେ ୧୦୧କୁ ସୁରକ୍ଷା ଉପକରଣ (ରଶି କିମ୍ବା ପ୍ରୋଟେକ୍ଟିଭ୍ ଗିୟର) ବିନା ଚଢ଼ି ଇତିହାସ ରଚିଛନ୍ତି। ୧୬୬୭ ଫୁଟ ଉଚ୍ଚା ଏହି ବିଲ୍ଡିଂକୁ ସେ ମାତ୍ର ୯୦ ମିନିଟ୍‌ରେ ଚଢ଼ିଥିଲେ। ସୁଉଚ୍ଚ ପାହାଡ଼ ଓ ଚଟ୍ଟାନ ଚଢ଼ୁଥିବା ଆଲେକ୍ସଙ୍କ ପାଇଁ ସଂପୂର୍ଣ୍ଣ ଭାବେ ଏହା ଏକ ନିଆରା ଅନୁଭୂତି ଥିଲା ବୋଲି ସେ କହିଛନ୍ତି। ସେ ଏହି କାରନାମା କରୁଥିବାବେଳେ ସଡ଼କରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏହି ସୁଉଚ୍ଚ ଅଟ୍ଟାଳିକାର କୋଣ, ସଜାସଜି ପାଇଁ ରଖାଯାଇଥିବା କଡ଼ ଓ ଏଲ୍ ସଂରଚନାର ସାହାଯ୍ୟ ନେଇ ସେ ଗୋଟିଏ ପରେ ଗୋଟିଏ ମହଲା ଚଢ଼ି ଚାଲିଥିଲେ। ପବନ ସହ ନିୟନ୍ତ୍ରଣ ରଖି ଏତେ ଉଚ୍ଚ ବିଲ୍ଡିଂ ଚଢ଼ିବା ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା। ଏହି ବିଲ୍ଡିଂର ଶୀର୍ଷ ବେଶରେ ପହଞ୍ଚିବା ପରେ ଲାଲ୍ ଟି-ସାର୍ଟ ପିନ୍ଧିଥିବା ଆଲେକ୍ସ ହାତ ହଲାଇ ଜଶ୍ନ ମନାଇଥିଲେ। ପ୍ରଥମ ଥର ପାଇଁ ତାଇପେ ୧୦୧ରେ ବିନା ସୁରକ୍ଷା ଉପକରଣରେ 'ଫ୍ରି ସୋଲୋ କ୍ଲାଇମ୍ବ' ହୋଇଛି। ଏହାପୂର୍ବରୁ ଫ୍ରାନ୍ସ ପର୍ବତାରୋହୀ ଏଲେନ ରବର୍ଟ ରଶି ସାହାଯ୍ୟରେ ଏହି ବିଲ୍ଡିଂ ଚଢ଼ିଥିଲେ।

## ନିଆରା ପରମ୍ପରା

### ୪୨ ଦିନ ମୋବାଇଲ, ଟିଭି ମନା



ଦୁନିଆରେ ଏପରି ଅନେକ ପରମ୍ପରା ଅଛି ଯାହା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବିଭିନ୍ନତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ପରିଚୟ। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଆଜିକାଲି ମୋବାଇଲକୁ ଛାଡ଼ି ଘଡ଼ିଏ ରହିବା କଷ୍ଟକର ବ୍ୟାପାର ହୋଇଥିବାବେଳେ ହିମାଚଳ ପ୍ରଦେଶର ମନାଲି ସ୍ଥିତ ଉଝି ଘାଟିର ପ୍ରାୟ ୯ଟି ଗାଁର ଲୋକ ମକର ସଂକ୍ରାନ୍ତି ପରେ ଏକ ଅନନ୍ୟ ପରମ୍ପରାକୁ ସମ୍ମାନ ଜଣାଇ ୪୨ ଦିନ ଲାଗି ନୀରବତା ଅବଲମ୍ବନ କରନ୍ତି। ଏହି ସମୟରେ ଗାଁର କୌଣସି ବ୍ୟକ୍ତି ମୋବାଇଲ, ଟିଭି କିମ୍ବା କୌଣସି ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରନ୍ତି ନାହିଁ। ମୋବାଇଲ୍ ଫୋନ୍‌ର ରିଙ୍ଗଟୋନ୍ ବି ଶୁଣାଯାଏ ନାହିଁ। ଗୋଶାଳ, କୋଠି, ସୋଲଙ୍ଗ,ପଲଚାନ, ରୁଆଡ, କୁଲଙ୍ଗ, ଶନାଗ, ବୁରୁଆ ଏବଂ ମଝାଚ ଗାଁରେ ଏହି ଅନନ୍ୟ ପରମ୍ପରା ପାଳନ କରାଯାଏ। ମାନ୍ୟତା ରହିଛି ଯେ, ଏହି ସମୟରେ ଭଗବାନ ତପସ୍ୟା କରନ୍ତି। ଦେବତାଙ୍କ ତପସ୍ୟାରେ ଯେପରି କୌଣସି ବାଧାବିଘ୍ନ ନ ଆସେ ସେନେଇ ଗୌତମ ଋଷି, ବ୍ୟାସ ଋଷି ଏବଂ ନାଗଦେବତାଙ୍କ ଆଦେଶରୁ ଏହି ନିୟମ ପାଳନ କରାଯାଏ। ତେଣୁ ମକର ସଂକ୍ରାନ୍ତି ପରେ ଏଠାରେ ଟିଭି, ରେଡିଓ ବନ୍ଦ ରହିଥାଏ। ସେହିଭଳି ମୋବାଇଲଗୁଡ଼ିକୁ ସାଇଲେଣ୍ଟ ମୋଡ଼ରେ ରଖାଯାଏ। ମନ୍ଦିରର କପାଟ ବନ୍ଦ ରହିବା ସହ ଘଣ୍ଟି ବଜାଇବା ପାଇଁ ବାରଣ କରାଯାଏ। ଏହି ସମୟରେ ଚାଷକାମ ମଧ୍ୟ କରାଯାଏ ନାହିଁ। ଅଧିକ ଉଚ୍ଚ ଶବ୍ଦରେ କେହି କଥାବାର୍ତ୍ତା ମଧ୍ୟ କରନ୍ତି ନାହିଁ। ତେବେ ଏହି ନିୟମ କେବଳ ଯେ, ଗାଁ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ପର୍ଯ୍ୟଟକମାନେ ମଧ୍ୟ ଏହାକୁ ପାଳନ କରନ୍ତି। ଏହି ସମୟରେ ଏହି ଗାଁଗୁଡ଼ିକୁ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆସିବାକୁ ଦିଆଯାଏ ନାହିଁ। ଏଠାରେ ପ୍ରଚଳିତ ଲୋକବିଶ୍ୱାସ ଅନୁସାରେ, ଦେବତାମାନେ ତପସ୍ୟା କରି ସ୍ୱର୍ଗରୁ ଫେରିବା ପରେ ସେମାନଙ୍କ ସ୍ୱାଗତ ନିମନ୍ତେ ଏହି ଗାଁଗୁଡ଼ିକରେ ଉତ୍ସବ ପାଳନ କରାଯାଏ। ଫାଗଲି ଉତ୍ସବ ଯାଏଁ ଏହି ଗାଁଗୁଡ଼ିକରେ ଏମିତି ଶାନ୍ତ ପରିବେଶ ଥାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ପରମ୍ପରା ପିଢ଼ି ପରେ ପିଢ଼ି ପାଳନ କରାଯାଉଛି। ଯୁବପିଢ଼ି ମଧ୍ୟ ବେଶ୍ ଉତ୍ସାହର ସହିତ ଏଥିରେ ସାମିଲ ହେଉଛନ୍ତି। ଆଧୁନିକତା ଭିତରେ ପ୍ରାଚୀନ ମାନ୍ୟତାକୁ ପାଳନ କରିବା ବାସ୍ତବରେ ପ୍ରଶଂସନୀୟ। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ହିମାଚଳ ପ୍ରଦେଶର ଏହି ନିୟମକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।


## 'ଓ ରୋମିଓ' ଶାହିଦ୍ ନେଇଛନ୍ତି ୪୫ କୋଟି



ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଫିଲ୍ମ 'ଓ ରୋମିଓ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ଭରଦ୍ୱାଜ। ବିଶାଲ ଓ ଶାହିଦ୍ ବଲିଉଡ୍‌କୁ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। 'ଓ ରୋମିଓ'କୁ ନେଇ ମଧ୍ୟ ଦର୍ଶକେ ସେଭଳି କିଛି ଆଶା ରଖିଛନ୍ତି। ଫିଲ୍ମର ଟିଜର୍ ଓ ଟ୍ରେଲରକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର କାହାଣୀ ଗ୍ୟାଙ୍ଗଷ୍ଟର୍ ହୁସେନ୍ ଉସ୍ତରାଙ୍କ ଉପରେ ଆଧାରିତ। ଶାହିଦ୍ ଏଥିରେ ଗ୍ୟାଙ୍ଗଷ୍ଟର ଭୂମିକାରେ ଚମତ୍କାର ଅଭିନୟ କରିଥିବା ଚର୍ଚ୍ଚା ହେଉଛି। ତେବେ ଏହି ଫିଲ୍ମ ପାଇଁ ଶାହିଦ୍ ପାରିଶ୍ରମିକ ବାବଦରେ ୪୫ କୋଟି ନେଇଛନ୍ତି। ଏଥିରେ ଶାହିଦ୍‌ଙ୍କ ବିପକ୍ଷରେ ତ୍ରିପ୍ତି ଡିମ୍ରି ନଜର ଆସିବେ। ତ୍ରିପ୍ତି ଏହି ଫିଲ୍ମ ପାଇଁ ୬ କୋଟି ନେଇଛନ୍ତି। ସେହିଭଳି ଅବିନାଶ ତିୱାରି ଏହି ଫିଲ୍ମ ପାଇଁ ୭ କୋଟି ନେଇଛନ୍ତି। ଏଥିରେ ତମନ୍ନା ଭାଟିଆଙ୍କର ଏକ ଆଇଟମ୍ ନମ୍ବର ରହିଛି। ସେ ଏହି ଆଇଟମ୍ ଗୀତ ପାଇଁ ୭ କୋଟି ନେଇଛନ୍ତି। ନାନା ପାଟେକର୍ ମଧ୍ୟ ଏଥିରେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ନଜର ଆସିବେ। ସେ ପାରିଶ୍ରମିକ ବାବଦରେ ୪ କୋଟି ନେଇଛନ୍ତି। ଦିଶା ପଟାନିଙ୍କର ମଧ୍ୟ ଏଥିରେ ଏକ ଆଇଟମ୍ ନମ୍ବର ରହିଛି। ସେ ଏଥିପାଇଁ ୨ କୋଟି ନେଇଛନ୍ତି। ଆସନ୍ତା ଫେବୃଆରୀ ୧୩ରେ ଏହା ସିନେମା ହଲରେ ମୁକ୍ତିଲାଭ କରିବ।

## ଭିନ୍ନ ଏକ କାରାଗାର

ଜେଲର ନାଁ ଶୁଣିବା ମାତ୍ରେ, ଅନ୍ଧାର କୋଠରୀ, ବଡ଼ ବଡ଼ କାନ୍ଥ କଥା ଆଖି ସାମ୍ନାକୁ ଚାଲିଆସେ। ସେହିପରି କାରାଗାରରୁ ଯେପରି କୌଣସି କଏଦୀ ଖସି ପଳାୟନ ନ କରେ ଏଥିପାଇଁ ସୁରକ୍ଷାକର୍ମୀ ମୁତୟନ ହୋଇଥାନ୍ତି। ହେଲେ ଏହାଠୁ ଭିନ୍ନ ଗ୍ରୀନଲ୍ୟାଣ୍ଡର ନ୍ୟୁକ୍ କାରାଗାର। ଏଠାରେ ଓପନ ପ୍ରିଜନ୍ ( ମୁକ୍ତ କାରାଗାର) ସିଷ୍ଟମ ଲାଗୁ କରାଯାଇଛି। ଯେଉଁଥିରେ ସଜା ଦେବାର ଅର୍ଥ କେବଳ ଦଣ୍ଡ ନୁହେଁ, ବରଂ ଜଣେ କଏଦୀଙ୍କୁ ଭଲ ମଣିଷ କରିବା। ତେଣୁ ଏହି କାରାଗାରରେ ଉଚ୍ଚ ପ୍ରାଚୀର କିମ୍ବା ଲୁହାର ମଜଭୁତ ଫାଟକ ନ ଥାଏ। ଏହାସତ୍ତ୍ୱେ ବି କଏଦୀ ଜେଲ୍‌ରୁ ଲୁଚି ପଳାଇ ଯାନ୍ତି ନାହିଁ। ଏହାର କାରଣ ହେଉଛି ଏଠାକାର ସମାଜର ପ୍ରଚଳିତ ନିୟମ ଏବଂ ସେମାନଙ୍କ ଚିନ୍ତାଧାରା। ଏହି କାରାଗାରଗୁଡ଼ିକୁ ନାଇଟ୍ ଜେଲ କୁହାଯାଏ। ଏଠାରେ କଏଦୀମାନେ ଦିନରେ ବାହାରକୁ ଯାଆନ୍ତି। କେବଳ ସେତିକି ନୁହେଁ, କଏଦୀମାନେ ଦିନରେ ଚାକିରି କରିବା ସହ ପାଠପଢ଼ିବା, ଦକ୍ଷତାବିକାଶ ପ୍ରଶିକ୍ଷଣରେ ସାମିଲ ହେବା ସହ ବାହାରର କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥାନ୍ତି। ସନ୍ଧ୍ୟା ହେବା ମାତ୍ରେ ସବୁ କଏଦୀ ପୁଣିଥରେ କାରାଗାରକୁ ଫେରି ଆସନ୍ତି। ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ରଖିଥାଏ। ତେବେ ଗ୍ରୀନ୍‌ଲାଣ୍ଡର ସମୁଦାୟ ଜନସଂଖ୍ୟା ୫୭ ହଜାର ରହିଛି। ଏଠାରେ ପ୍ରତ୍ୟେକ ଲୋକ ପ୍ରତ୍ୟେକ ଲୋକଙ୍କୁ ଚିହ୍ନିଥାନ୍ତି। ତେଣୁ କୌଣସି କଏଦୀ ଏଠାରେ ନିୟମ ଭାଙ୍ଗିଲେ କିମ୍ବା ଖସି ପଳାଇବାକୁ ଉଦ୍ୟମ କଲେ, ତାଙ୍କ ଖବର ସମ୍ପୂର୍ଣ୍ଣ ଅଞ୍ଚଳରେ ବ୍ୟାପିଯାଏ। ଏପରିସ୍ଥଳେ କୌଣସି କଏଦୀ ଲୁଚି ରହିବା ଅସମ୍ଭବ। ଗ୍ରୀନଲ୍ୟାଣ୍ଡରେ ଏହି ନ୍ୟୁକ୍ ଜେଲ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ କଏଦୀଙ୍କୁ ଖାଦ୍ୟ ପ୍ରସ୍ତୁତି କରିବାର ସ୍ୱାଧୀନତା ମଧ୍ୟ ରହିଛି। ସେହିପରି ସେମାନଙ୍କୁ ଫୋନ୍ ବ୍ୟବହାର କରିବା ଏବଂ ପରିବାର ସମ୍ପର୍କରେ ରହିବାର ଅନୁମତି ମଧ୍ୟ ରହିଛି। କଏଦୀମାନେ ସମାଜରୁ ନିଜକୁ ପୃଥକ୍ ମନେ ନ କରିବା ପାଇଁ ଏହି ବ୍ୟବସ୍ଥା ରହିଛି। ପୂର୍ବରୁ ଗମ୍ଭୀର ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କୁ ଡେନମାର୍କ ପଠାଯାଉଥିଲା। ଏବେ ନୀତି ବଦଳି ଯାଇଛି। ଏବେ ଦେଶ ମଧ୍ୟରେ କଏଦୀମାନଙ୍କୁ ରଖାଯାଉଛି। ଏପରି କରିବାର ବିଶେଷତ୍ୱ ହେଉଛି କଏଦୀମାନେ ନିଜ ଦେଶ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିବେ। ତେବେ ଏଠାରେ ଏପରି ଜେଲ୍ ନିର୍ମାଣର ଉଦ୍ଦେଶ୍ୟ କଏଦୀଙ୍କୁ ଏକ ଉନ୍ନତ ଜୀବନ ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା।



## ଆଜିର ଇତିହାସ

- ୧୯୧୬- ପ୍ରଥମ ବିଶ୍ୱଯୁଦ୍ଧରେ ଫ୍ରାନ୍ସ ଉପରେ ଜର୍ମାନୀ ପ୍ରଥମ ଥର ଆକ୍ରମଣ କଲା।
- ୧୯୩୯- ରାମକୃଷ୍ଣ ମିଶନ ସାଂସ୍କୃତିକ ସଂସ୍ଥାନର ସ୍ଥାପନା।
- ୧୯୫୩- ସଙ୍ଗୀତ ନାଟକ ଏକାଡେମୀର ସ୍ଥାପନା।
- ୧୯୮୮- ବ୍ରିଟେନର ଏକ ବୋଇଂ ବିମାନ ୩୬ ଘଣ୍ଟାରେ ବିଶ୍ୱ ପରିକ୍ରମା କଲା।
- ୧୯୯୪- ଭାରତ ସରକାର 'ଏୟାର୍ କର୍ପୋରେସନ୍ ଆକ୍ଟ'କୁ ରଦ୍ଦ କରିଦେଲେ।
- ୨୦୦୩- ହିମାଚଳ ପ୍ରଦେଶ ବିଧାନସଭାକୁ ଭାଙ୍ଗି ଦିଆଗଲା।

## ଫୁଟ୍‌ବଲ୍ ସହ ୨୮ ଘଣ୍ଟା



ଜଣେ ଫୁଟ୍‌ବଲ୍ ଖେଳାଳି ଏମିତି ଏକ କାରନାମା କରି ଦେଖାଇଛନ୍ତି, ଯାହା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସ୍ୱିଡେନ୍‌ର ଫୁଟବଲ ଖେଳାଳି ଡାନିଏଲ ଯାକୋବ ୨୮ ଘଣ୍ଟା ପର୍ଯ୍ୟନ୍ତ ଫୁଟ୍‌ବଲର ଭାରସାମ୍ୟ ପବନରେ ରକ୍ଷା କରିଥିଲେ। ଏହି ସମୟ ମଧ୍ୟରେ ତାଙ୍କ ଫୁଟ୍‌ବଲ୍ ଆଦୌ ଭୂମିକୁ ସ୍ପର୍ଶ କରି ନ ଥିଲା। ସେ ବଲ୍‌କୁ ସନ୍ତୁଳିତ ପାଇଁ କେବଳ ହାତର ଉପଯୋଗ କରି ନାହାନ୍ତି ବରଂ ପାଦ, ଛାତି, ମୁଣ୍ଡ ଓ ଆଣ୍ଠୁ ସାହାଯ୍ୟରେ ପବନରେ ନିୟନ୍ତ୍ରଣରେ ରଖିଥିଲେ। ଏହିପ୍ରକାରରେ ସେ ଫୁଟ୍‌ବଲ୍‌କୁ ୨୮ ଘଣ୍ଟା ୧୨ ମିନିଟ୍ ଏବଂ ୨ ସେକେଣ୍ଡ ପର୍ଯ୍ୟନ୍ତ ଭୂମିରେ ସ୍ପର୍ଶ କରିବାକୁ ଦେଇ ନ ଥିଲେ। ତେବେ ଡାନିଏଲ ଏଥିପାଇଁ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ଏହି ରେକର୍ଡ ସ୍ୱିଡେନର ଲିଙ୍କୋପିଙ୍ଗ ସହରରେ ଗତବର୍ଷ ମେ ୩୧ ତାରିଖରେ କରିଥିଲେ। ଡାନିଏଲ ଏହି ରେକର୍ଡ ସମୟରେ ପ୍ରତି ୩ ଘଣ୍ଟାରେ ୧୫ ମିନିଟ୍ ଲେଖାଏଁ ବ୍ରେକ୍ ନେଉଥିଲେ। ପୂର୍ବରୁ ଏହି ରେକର୍ଡ ବ୍ରିଟେନର ଡାନ୍ ମାଗନେସ୍‌ଙ୍କ ନାମରେ ଥିଲା। ସେ ୨୦୧୦ ମସିହାରେ ଲଗାତାର ୨୬ ଘଣ୍ଟା ଧରି ଫୁଟ୍‌ବଲ୍‌କୁ ଭୂମିରେ ସ୍ପର୍ଶ ହେବାକୁ ଦେଇ ନ ଥିଲେ।



## ସବୁଠୁ ଦାମୀ ଆଚାର

ଅନେକ ଭାତ ସହ ଆଚାର ଖାଇବାକୁ ପସନ୍ଦ କରୁଥିବାବେଳେ କେହିକେହି ଏହାକୁ ରୁଟି, ପରଟା ସହ ମଧ୍ୟ ଖାଇବାକୁ ଭଲ ପାଇଥାନ୍ତି। ବିଶ୍ୱର ସବୁଠୁ ଦାମୀ ଆଚାର ଭାବେ '୨୪ କ୍ୟାରେଟ୍' ଆଚାର ପରିଚିତ। ଆମେରିକୀୟ ରିଆଲିଟି ଶୋ' 'ମୋଷ୍ଟ ଏକ୍ସପେନ୍‌ସିଭିଏଷ୍ଟ' ପାଇଁ ଏହି ଆଚାର ପ୍ରସ୍ତୁତ କରାଯାଇଥିଲା। ଏହାକୁ ପ୍ରିମିୟମ୍ ବ୍ରାଣ୍ଡ ' ଦ ରିଅଲ ଡିଲ୍' ତରଫରୁ ପ୍ରସ୍ତୁତ କରାଯାଇଥିଲା। ଏହା ୨୪ କ୍ୟାରେଟ୍ ସୁନାରୁ ପ୍ରେରିତ ହୋଇଥିଲା। ଭାରତୀୟ ମୁଦ୍ରାରେ ଏହି ଆଚାରର ମୂଲ୍ୟ ୧, ୩୯, ୭୪୫ ଟଙ୍କା ଥିଲା। ଏଥିରେ ଗାଜରର ବ୍ୟବହାର କରାଯାଇଥିଲା। ଏହାକୁ ଜେମ୍‌ଷ୍ଟୋନ୍ ଭଳି ଆକାର ଦିଆଯାଇଥିଲା। ସେହିଭଳି ଏଥିରେ ସାମ୍ପେନ୍ ଭିନେଗାର, ଓରେଗନ୍ ସି ସଲ୍ଟ, ଇରାନୀ କେଶର, ଫ୍ରେଞ୍ଚ୍ ଲଙ୍କା, ମେକ୍ସିକାନ୍ ବିନ୍‌ସ ଭଳି ଦାମୀ ଜିନିଷ ପଡ଼ିଥିଲା। ତେବେ ଏହି ଆଚାର କେବଳ ଏହି ଶୋ ପାଇଁ ହିଁ ପ୍ରସ୍ତୁତ କରାଯାଇଥିଲା। ବଜାରରେ ଏହା ବିକ୍ରି କରାଯାଇ ନ ଥିଲା।

## ପ୍ରତିଦିନ କେତେ ତେଲ ଖାଇବା ଦରକାର



ଭାରତୀୟ ଖାଦ୍ୟଗୁଡ଼ିକରେ ତେଲର ଖୁବ୍ ଗୁରୁତ୍ୱ ରହିଛି। ହେଲେ ଆବଶ୍ୟକତା ଠୁ ଅଧିକ ତେଲ ଶରୀର ପାଇଁ କ୍ଷତିକାରକ। ଜଣେ ସୁସ୍ଥ ବ୍ୟକ୍ତି ମାସକୁ ୫୦୦-୬୦୦ ମିଲିଲିଟର ତେଲ ବ୍ୟବହାର କରିବା ଉଚିତ। ସେହିପରି ରିଫାଇନ୍ ବଦଳରେ ସୋରିଷ ତେଲ କାହିଁକି ଉତ୍ତମ, ସେକଥା ବି ଅନେକ ଜାଣନ୍ତି ନାହିଁ। ଗତ କିଛି ବର୍ଷ ମଧ୍ୟରେ ରନ୍ଧା ତେଲକୁ ନେଇ ଅନେକ ଗବେଷଣା ସାମ୍ନାକୁ ଆସିଛି। ଯେଉଁଥିରେ ଖରାପ ତେଲକୁ ହୃଦୟ ପାଇଁ କ୍ଷତିକାରକ ବୋଲି କୁହାଯାଇଛି। ତେଣୁ ଏକଥା ଜାଣିବା ଜରୁରି ଯେ, ପ୍ରତିଦିନ ଆମେ କେଉଁ ପ୍ରକାର ତେଲ ବ୍ୟବହାର କରୁଛୁ ଏବଂ ଏହା ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଏ। ଫରିଦାବାଦ୍ ସ୍ଥିତ ମାରେଙ୍ଗୋ ହସ୍‌ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ଗଜିନ୍ଦର କୁମାର ଗୋଏଲ କହିଛନ୍ତି, 'ସବୁବେଳେ ସୀମିତ ମାତ୍ରାରେ ତେଲ ସେବନ କରିବା ଜରୁରି। ସେହିପରି ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୩ରୁ ୪ ଚାମଚ (୧୫-୨୦ ମିଲିଲିଟର) ତେଲରୁ ଅଧିକ ଖାଇବା ଅନୁଚିତ।' ଏହାର ଅର୍ଥ ହେଉଛି, ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଯଥେଷ୍ଟ। ସେହିପରି ୪ଜଣିଆ ପରିବାର ଲାଗି ୨ ଲିଟରରୁ ଅଧିକ ତେଲ ବ୍ୟବହାର କରିବା ଅନାବଶ୍ୟକ। ସୋରିଷ, ସୋୟା, ଅଲିଭ୍, ନଡ଼ିଆ ତେଲ ବ୍ୟତୀତ ବଜାରରେ ଅନେକ ତେଲ ମିଳିଥାଏ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠେ ଯେ, ଏଥିରୁ କେଉଁ ତେଲ ସ୍ୱାସ୍ଥ୍ୟ ଲାଗି ହିତକର। ତେବେ ସୋରିଷ, ସୂର୍ଯ୍ୟମୁଖୀ ଏବଂ ଅଲିଭ୍ ତେଲ ହୃଦୟ ସ୍ୱାସ୍ଥ୍ୟ ଲାଗି ଉତ୍ତମ ବିକଳ୍ପ। ହେଲେ ହୃଦୟ ସ୍ୱାସ୍ଥ୍ୟ ଲାଗି ସୋରିଷ ତେଲ ଉତ୍ତମ। ସେହିପରି ହୃଦୟ ପାଇଁ ସୂର୍ଯ୍ୟମୁଖୀ ତେଲ ବି ଉତ୍ତମ, କିନ୍ତୁ ଭାରତୀୟ ଖାଦ୍ୟ ଲାଗି ଅଲିଭ୍ ଅଏଲ ଠିକ୍ ନୁହେଁ। ସେହିଭଳି ରନ୍ଧା ତେଲରେ ରିଫାଇନ୍ ତେଲ ବ୍ୟବହାର କମ୍ କରିବା ଭଲ। ଏହି ତେଲ ଅଧିକ ତାପମାତ୍ରା ଏବଂ ରାସାୟନିକ ପ୍ରକ୍ରିୟାକରଣ ଦେଇ ଗତି କରେ। ଏହାଦ୍ୱାରା ଏଥିରେ ବିଷାକ୍ତ ତତ୍ତ୍ୱ ସୃଷ୍ଟି ହୋଇପାରେ। ଦୀର୍ଘ ସମୟ ଏହାର ସେବନ ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରୋଲ ବଢ଼ିପାରେ ଏବଂ ଏହା ହୃଦ୍‌ରୋଗର ବଡ଼ କାରଣ ବୋଲି କୁହାଯାଉଛି। ସେହିଭଳି ସବୁଦିନ ଅଧିକ ଡିପ୍ ଫ୍ରାଏଡ୍ ଖାଦ୍ୟ ଖାଇବା ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଏହାଦ୍ୱାରା ମୋଟାପଣ, ମଧୁମେହ, ସହ ହୃଦ୍‌ଘାତ ହେବା ଆଶଙ୍କା ଦ୍ୱିଗୁଣ ବଢ଼ିଯାଏ। ତେବେ ଜଣେ ସୁସ୍ଥ ଲୋକ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଖାଇବା ଦରକାର। ସେହିପରି ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ସଠିକ୍ ତେଲ ଓ ସୀମିତ ମାତ୍ରାରେ ତେଲ ବ୍ୟବହାର କରିବା ଜରୁରି ବୋଲି ଡାକ୍ତର ଗୋଏଲ କହିଛନ୍ତି। ତେବେ ଛାଣିବା ହେଉ କି ରାନ୍ଧିବା ପାଇଁ ତେଲକୁ ଥରେ ବ୍ୟବହାର କରିବା ଦରକାର।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନ ପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

## ଟିମ୍ ସେଫର୍ଟ ଓ ଡେଭନ କନୱେଙ୍କ ବିସ୍ଫୋରକ ବ୍ୟାଟିଂ

# ଚତୁର୍ଥ ଟି-୨୦ରେ ଜିତିଲା ନ୍ୟୁଜିଲାଣ୍ଡ

ବିଶାଖାପାଟଣା,୨୮ ।୧(ଏଜେନ୍ସି):

ଟିମ୍ ସେଫର୍ଟ ଓ ଡେଭନ କନୱେଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଶିବମ ଦୁବେଙ୍କ ଦୁର୍ଭାଗ୍ୟଜନକ ରନ୍‌ଆଉଟ ବଳରେ ଏଠାରେ ବୁଧବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଭାରତକୁ ପରାସ୍ତ କରିଛି । ସିରିଜ୍‌ରେ ପ୍ରଥମ ପରାଜୟ ସତ୍ତ୍ୱେ ଭାରତ ୩-୧ରେ ଅଗ୍ରଣୀ ରହିଛି । ସିରିଜ୍‌ର ପଞ୍ଚମ ତଥା ଶେଷ ମ୍ୟାଚ୍ ତିରୁଅନନ୍ତପୁରମରେ ଜାନୁଆରୀ ୩୧ରେ ଖେଳାଯିବ । ଏଠାରେ ୩୬ ବଲ୍‌ରୁ ୬୨ ରନ୍ କରିଥିବା ଟିମ୍ ସେଫର୍ଟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ୍‌ରେ ସେଫର୍ଟଙ୍କ ୬୨, କନୱେଙ୍କ ୨୩ ବଲ୍‌ରୁ ୪୪ ଓ ଡାରିଲ ମିଚେଲଙ୍କ ୧୮ ବଲ୍‌ରେ ୩୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୧୫ ରନ୍ କରିଥିଲା । ଜବାବରେ ଭାରତ ଆରମ୍ଭରୁ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇ ୧୮.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଶିବମ ଦୁବେ ମାତ୍ର ୨୩ ବଲ୍‌ରେ ୩ ଚୌକା ଓ ୭ ଛକା ସହ ସର୍ବାଧିକ ୬୫ ରନ୍ କରିଥିଲେ । ଏହି ସ୍କୋରରେ ସେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିଲାବେଳେ ଷ୍ଟ୍ରାଇକର ହର୍ଷିତ ରାଣା ମାରିଥିବା ଷ୍ଟ୍ରେଟ୍ ଡ୍ରାଇଭ୍ ସଟ୍‌ଟି ବୋଲର ମ୍ୟାଟ୍ ହେନରୀଙ୍କ ହାତକୁ ଛୁଇଁ ୱିକେଟରେ ବାଜିଥିଲା । କ୍ରିଜ୍‌ରେ ନ ଥିବା ଦୁବେ ୬୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ ଓ ଭାରତର ବିଜୟ ଆଶା ଧୂଳିସାତ ହୋଇଯାଇଥିଲା । ଅନ୍ୟ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ କେବଳ ରିଙ୍କୁ ସିଂ ୩୦ ବଲ୍‌ରୁ ୩୯, ସଞ୍ଜୁ ସାମସନ ୧୫ ବଲରୁ ୨୪ ରନ୍ କରି ଡବଲ ଫିଗର ଛୁଇଁଥିଲେ । ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ । ଦଳ ପକ୍ଷରୁ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା, ଦ୍ୱିତୀୟ ଓଭରରେ ସୂର୍ଯ୍ୟକୁମାର ଯାଦବ (୮), ହାର୍ଦ୍ଦିକ ପାଣ୍ଡ୍ୟା ୨, ହର୍ଷିତ ରାଣା



୯ ରନ୍ କରି ଆଉଟ ହୋଇଥିଲେ । ଏହି ମ୍ୟାଚ୍‌ରେ ଭାରତ ୫ଜଣ ବୋଲରଙ୍କୁ ଖେଳିବାର ସୁଯୋଗ ଦେଇଥିଲେ ମଧ୍ୟ ଅଲରାଉଣ୍ଡର ଅକ୍ଷର ପଟେଲ, ଇଶାନ କିଶାନ ଓ ଶ୍ରେୟସ ଆୟରଙ୍କୁ ଖେଳିବାକୁ ସୁଯୋଗ ଦେଇ ନ ଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ଦୁଇ ଓପନର ଡେଭନ କନୱେ ଓ ଟିମ୍ ସେଫର୍ଟ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ । ବିଶେଷକରି ସେଫର୍ଟଙ୍କ ବ୍ୟାଟରୁ ଚୌକା ଛକା ଦେଖିବାକୁ ମିଳିଥିଲା । ଫଳରେ ନ୍ୟୁଜିଲାଣ୍ଡ ୪.୩ ଓଭରରେ ୫୦ ଓ ୧୦ ଓଭରରେ ୧୦୮ ରନ୍ ଉଠାଇଥିଲା । କନୱେ ଓ ସେଇଫର୍ଟ ପାୱାରପ୍ଲେରେ ୭୧ ରନ୍ ଉଠାଇଥିଲେ । ଭାରତରେ ଏହା ପାୱାରପ୍ଲେରୁ ସର୍ବାଧିକ ରନ୍ ସଂଗ୍ରହ । ଦୁଇ ଓପନରଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଭ୍ରମଣକାରୀ ଦଳ ଓପନିଂ ୱିକେଟରୁ ୫୦ ବଲ୍‌ରେ ୧୦୦ ରନ୍ ଉଠାଇଥିଲା । ଓପନରଙ୍କ ମଧ୍ୟରୁ ପ୍ରଥମେ ଆଉଟ ହୋଇଥିବା କନୱେ ୨୩ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୪୪ ଏବଂ ସେଫର୍ଟ ୩୬ ବଲ୍‌ରେ ୭ ଚୌକା ଓ ୩ ଛକା ସହ ସର୍ବାଧିକ ୬୨ ରନ୍ କରିଥିଲେ । ଶେଷ ଭାଗରେ ଗ୍ଲେନ୍ ଫିଲିପ୍ସ ୧୬ ବଲ୍‌ରେ ୨୪ ଏବଂ ଡାରିଲ ମିଚେଲ ୧୮ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ୩୯ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିଥିଲା ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ: ୨୧୫/୭, ୨୦ ଓଭର (ସେଫର୍ଟ- ୬୨, କନୱେ- ୪୪, ମିଚେଲ ଅପରାଜିତ- ୩୯, ଫିଲିପ୍ସ-୨୪, ରବୀନ୍ଦ୍ର- ୨, ସାଣ୍ଟନର- ୧୧, ଚାପମ୍ୟାନ- ୯, ଅର୍ଶଦୀପ୍- ୨/୫୩, କୁଲଦୀପ୍- ୨/୩୯) ।

ଭାରତ: ୧୬୫/୧୦, ୧୮.୪ଓଭର (ଦୁବେ- ୬୫, ଅଭିଷେକ- ୦, ସୂର୍ଯ୍ୟକୁମାର- ୮, ସଞ୍ଜୁ-୨୪, ରିଙ୍କୁ- ୩୯, ପାଣ୍ଡ୍ୟା- ୨, ସାଣ୍ଟନର- ୩/୨୬, ଡଫି- ୨/୩୩, ସୋଧୀ- ୨/୪୬) ।

## ଆଇସିସି ଟି-୨୦ ର୍ୟାଙ୍କିଙ୍ଗ୍ | ସୂର୍ଯ୍ୟକୁମାରଙ୍କ ମାନ୍ୟତାରେ ଉନ୍ନତି

ଦୁବାଇ,୨୮ ।୧(ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ଟି-୨୦ ମାନ୍ୟତାରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମାନ୍ୟତାରେ ଉନ୍ନତି ହୋଇ ୭ମ ସ୍ଥାନରେ ପହଞ୍ଚିଛନ୍ତି । ଭାରତରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୩୨, ୮୨ ଓ ଅପରାଜିତ ୫୭ ରନ୍ କରିବା ପରେ ୧୦ ଦିନ ତଳେ ଫର୍ମରେ ନ ଥିବା ସୂର୍ଯ୍ୟକୁମାରଙ୍କ ଏହି ଉନ୍ନତି ହୋଇଛି । ଭାରତର ଅଭିଷେକ ଶର୍ମା ପୂର୍ବପରି ନଂ-୧ ସ୍ଥାନରେ ରହିଛନ୍ତି । ଆଘାତ ଯୋଗୁ ଏହି ସିରିଜ୍ ଖେଳୁ ନ ଥିଲେ ମଧ୍ୟ ତିଳକ ବର୍ମା ପୂର୍ବପରି ନଂ-୩ ପୋଜିସନରେ ରହିଛନ୍ତି ।



# ରିଙ୍କୁ ସିଂଙ୍କ ଚମତ୍କାର ଫିଲ୍ଡିଂ

ବିଶାଖାପାଟଣା,୨୮ ।୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି-୨୦ରେ ଭାରତ ଅତିକମ୍‌ରେ ୩ଟି କ୍ୟାଚ୍ ହାତଛଡ଼ା କରିଛି । କିନ୍ତୁ ଦଳର ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂ ଚମତ୍କାର ଫିଲ୍ଡିଂ କରି ଏକାକୀ ୪ଟି କ୍ୟାଚ୍ ନେଇଛନ୍ତି । ସେ ପ୍ରଥମେ ଦୁଇ ଓପନର କନୱେ ଓ ସେଇଫର୍ଟଙ୍କୁ କ୍ୟାଚ୍‌ଆଉଟ କରିଥିଲେ । ପରେ ବିପଜ୍ଜନକ ଗ୍ଲେନ୍ ଫିଲିପ୍ସ ଓ ଜାକାରୀ ଫୋକ୍ସଙ୍କୁ କ୍ୟାଚ୍ ଆଉଟ କରିଥିଲେ । ସେହିପରି ଅଧିନାୟକ ମିଚେଲ ସାଣ୍ଟନରଙ୍କୁ ଡାଇରେକ୍ଟ ହିଟ୍‌ରେ ରନ୍‌ଆଉଟ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା । ପ୍ରଥମ ଓଭରରେ ସେଇଫର୍ଟଙ୍କ କ୍ୟାଚ୍ ବୁମ୍‌ରା ଧରିଥିଲେ ସ୍ଥିତି ଭିନ୍ନ ହୋଇଥାନ୍ତା ।

## ଜେମିମା ରୋଡ୍ରିଗ୍ସେଜଙ୍କୁ ୧୨ ଲକ୍ଷ ଜରିମାନା



ଭଦୋଦରା, ୨୮ ।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଉଥିବା ଜେମିମା ରୋଡ୍ରିଗ୍ସେଜଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନ କରାଯାଇଛି । ମଙ୍ଗଳବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର ବୋଲିଂ କରିଥିବାରୁ ଦିଲ୍ଲୀ ଅଧିନାୟିକାଙ୍କ ଉପରେ ଏହି ଅର୍ଥଦଣ୍ଡ ଲାଗିଛି । ଚଳିତ ସିଜନରେ ଦିଲ୍ଲୀ ଦଳର ଏହା ପ୍ରଥମ ସ୍ଲୋ ଓଭର ବୋଲିଂ ଥିଲା । ତେଣୁ ଡବ୍ଲ୍ୟୁପିଏଲ୍‌ର ଆଚରଣ ସଂହିତା ଅନୁଯାୟୀ ଜେମିମାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି ବୋଲି ଡବ୍ଲ୍ୟୁପିଏଲ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି । ଗୁଜରାଟ ବିପକ୍ଷ ଏହି ମ୍ୟାଚରେ ଦିଲ୍ଲୀ ନାଟକୀୟ ଭାବେ ଶେଷରେ ୩ ରନରେ ପରାସ୍ତ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚରୁ ୬ ପଏଣ୍ଟ ପାଇ ଦିଲ୍ଲୀ ପାଞ୍ଚଦଳୀୟ ଟେବଲ୍ ତାଲିକାର ୬ଷ୍ଠ ସ୍ଥାନରେ ରହିଛି । ଶେଷ ଲିଗ୍‌ରେ ଦଳ ଫେବ୍ରୁଆରୀ ୧ ତାରିଖରେ ୟୁପି ୱାରିୟର୍ଜଙ୍କୁ ଭେଟିବ । ଏହି ମ୍ୟାଚରେ ବିଜୟୀ ହୋଇ ଶୀର୍ଷ-୩ରେ ପ୍ରବେଶ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ରହିଛି ।

## ସିନ୍ଧୁଙ୍କ ନାମରେ ଦ୍ରୁତତମ ସ୍ମାଶ୍



ନୂଆଦିଲ୍ଲୀ, ୨୮ ।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମହିଳା ବ୍ୟାଡ୍‌ମିଣ୍ଟନ ଇତିହାସରେ ଦ୍ରୁତତମ ସ୍ମାଶ୍ ମାରିଛନ୍ତି । ନିକଟରେ ଶେଷ ହୋଇଥିବା ଇଣ୍ଡୋନେସିଆ ମାଷ୍ଟର୍ସରେ ସିନ୍ଧୁ ଏହି ରେକର୍ଡ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ମହିଳା କ୍ୱାର୍ଟରରେ ସିନ୍ଧୁଙ୍କ ମୁକାବିଲା ଥାଇଲାଣ୍ଡର ବୁସାନାନ ଓଙ୍ଗବାମରଙ୍ଗଫାନଙ୍କ ସହ ହୋଇଥିଲା । କ୍ୱାର୍ଟର ଫାଇନାଲର ଏହି ଲଢ଼େଇ ଅବସରରେ ସିନ୍ଧୁ ଏକ ଜୋରଦାର ରିଟର୍ଣ୍ଣ ସଟ୍ ଖେଳିଥିଲେ । ଏହି ସ୍ମାଶର ଘଣ୍ଟାପ୍ରତି ବେଗ ୩୮୦ କିମି ରହିଥିଲା । ମହିଳା ସିଙ୍ଗଲ୍ସରେ ଦ୍ରୁତତମ ସ୍ମାର୍ଶ ମାରିବାରେ ସିନ୍ଧୁଙ୍କ ପଛକୁ ବୁସାନାନ ୨ୟ ସ୍ଥାନରେ ରହିଛନ୍ତି । ବୁସାନାନ ୩୭୩.୫ କିମି ବେଗରେ ସ୍ମାଶ୍ କରିଥିଲେ । ଅପରପକ୍ଷରେ ପୁରୁଷ ବିଭାଗରେ ୪୪୬.୧ କିମି ବେଗରେ ସ୍ମାଶ୍ କରି ଥାଇଲାଣ୍ଡର ପାନିତଚାପୋନ ଟୀରାରସ୍କୁଲ ତାଲିକାର ଶୀର୍ଷରେ ରହିଛନ୍ତି । ଭାରତର ଲକ୍ଷ୍ୟ ସେନ୍ (୪୧୯ କିମି) ପୁରୁଷ ବିଭାଗରେ ୭ମ ସ୍ଥାନରେ ରହିଛନ୍ତି ।

## ଟି-୨୦ ବିଶ୍ୱକପ୍ | ନେଦରଲାଣ୍ଡ୍ସକୁ ଐତିହାସିକ ଯୋଗ୍ୟତା



କାଠମାଣ୍ଡୁ,୨୮ ।୧(ଏଜେନ୍ସି): ନେଦରଲାଣ୍ଡ୍ସ ମହିଳା କ୍ରିକେଟ ଟିମ୍ ପ୍ରଥମଥର ଲାଗି ଟି-୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଇଂଲଣ୍ଡ ଓ ସ୍କଟଲାଣ୍ଡରେ ଏହି ବିଶ୍ୱକପ୍ ଜୁନ୍ ୧୨ରୁ ଆରମ୍ଭ ହେବ । ନେପାଳର କୀର୍ତ୍ତିପୁରଠାରେ ଚାଲିଥିବା ଗ୍ଲୋବାଲ କ୍ୱାଲିଫାୟର୍ସରେ ନେଦରଲାଣ୍ଡ୍ସ ୨୧ ରନ୍‌ର ଡିଏଲ୍‌ଏସ୍ ମେଥଡ଼ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରି ଐତିହାସିକ ଯୋଗ୍ୟତା ଅର୍ଜନ କରିଛି । ଏହି ମୁକାବିଲାରେ ନେଦରଲାଣ୍ଡ୍ସ ୧୩୦ ରନ୍‌ର ଲକ୍ଷ୍ୟକୁ ପିଛା କରି ୧୨ ଓଭରରେ ୨ ୱିକେଟ ହରାଇ ୯୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ନ ଥିଲା । ଏଣୁ ଡିଏଲ୍‌ଏସ୍ ମେଥଡ଼ରେ ଦଳକୁ ବିଜୟୀ ଘୋଷିତ କରାଯାଇଛି । ଗ୍ରୁପ୍ ପର୍ଯ୍ୟାୟରେ ଜିମ୍ବାୱେ, ସ୍କଟଲାଣ୍ଡ, ନେପାଳ ଓ ଥାଇଲାଣ୍ଡକୁ ହରାଇ ନେଦରଲାଣ୍ଡ୍ସ ଶୀର୍ଷସ୍ଥାନରେ ରହିଥିଲା । ସୁପରସିକ୍ସର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ହରାଇ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲାବେଳେ ଆୟର୍ଲାଣ୍ଡ ଓ ବାଂଲାଦେଶ ସହ ମ୍ୟାଚ୍ ଖେଳିବ । ଥାଇଲାଣ୍ଡକୁ ହରାଇ ବାଂଲାଦେଶ ମଧ୍ୟ ଟି-୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି । ଏହି ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା ସିଧାସଳଖଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି । ଆଉ ୨ଟି ସ୍ଥାନ ଲାଗି ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ଆମେରିକା ଓ ଥାଇଲାଣ୍ଡ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ଅଲିଭରଙ୍କ ଶତକ; ସେମିରେ ଅଷ୍ଟ୍ରେଲିଆ

ହରାରେ, ୨୮ ।୧ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳ ଏହାର ବିଜୟ ଧାରା ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛି । ବୁଧବାର ଅଷ୍ଟ୍ରେଲିଆ ଏହାର ୨ୟ ସୁପର-୬ ମ୍ୟାଚରେ ୨୨ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି । ଏଥିପୂର୍ବରୁ ପ୍ରଥମ ସୁପର୍-୬ ମୁକାବିଲାରେ ଅଷ୍ଟ୍ରେଲିଆ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେଇଥିଲେ । ଫେବ୍ରୁଆରୀ ୩ ଓ ୪ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ ।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଅଲିଭର ପିକ୍‌ଙ୍କ ଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୩୧୪ ରନ କରିଥିଲା । ପିକ୍ ୧୧୭ ବଲରେ ୧୦୯ ରନର ଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀତେଶ ସାମୁଏଲ୍ ୫୬, ୱିଲ୍ ମାଲାଜକ୍ ୪୮ ଓ ଆଲେକ୍ସ ଲି ୟଙ୍ଗ୍ ୪୫ ରନ କରିଥିଲେ । ଜବାବରେ ୱେଷ୍ଟଇଣ୍ଡିଜ ଅଧିନାୟକ ଜୋଶୁଆ ଡ୍ରୋନ (୬୨) ଓ ଜାଚାରୀ କାର୍ଟର (୬୪)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୯୨ ରନ କରିବାକୁ ସମର୍ଥ ହୋଇଥିଲା ।

## ‘ପାକିସ୍ତାନ ବିଶ୍ୱକପ୍ ଖେଳୁ କି ନଖେଳୁ ଅଷ୍ଟ୍ରେଲିଆ ସିରିଜ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ’

ଲାହୋର,୨୮ ।୧(ଏଜେନ୍ସି): ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲିଠାରୁ ଏଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ । ଏହି ସିରିଜ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଏକ ୧୭ ଜଣିଆ ଅଷ୍ଟ୍ରେଲିଆ ଦଳ ଏଠାରେ ଆଜି ପହଞ୍ଚିଛନ୍ତି । ଲାହୋରରେ ସମସ୍ତ ମ୍ୟାଚ୍ ଖେଳାଯିବ । ଜାନୁଆରୀ ୩୧ ଓ ଫେବୃଆରୀ ୧ରେ ଶେଷ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆମକୁ ଏକ କ୍ୱାଲିଟି ଦଳ ବିପକ୍ଷରେ ଖେଳି ନିଜର ଦୋଷ ଓ ଦୁର୍ବଳତା ସମ୍ପର୍କରେ ଅବଗତ ହୋଇପାରିବୁ ବୋଲି ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା କହିଛନ୍ତି । ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ଏହି ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି । ପାକିସ୍ତାନ ଏହି ବିଶ୍ୱକପ୍ ଖେଳିବ କି ନାହିଁ ତାହା ଆସନ୍ତା ଶୁକ୍ରବାର କିମ୍ବା ସୋମବାର କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭି ଘୋଷଣା କରିବେ । ଏ ସମ୍ପର୍କରେ ପାକିସ୍ତାନ ଅଧିନାୟକ ସଲମାନ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । କିନ୍ତୁ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆ ସିରିଜ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।


## ଜାତୀୟ ଜୁନିଅର ବୋସିଆ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର, ୨୮ ।୧ (ସମିସ): ଅହମ୍ମଦାବାଦ୍‌ଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବୋସିଆ ଚାମ୍ପିଅନସିପ୍ ଲାଗି ମନୋନୀତ ଓଡ଼ିଶା ଦଳ ସେଠାରେ ପହଞ୍ଚିଛନ୍ତି । ଏଥର ଦଳରେ ୧୧ଜଣ ଖେଳାଳି ଓ ଅନ୍ୟ ୫ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି । ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନଙ୍କ ମତରେ ଏଥର ଆମ ପ୍ରତିଯୋଗୀମାନେ ଭଲ ପ୍ରଶିକ୍ଷଣ ନେଇଛନ୍ତି । ଏଣୁ ଆମେ ଅଧିକ ପଦକ ଜିତିବୁ ବୋଲି ଆଶା ରଖିଛୁ । ଦଳରେ ସ୍ଥାନ ପାଇଥିବା ପ୍ରତିଯୋଗୀମାନେ ହେଲେ, ରାମଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ବେହେରା, ବିଶ୍ୱଜିତ୍ ସାହୁ, ମିଲଟନ ପୋଥାଲ, ହେମନ୍ତ କୁମାର ସେଠୀ, ସୁଧୀର ମଲିକ, ସୋନାଲି ଓଝା, ଦମୟନ୍ତୀ ଓଝା, ସଜିତା ସାହୁ, ଗୀତାଞ୍ଜଳି ସ୍ୱାଇଁ । କେ. ଜଗନ୍ନାଥ ରେଡ୍ଡୀ କୋଚ୍ ଓ ରାକେଶ ଚନ୍ଦ୍ର ବେହେରା ମ୍ୟାନେଜର ଭାବେ ଦଳ ସହ ରହିଛନ୍ତି । ଶିଳ୍ପା ଷଡଙ୍ଗୀ, କୁମାର ଶୁଭମ ଓ ଗୌରବ ପ୍ରଦୀପ ପାୱାର ମଧ୍ୟ ଦଳ ସହ ରହିଛନ୍ତି ।

## ଆଇ-ଲିଗ୍ ଫେବୃଆରୀ ୨୧ରୁ

ନୂଆଦିଲ୍ଲୀ,୨୮ ।୧(ଏଜେନ୍ସି): ଭାରତର ଦ୍ୱିତୀୟ ଡିଭିଜନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଇ-ଲିଗ୍ ଫେବୃଆରୀ ୨୧ରୁ ଆରମ୍ଭ ହେବ । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟର ନାମ ଆଇ-ଲିଗ୍ ପରିବର୍ତ୍ତେ ଇଣ୍ଡିଆନ ଫୁଟବଲ ଲିଗ୍ ନାମକରଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଆଇଏଫଏଫ୍‌ର ସ୍ୱୀକୃତି ପାଇଲେ ଟୁର୍ଣ୍ଣାମେଣ୍ଟର ନାମ ପରିବର୍ତ୍ତନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟ ଚଳିତ ସିଜନରେ ଦୁଇଟି ପର୍ଯ୍ୟାୟରେ ଖେଳାଯିବ । ପ୍ରଥମ ପର୍ଯ୍ୟାୟଟି ହେଉଛି ଲିଗ୍, ଦ୍ୱିତୀୟଟି ହେଉଛି ଚାମ୍ପିଅନସିପ୍/ରେଲେଗେସନ ରାଉଣ୍ଡ । ଏହି ଫର୍ମାଟ ୨୦୨୦-୨୧ ଏବଂ ୨୦୨୧-୨୨ ସିଜନରେ ଖେଳାଯାଇଥିଲା । ଏଥର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ । ଏହା ମଧ୍ୟରୁ ପଏଣ୍ଟ ତାଲିକାରେ ପ୍ରଥମ ୬ଟି ସ୍ଥାନରେ ଥିବା ଦଳ ଚାମ୍ପିଅନସିପ୍ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବେ । ଅନ୍ୟ ୬ଟି କ୍ଲବ୍ ରେଲେଗେସେନ ରାଉଣ୍ଡକୁ ଖସିବେ ।



### ରଣଜୀ ଟ୍ରଫି

## ଆଜିଠୁ ଓଡ଼ିଶା-ଝାଡ଼ଖଣ୍ଡ ଲଢ଼େଇ

କଟକ,୨୮ ।୧(ସମିସ): ଚଳିତ ରଣଜୀ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ ସହିତ ଓଡ଼ିଶା ନକଆଉଟ୍ ଦୌଡ଼ରୁ ବାଦ୍ ପଡ଼ି ସାରିଛି । ଗୁରୁବାରଠାରୁ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବା ବେଳେ ଓଡ଼ିଶା ଝାଡଖଣ୍ଡକୁ ଭେଟିବ । ଜାମସେଦପୁରର କିନନ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ୬ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୪ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ସହିତ ଓଡ଼ିଶା ମାତ୍ର ୭ ପଏଣ୍ଟ ସଂଗ୍ରହ କରି ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି । ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ର ଫଳାଫଳ କୌଣସି ପ୍ରଭାବ ପକାଇବ ନାହିଁ ।

ଓଡ଼ିଶା ଏବଂ ଝାଡଖଣ୍ଡ ଗତ ୧୯ ବର୍ଷ ଭିତରେ ୫ଥର ମୁହାଁମୁହିଁ ହୋଇଛନ୍ତି । ଝାଡଖଣ୍ଡ ୨ଟି ଏବଂ ଓଡ଼ିଶା ଗୋଟିଏ ମ୍ୟାଚ୍ ଜିତିଛି । ଅବଶିଷ୍ଟ ୨ଟି ମ୍ୟାଚ୍ ଡ୍ର ରହିଛି । ୨୦୨୦ ସଂସ୍କରଣରେ ଶେଷଥର ମୁକାବିଲାରେ ମ୍ୟାଚ୍ ଅମୀମାଂସିତ ରହିଥିଲା । ୧୩ବର୍ଷ ପୂର୍ବେ ଓଡ଼ିଶା ୯ ୱିକେଟରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା । ଦୀର୍ଘବର୍ଷ ପରେ ଓଡ଼ିଶା ପୁର୍ନବାର ଝାଡ଼ଖଣ୍ଡ ବିପକ୍ଷରେ ବିଜୟ ପଏଣ୍ଟ ହାସଲ କରିବା ଆଶାରେ ରହିଛି । ତେବେ ଚଳିତ ସଂସ୍କରଣରେ ୬ଟି ମ୍ୟାଚ୍‌ରୁ ୨୫ ପଏଣ୍ଟ ସଂଗ୍ରହ କରିଥିବା ଝାଡ଼ଖଣ୍ଡ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ

**ନକ୍‌ଆଉଟ୍ ଦୌଡରୁ ବାଦ୍ ପଡ଼ି ସାରିଛି ଓଡ଼ିଶା**

**୧୩ବର୍ଷ ପରେ ଝାଡ଼ଖଣ୍ଡକୁ ହରାଇବା ଲକ୍ଷ୍ୟ**


ରହି ନକଆଉଟ ଦୌଡ଼ରେ ରହିଛି । ଶିଖର ମୋହନ(୪୯୭ରନ), କୁମାର କୁସର୍ଗ(୪୭୩ ରନ), ଶରଣଦୀପ ସିଂହ(୪୬୮ ରନ), ଅଧିନାୟକ ବିରାଟ ସିଂହ(୩୭୪ ରନ)ଙ୍କ ଭଳି ଚର୍ଚ୍ଚିତ ବ୍ୟାଟରଙ୍କ ସହଯୋଗରେ ଝାଡଖଣ୍ଡର ବ୍ୟାଟିଂ ଲାଇନଅପ ଶକ୍ତିଶାଳୀ ହୋଇଛି । ସ୍ପିନର ଅନୁକୂଳ ରାୟ ୨୨ଟି ୱିକେଟ ଅକ୍ତିଆର କରି ଚଳିତ ସିଜନରେ ଦଳର ପ୍ରମୁଖ ବୋଲର ସାବ୍ୟସ୍ତ ହୋଇଛନ୍ତି । ତେବେ ନିୟମିତ ଅଧିନାୟକ ଇଶାନ କିଶାନ ଜାତୀୟ ଦଳରେ ଥିବାରୁ ଏହି ମ୍ୟାଚରେ ଖେଳିବେ ନାହିଁ । ଅନ୍ୟପକ୍ଷରେ ତାମିଲନାଡୁଠାରୁ ଗତ ମ୍ୟାଚ୍‌ରେ ଶୋଚନୀୟ ଭାବେ ପରାଜୟ ପରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି । ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୬୦ ରନ) ଏବଂ ଓପନର ସ୍ୱସ୍ତିକ ସାମଲ (୪୦୪ ରନ) ଆଖିଦୃଶିଆ ପ୍ରଦର୍ଶନ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ଠାରୁ ଉପଯୋଗୀ ପାଳି ଦେଖିବାକୁ ମିଳିନାହିଁ । ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ । ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି । ସେହିପରି ରାଜେଶ ମହାନ୍ତି, ସମ୍ବିତ ବରାଳ, ତାପସ ଦାସ ଦଳର ପେସ୍ ଆଟାକ ଏବଂ ବାଦଲ ବିଶ୍ୱାଳ, ସୁମିତ ଶର୍ମା ଦଳର ସ୍ପିନ୍ ଆଟାକ ସମ୍ଭାଳିବେ ।

### ଅଷ୍ଟ୍ରେଲିଆନ୍ ଓପନ୍

## ସେମିରେ ଭାଗ୍ୟଶାଳୀ ଜୋକୋଭିଚ୍

ମେଲବୋର୍ଣ୍ଣ, ୨୮ ।୧ (ଏଜେନ୍ସି):

ରେକର୍ଡ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୪ର୍ଥ ସିଡ୍ ଜୋକୋଭିଚ୍‌ଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟ୍ଟିଙ୍କ ସହ ହୋଇଥିଲା । ପଞ୍ଚମ ସିଡ୍ ମୁସେଟ୍ଟି ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ଯଥାକ୍ରମେ ୬-୪, ୬-୩ରେ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ରହିଥିଲେ । ତୃତୀୟ ସେଟ୍‌ରେ ଜୋକୋଭିଚ୍ ୩-୧ରେ ଆଗୁଆ ଥିବାବେଳେ ମୁସେଟ୍ଟି ଆଘାତ ପାଇ ବାଧ୍ୟ ହୋଇ ରିଟାୟର୍ଡ ନେଇଥିଲେ । ଫଳରେ ୦-୨ରେ ପଛୁଆ ରହିଥିବା ଜୋକୋଭିଚ୍‌ଙ୍କୁ ୱାକଓଭର ମିଳିଥିଲା । ଏଥିସହ ମେଲବୋର୍ଣ୍ଣ ପାର୍କରେ ୧୦୩ତମ ବିଜୟ ଲାଭ କରି ଜୋକୋଭିଚ ସେମିଫାଇନାଲରେ



ପ୍ରବେଶ କରିଛନ୍ତି । ଓପନ୍ ଏରାରେ ଅଷ୍ଟ୍ରେଲିଆନ ଓପନରେ ସର୍ବାଧିକ ମ୍ୟାଚ୍ ଜିତିବାରେ ରୋଜର ଫେଡରର (୧୦୨)ଙ୍କୁ ସେ ପଛରେ ପକାଇଦେଇଛନ୍ତି । ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନରଙ୍କ ସହ ହେବ । ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୪, ୬-୪ ସେଟରେ ଆମେରିକାର ବେନ୍ ଶେଲଟନଙ୍କୁ ପରାସ୍ତ କରିଥିଲେ ।

## ରିବାକିନା-ପେଗୁଲା ସେମି ଲଢ଼େଇ

ଅପରପକ୍ଷରେ ବୁଧବାର ମହିଳା ସିଙ୍ଗଲ୍ସ ବିଭାଗର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ୫ମ ସିଡ୍ ଏଲିନା ରିବାକିନା ଓ ୬ଷ୍ଠ ସିଡ୍ ଜେସିକା ପେଗୁଲା ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । କାଜାଖସ୍ତାନ ତାରକା ରିବାକିନା ୭-୫, ୬-୧ ସିଧାସଳଖ ସେଟରେ ୨ୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ହରାଇଥିଲେ । ସେହିଭଳି ୪ର୍ଥ ସିଡ୍ ଆମାଣ୍ଡା ଆନିସିମୋଭା ୨-୬, ୬-୭ (୧) ସେଟରେ ପେଗୁଲାଙ୍କ ନିଟକରୁ ପରାସ୍ତ ହୋଇଥିଲେ । ଗୁରୁବାର ମହିଳା ବିଭାଗର ଦୁଇଟି ଯାକ ସେମିଫାଇନାଲ ଖେଳାଯିବ । ଆରିନା ସାବାଲେଙ୍କା ଓ ଏଲିନା ସ୍ୱେତଲିନାଙ୍କ ମଧ୍ୟରେ ପ୍ରଥମ ଏବଂ ପେଗୁଲା ଓ ରିବାକିନାଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS